ରକ୍ତତୀର୍ଥ ଓଡ଼ିଶା

କାର୍ତ୍ତିକ ଦାଶ

Digitized by srujanika@gmail.com

ରକ୍ତତୀର୍ଥ ଓଡ଼ିଶା

(ଅମର ଓଡ଼ିଆ ଶହୀଦ୍ ମାନଙ୍କର ରୋମାଞ୍ଚକର ଜୀବନୀ)

ଉତ୍କଳ ମାତାର ସନ୍ତାନ ଆମେରେ
ରକ୍ତ ଚରଣେ ସିନ୍ଦୁରେ ଝଲ
ଯେତେ ଅନାଚାର ଅତ୍ୟାଚାରର
ଦୃପ୍ତବକ୍ଷେ ଆଘାତ କର

ଗୋଦାବରୀଶ

କାର୍ତ୍ତିକ ଦାଶ

Digitized by srujanika@gmail.com

ଭକ୍ତତୀର୍ଥ ଓଡ଼ିଶା

କାର୍ତ୍ତିକ ଦାଶ

ପ୍ରଥମ ପ୍ରକାଶ - ୧୯୯୯ (ଏକହଜାର)

ପ୍ରକାଶିକା :

ଶ୍ରୀମତୀ ସଂଯୁକ୍ତା ଦାଶ

ସାଭ ନଳସୁମ

ଶଙ୍ଖ ଶାସନ

ଚଣ୍ଡକା

ଖୋର୍ଦ୍ଧା

ପ୍ରାପ୍ତିସ୍ଥାନ :

ଜଗନ୍ନାଥ ରଥ/ସାରସ୍ୱତ ଭଣ୍ଡାର,

ବିନୋଦ ବିହାରୀ

କଟକ-୨

ମୁଦ୍ରଣ :

ମା' ଭାରତୀ ପ୍ରିଣ୍ଟର୍ସ

ଅଠାନ୍ତର

ଖୋର୍ଦ୍ଧା

ମୂଲ୍ୟ : ଟ ୧୦-୦୦

(ଦଶ ଟଙ୍କା ମାତ୍ର)

Digitized by srujanika@gmail.com

❋ ନିଜ କଥା ❋

ରକ୍ତତୀର୍ଥ ଓଡ଼ିଶା ୧୯୮୫ ମସିହାରେ ପ୍ରଥମେ ଜନ୍ମ ନେଇଥିଲା । ଅଳ୍ପଦିନ ମଧ୍ୟରେ ଏକହଜାର କପି ବିକ୍ରି ହୋଇଗଲା । ଅନେକ ସୁଧି ପାଠକ ଏଥିପାଇଁ ମତେ ସାଧୁବାଦ ଜଣାଇ ଚିଠି ଲେଖିଥିଲେ । ସେମାନଙ୍କ ନିକଟରେ ମୁଁ ଆନ୍ତରିକ କୃତଜ୍ଞତା ଜଣାଉଛି । ଭଗବାନଙ୍କ ଅଶେଷ କୃପାରୁ ରକ୍ତତୀର୍ଥ ଓଡ଼ିଶା ପୁସ୍ତକରେ ସନ୍ନିବେଶିତ ଓଡ଼ିଆ ଶହୀଦ୍ ମାନଙ୍କର ରୋମାଞ୍ଚକର ଜୀବନୀ ମଧ୍ୟରୁ ଆକାଶବାଣୀ କଟକ କେନ୍ଦ୍ରର ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟକ୍ରମ ତଥା ଦୂରଦର୍ଶନ ଭୁବନେଶ୍ୱରଙ୍କ ଦ୍ୱାରା ପ୍ରସ୍ତୁତ ଓ ପ୍ରସାରିତ ହୋଇସାରିଛି ।

ଆକାଶବାଣୀ କଟକ କେନ୍ଦ୍ର ପକ୍ଷରୁ ପ୍ରସ୍ତୁତ ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟକ୍ରମରେ ବାଣପୁରର ପରମ ବୀର ପୁରୁଷ କୃତ୍ତିବାସ ପାଟଶାଣୀଙ୍କ ଉପରେ ରଚିତ ଶିଶୁନାଟକ "ରକ୍ତତୀର୍ଥ" ଧୁମୁସର ବିଦ୍ରୋହୀ ଚକରା ବିଶୋୟୀଙ୍କ ଉପରେ ରଚିତ ନାଟିକା "ଧୁମୁସର ବାଘ" ଖୋର୍ଦ୍ଧା ମାଟିର "ଶହୀଦ୍ ପିଣ୍ଡିକ ବାହୁ ବଳେନ୍ଦ୍ର" ଅନୁଗୁଳର ଶ୍ରେଷ୍ଠ ମାତୃ ପୂଜକ ମଣି-ସାମନ୍ତରାୟ ଶ୍ରୀବନ ମଙ୍ଗରାଜଙ୍କ ଉପରେ ରଚିତ ଶିଶୁ ନାଟିକା "ଦୁଇଟି ରକ୍ତ ଗୋଲାପ" ଘେଁସ (ସମ୍ବଲପୁର) ଅଞ୍ଚଳର ପ୍ରଖ୍ୟାତ ବିଦ୍ରୋହୀ ଜମିଦାର "ଶହୀଦ୍ ମାଧୋ ସିଂହ" ପ୍ରଭୃତି ଶିଶୁ ନାଟିକା ଗୁଡ଼ିକ ସବୁ ଶ୍ରେଣୀର ଶ୍ରୋତା ମାନଙ୍କ ଦ୍ୱାରା ବେଶ ଆଦୃତ ଓ ଉଚ୍ଚ ପ୍ରଶଂସିତ ହୋଇପାରିଛି ।

୧୭-୩-୯୨ରେ ଶତାବ୍ଦୀର କଳାକାର ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଶିଶୁ ନାଟକ ଉତ୍ସବରେ ମଧ୍ୟ ଅମର ଓଡ଼ିଆ ଶହୀଦ୍ କୃତ୍ତିବାସ ପାଟଶାଣିଙ୍କ ଉପରେ ରଚିତ ଶିଶୁ ନାଟକ "ରକ୍ତତୀର୍ଥ" ରବୀନ୍ଦ୍ର ମଣ୍ଡପରେ ଶିଶୁ କଳାକାର ମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇ ଉଚ୍ଚ ପ୍ରଶଂସିତ ତଥା ପୁରସ୍କୃତ ହୋଇଛି ।

୨୧-୫-୯୭ରେ ସୃଷ୍ଟି ପ୍ରଡକସନ୍ସ (ଭୁବନେଶ୍ୱର) ତରଫରୁ ପ୍ରସ୍ତୁତ ପ୍ରାମାଣିକ ଚିତ୍ର ଶହୀଦ୍ ପିଣ୍ଡିକ ବାହୁ ବଳେନ୍ଦ୍ର ଭୁବନେଶ୍ୱର ଦୂରଦର୍ଶନ ପକ୍ଷରୁ ପ୍ରଦର୍ଶିତ ହୋଇଛି । ଏହା ମୋପାଇଁ ତଥା ଓଡ଼ିଶାବାସୀଙ୍କ ପାଇଁ ଗର୍ବ ଓ ଗୌରବର କଥା ବୋଲି ମନେକରେ । ଏ ସମସ୍ତ ସମ୍ଭବ ହୋଇପାରିଛି

Digitized by srujanika@gmail.com

ଭଗବାନ ଶ୍ରୀ ସତ୍ୟସାଇଙ୍କ ଅପାର କୃପା ବୋଲିବେ । ନଚେତ୍ ଗାଁ । ଗହଳର ଦିନ ଦୁନି ପିଲ ମହାନଗରୀକୁ ଯାଇ ନିଜସ୍ୱ କଳା ନୈପୁଣ୍ୟ ପ୍ରଦର୍ଶନ କରିବା ଓ ପ୍ରଶଂସିତ ହେବା ଅସମ୍ଭବ ବ୍ୟାପାର ।

ଶହୀଦ୍ ମାନଙ୍କର ଜୀବନୀ ଜାତି ପାଇଁ ସର୍ବଶ୍ରେଷ୍ଠ ମୂଲ୍ୟବାନ ଦଲିଲ । ଓଡ଼ିଶାର ଅନେକ ଶହୀଦ ସାରା ଭାରତରେ ନାଁ କମେଇ ଥିଲେ । କିନ୍ତୁ ଆଜି କେହି ସେମାନଙ୍କ କଥା ମନେରଖୁନାହାନ୍ତି । ଆମେ ସେମାନଙ୍କୁ ପୂରାପୂରି ଭୁଲି ଯାଇଛୁ । ଆମ ସ୍ୱାର୍ଥ ଆମେ ଭେଣ୍ଡି କରୁଛୁ । ଇଂରେଜ ସରକାର ପରମ ମାତୃଭକ୍ତଙ୍କୁ ଶେଷ ଉତ୍ପୀଡ଼ିତ କରୁଥିଲେ । ଆମେ ମଧ୍ୟ ସେହି ରାସ୍ତା ଧରିଲୁ । ନିଜ ମୁହଁରେ ନିଜେ କଳା ବୋଳି ବିଶ୍ୱ ଦରବାରରେ ନିଜକୁ ଅପମାନିତ କଲୁ ।

ଭାରତ ମଧ୍ୟରେ ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇସାରିଛି । ଜିନ୍ ହୋ-ହାଲ୍ଲା ମଧ୍ୟ ହୋଇଛି । କିନ୍ତୁ ଏ ମାଟିର ଅମର ମଣିଷ ମାନଙ୍କୁ ଅନ୍ଧାର ଭିତରକୁ ଠେଲି ଦିଆଯାଇଛି ।

ସେହି ସବୁ ପରମ ମାତୃଭକ୍ତ ମାନଙ୍କର ରକ୍ତ ଝସ୍ପକାଶ ଜୀବନୀ ମଧ୍ୟରୁ ଏଠାରେ ସଂକ୍ଷିପ୍ତ ଆକାରରେ କିଛି ସାଇତି ରଖିଛି । ଶ୍ରଦ୍ଧେୟ ପାଠକ ସେଇ ରୋମାଞ୍ଚକର ଜୀବନୀ ପଢି ଆନନ୍ଦ ପାଇଲେ ପରମ ଆରାଧ୍ୟ ସାଇନାଥ ଆନନ୍ଦିତ ହେବେ ବୋଲି ଆଶା ଓ ବିଶ୍ୱାସ । ପୁସ୍ତକ ପ୍ରକାଶନ ଅବସରରେ **ମା' ତାରିଣୀ ପ୍ରିଣ୍ଟର୍ସ**ର କପିଳବାବୁ, ଅଶୋକ ବାବୁ, ବନମାଳୀ ବାବୁ ଓ ସୁକାନ୍ତଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।

କାର୍ତ୍ତିକ ଦାଶ

Digitized by srujanika@gmail.com

* ରାଜା କୃଷ୍ଣଚନ୍ଦ୍ର ଭଞ୍ଜ :—

ସେ ଥିଲା ୧୭୬୭ ମସିହାର କଥା । ଦକ୍ଷିଣ ଓଡ଼ିଶାର ଘୁମୁସର ରାଜ୍ୟକୁ ଇଷ୍ଟ୍ ଇଣ୍ଡିଆ କମ୍ପାନୀ ଅକ୍ତିଆର କରିନେଲା । ମୁକ୍ତି ସଂଗ୍ରାମର ଆଦ୍ୟ ଓଁ କାର ମନ୍ତ୍ର ଶୁଭିଥିଲା ସେହି ଘୁମୁସର ରାଜ୍ୟରୁ । ଘୁମୁସର ରାଜା ମହାମାନ୍ୟ କୃଷ୍ଣଭଞ୍ଜ ଇଂରେଜ ପ୍ରଶାସକ ଏଡୱାର୍ଡ କଟସ୍ ଫୋର୍ଡର ହୁକୁମନାମାକୁ ବେଖାତିର କରିଦେଲେ ।

ଗର୍ଜିଉଠି କମ୍ପାନୀ ପ୍ରଶାସକକୁ କୃଷ୍ଣଭଞ୍ଜ କହିଲେ-ଇଂରେଜକୁ ମୁଁ ଖଜଣା ଦେବିନାହିଁ ।

ଓଡ଼ିଶା ମାଟିରେ ଦାଦାଗିରି ଦେଖାଇବେ ଫିରିଙ୍ଗି ଟୋକା ? ଆମେ ମୁଣ୍ଡପାତି ସହିନେବୁ ? ନା ! କଦାପି ନୁହେଁ । ଦକ୍ଷିଣ ଓଡ଼ିଶାର ଇଂରେଜ ଶାସନ ସଂସ୍ଥା ଥରି ଉଠିଥିଲା । ଗଞ୍ଜାମର ତତ୍‌କାଳୀନ ରେସିଡେଣ୍ଟ ଇଞ୍ଜିନିୟର (ପ୍ରଶାସକ) ଏଡ୍‌ୱାର୍ଡ କଟସ୍ ଫୋର୍ଡ ଚମକି ପଡ଼ିଥିଲା । ରକ୍ତ ଚାପଟା ତାର ଖୁବ ଉଚ୍ଚକୁ ଉଠିଗଲା । କଣ କରିବ ? .... କଣ କରିବ ? ଏଇ ପଞ୍ଚାକ୍ଷର ମନ୍ତ୍ର ଜପିବା ଛଡ଼ା ତାର ଆଉ କିଛି ଉପାୟ ନ' ଥିଲା ।

ମହାମାନ୍ୟ କୃଷ୍ଣଭଞ୍ଜ ଥିଲେ ମହାରାଜା ଘନଭଞ୍ଜଙ୍କର ପୁଅ । କେବଳ ଇଂରେଜ ନୁହଁନ୍ତି ଆଗରୁ ଫରାସୀ ଶାସକ ସହିତ ମଧ୍ୟ ରାଜା କୃଷ୍ଣଭଞ୍ଜ ବେଶ୍ ଜମାଣିଆ ଖେଳ ଖେଳିଥିଲେ । ଫରାସୀ ଶାସକ ମୋନସିୟୁର ବୁସି ଲକ୍ଷେ ଅଶି ହଜାର ଟଙ୍କା ସରକାରୀ ଖଜଣା ଆଦାୟ କରିବାକୁ ଆସି ରାଜାଙ୍କ ଠାରୁ ଠୋକର୍ ଖାଇ ଯାଇଥିଲେ । ବାଲିପଦରର ବାଉଁଶ ବୁଦା ଭିତରେ ତିରିଶି ଜଣ ଫରାସୀ ସୈନ୍ୟ ଘୁମୁସରର ମୁକ୍ତି ଯୋଦ୍ଧାଙ୍କ ଦ୍ୱାରା ହଲାଲ୍ ହୋଇଗଲେ ।

ମହାରାଜା କୃଷ୍ଣଭଞ୍ଜଙ୍କ ଛାତିଆଳ ଖୁବ୍ ବଢ଼ିଗଲା । କେବଳ କୃଷ୍ଣଭଞ୍ଜ ନୁହନ୍ତି ଘୁମୁସରର ଭଞ୍ଜବଂଶୀୟ ସମସ୍ତ ପ୍ରଶାସକ ଇଂରେଜ ଆଧିପତ୍ୟକୁ ଅସ୍ୱୀକାର କରିଥିଲେ ।

Digitized by srujanika@gmail.com

୧୭୫୮ରୁ ୧୭୭୩ ଯାଏ କୃଷ୍ଣଭଞ୍ଜ ଥିଲେ ଧୁମୁସରର ପ୍ରଜା ବତ୍ସଳ ରାଜା । ରାଜଧାନୀ କୁଲାଡ଼ଠାରେ ଅବସ୍ଥାନ କରୁଥାନ୍ତି । ଭୋଳୋଲଶ, ଜଗନ୍ନାଥ ପ୍ରସାଦ, ଗାଳଲସା ଓ ଦୁର୍ଗା ପ୍ରସାଦଠାରେ ରାଜାଙ୍କର ସାମରିକ ଘାଟିମାନ ରହିଥାଏ । ତାଙ୍କ ହାତରେ ଥାନ୍ତି ଦଶ ହଜାର ସ୍ଥାୟୀ ସୈନ୍ୟ ଓ ଏକ ହଜାର ଅସ୍ଥାୟୀ ସୈନ୍ୟ । ସମସ୍ତେ ଗରିଲା ଯୁଦ୍ଧରେ ଓସ୍ତାଦ୍ ।

ବ୍ରିଟିଶ ଅଧିକୃତ ଟେଇଶିଟି ଗାଁ । ଭିତରୁ ତେରଟି ଗାଁକୁ କୃଷ୍ଣଭଞ୍ଜ ଜୋର ଜବରଦସ୍ତ, କମ୍ପାନୀଠାରୁ ଛଡ଼ାଇ ଆଣିଥିଲେ । ଯେତେବେଳେ ଦକ୍ଷିଣ ଓଡ଼ିଶାର ଅନେକ ଶ୍ରେଷ୍ଠ ବଡ଼ ରାଜ୍ୟର ରାଜାମାନେ ସୁନାପିଲା ପରି ଇଷ୍ଟ୍ ଇଣ୍ଡିଆ କମ୍ପାନୀର ଅଧିନତା ସ୍ୱିକାର କରିନେଇଥିଲେ ବୀରପୁରୁଷ ରାଜା କୃଷ୍ଣଭଞ୍ଜ ଇଂରେଜ ଧମକକୁ ବରାବର୍ ଚେଡ଼ ଦେଉଥିଲେ ।

୧୭୬୮ରେ ରାଜାଙ୍କର ଅନ୍ୟତମ ଦୁର୍ଗ ଢଷ୍ଟୁଟଙ୍ଗ ଉପରେ କମ୍ପାନୀ ପକ୍ଷରୁ ଆକ୍ରମଣ କରାଗଲା । ଧୁମୁସରର ସୁଶିକ୍ଷିତ ସୈନ୍ୟ ଓ ଇଂରେଜ ସୈନ୍ୟ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହେଲା । ସଂଘର୍ଷରେ ଇଂରେଜ ପକ୍ଷରୁ ଅନେକ ସୈନ୍ୟ ଓ ଜଣେ ସେନାପତି ଶୋଚନୀୟ ଭାବେ ପ୍ରାଣ ହରାଇଥିଲେ । ଶତ୍ରୁ ରକ୍ତରେ ଓଡ଼ିଶାର ମାଟି ସିକ୍ତ ହେଲା । ସମଗ୍ର ଗଞ୍ଜାମ ଜିଲ୍ଲାରେ ଇଂରେଜ ବିରୋଧୀ ମୁକ୍ତି ସଂଗ୍ରାମ ମୁଣ୍ଡ ଟେକିଲା । କିନ୍ତୁ ଭାଗ୍ୟର ବିଡମ୍ବନା ୧୭୭୭ ମସିହାରେ ମହାରାଜା କୃଷ୍ଣଭଞ୍ଜଙ୍କର ଅକାଳ ମୃତ୍ୟୁ ହେଲା । ନ' ହେଲେ ଇଂରେଜ କୁକୁରର ମୁନିଆ ଦାନ୍ତ ଗୁଡ଼ାକ ସେ ଭାଙ୍ଗିଦେଇ ଥାଇଥାନ୍ତେ ।

ମହାରାଜା କୃଷ୍ଣଭଞ୍ଜ ଥିଲେ ଆମ ମୁକ୍ତି ସଂଗ୍ରାମର ପ୍ରଧାନ ନାୟକ ଏବଂ ରକ୍ତତୀର୍ଥର ପ୍ରଥମ ଯାତ୍ରୀ । ଆଜୀବନ ସେ ଥିଲେ ନିର୍ଭୀକ, ସ୍ୱାଧୀନ ଚେତା ତଥା ବିଦେଶୀ ଶତ୍ରୁର ଚିର ଶତ୍ରୁ । ଜୀବନର ଶେଷ ଯାଏ ସେ ବିଦେଶୀ ପ୍ରଶାସକ ସହିତ ସାଲିସ୍ କରିନଥିଲେ ।

ସତେ ଅବା ଇଂରେଜ କଂସର ଗର୍ବ ଭଞ୍ଜନ ଲାଗି ଓଡ଼ିଆ କୃଷ୍ଣ ଜନ୍ମ ନେଇଥିଲେ ଓଡ଼ିଶା ମାଟିରେ । ଧନ୍ୟ ରାଜା କୃଷ୍ଣଭଞ୍ଜ ! ଧନ୍ୟ ତୁମ ଦେଶ ଭକ୍ତି । ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀରେ ଆମେ ତୁମ ପାଦକୁ କୋଟି କୋଟି ସଲାମ୍ ଦେଉଛୁ ।

Digitized by srujanika@gmail.com

✲ ନାରାୟଣଦେବ :—

ଦକ୍ଷିଣ ଓଡ଼ିଶା । ମୁକ୍ତି ସଂଗ୍ରାମର ଏକ୍ରଡ଼ଶାଳ । ମୁକ୍ତି ଯୋଦ୍ଧାଙ୍କର ରଙ୍ଗଭୂମି । ଧୁମୁସର ବିଦ୍ରୋହର ନିଆଁ ନ' ଲିଭୁଣୁ ହଠାତ୍ ପାରଳା ରାଜ୍ୟରୁ ମୁକ୍ତି ସଂଗ୍ରାମର ରଣଶିଙ୍ଗା ଗର୍ଜି ଉଠିଥିଲା ।

ପାରଳା ରାଜା ନାରାୟଣ ଦେବ ଇଂରେଜ ପରଓ୍ୱାନାକୁ ବରାବର ବେଖାତିର୍ କରୁଥିଲେ । ଦକ୍ଷିଣାଞ୍ଚଳ ଶ୍ୱେତାଙ୍ଗ ପ୍ରଶାସକଙ୍କର ମୁଣ୍ଡ ଗୋଲ ଧରିଗଲା । ବିଦ୍ରୋହ ଦମନ ଲାଗି କର୍ଣ୍ଣେଲ ପିଚ୍ ଅଧିନରେ ଗୋଟାଏ ସୈନ୍ୟ ବାହିନୀ ପାରଳାରେ ପହଞ୍ଚିଗଲେ । କମ୍ପାନୀ ପକ୍ଷରୁ ରାମଯୋଗୀ ପାତ୍ରଙ୍କୁ ପାରଳାର ନବ ନିଯୁକ୍ତ ପ୍ରଶାସକ ଭାବେ ଅଦସ୍ଥାପିତ କରାଯାଇଥିଲା । କିନ୍ତୁ ସ୍ଥାନୀୟ ଲୋକେ ତାଙ୍କୁ ପ୍ରଶାସକ ଭାବେ ଅସ୍ୱିକାର କରିଥିଲେ ।

୧୭୬୮ରେ ବିଦ୍ରୋହୀ ରାଜା ନାରାୟଣ ଦେବ ରାମଯୋଗୀ ପାତ୍ରଙ୍କୁ ଗଳା ଧକ୍କା ଦେଇ ତଡ଼ିଦେଲେ । ୧୭୭୭ ବେଳକୁ ପାରଳା ପରିସ୍ଥିତି ସାଙ୍ଘାତିକ ହୋଇପଡ଼ିଥିଲା । କମ୍ପାନୀର ଅନ୍ୟତମ ପ୍ରଶାସକ ସୀତାରାମ ରାଜୁଙ୍କ ଦୌରାତ୍ମ୍ୟ ଯୋଗୁଁ ଆଦିବାସୀ ଲୋକେ ଅତିଷ୍ଠ ହୋଇପଡ଼ିଥିଲେ ।

ଜଙ୍ଗଲ ଭିତରେ ମୁକ୍ତିକାମୀ ଗିରିଜନ ମାଦଲ୍, ଡୁଙ୍ଗ୍ ଡୁଙ୍ଗା, ଝୁଙ୍ଗ୍ ବଜାଇ ମୁକ୍ତି ବିଦ୍ରୋହର ରକ୍ତ ତାତଲା ସଂଗୀତ ଗାଇ ସମସ୍ତଙ୍କୁ ତତାଇ ଦେଇଥିଲେ ।

ଧୁମୁସର ପରେ ପାରଳା ବିଦ୍ରୋହରେ ଅତିଷ୍ଠ ହୋଇ ଗଞ୍ଜାମ ଜିଲ୍ଲାର ଇଂରେଜ ପ୍ରଶାସକ ସମସ୍ତ ଅଞ୍ଚଳକୁ ପରିତ୍ୟକ୍ତ ଅଞ୍ଚଳ ଘୋଷଣା କରିବାକୁ ବାଧ୍ୟ ହୋଇଥିଲେ । କଟସ୍‌ଫୋର୍ଡ, କର୍ଣ୍ଣେଲ ପିଚ୍ ଓ ସ୍ମିଙ୍କଷ୍ଟନ୍ ଭଳି ଦମ୍ଭୀ ଶ୍ୱେତାଙ୍ଗ ପ୍ରଶାସକ ଦକ୍ଷିଣାଞ୍ଚଳ ଗଣ ବିଦ୍ରୋହକୁ ଦମନ କରିବାକୁ ସମ୍ପୂର୍ଣ୍ଣ ଅକ୍ଷମ ହୋଇପଡ଼ିଲେ ।

✲ ଗଜପତିଦେବ :—

ପ୍ରବଳ ପରାକ୍ରାନ୍ତ ନାରାୟଣ ଦେବଙ୍କ ସୁଯୋଗ୍ୟ ସନ୍ତାନ ଥିଲେ ଗଜପତି ଦେବ । ଚଉଦ ବର୍ଷର ଟୋକାଟୋକା । ୧୭୭୧ରେ ପାରଳାର ରାଜା ହେଲେ ।

Digitized by srujanika@gmail.com

ଗଜା ଝୋବାର ମଜା କାରବାର ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହେଲେ ଦୁର୍ଦ୍ଧର୍ଷ ରାଜ ପରିବାର ସହିତ ହାତ ମିଳାଇଥିଲେ ଦୁର୍ଦ୍ଧର୍ଷ ଶବର ଓ ଅନ୍ୟ ଆଦିବାସୀ ମାନେ । ପ୍ରକୃତିର ପ୍ରକୃତ ସନ୍ତାନ । ଇଂରେଜ ସେନା ଛାଉଣି ଉପରେ ଭୁହାକୁ ଭୁହା ଚଢ଼ାଉ ହେଲା ।

କୌଶଳ କ୍ରମେ ଇଂରେଜ ମାନେ ଗଜପତି ଦେବଙ୍କୁ ବନ୍ଦୀ କରିନେଲେ ଓ ଶ୍ରୀ କାକୁଲମ୍ ଜେଲରେ ରଖିଥିଲେ । ବିଦ୍ରୋହ ଜୋର୍‌ଦାର୍ ହେବାରୁ ଗଜପତି ଦେବଙ୍କୁ ମସ୍‌ଲିପଟ୍ଟନ ଜେଲକୁ ସ୍ଥାନାନ୍ତରିତ କରାଗଲା ।

ସେଦିନ କଲେକ୍ଟର ସ୍ମିଥ୍ ଭାବିଥିଲା - ଏହାଦ୍ୱାରା ବିଦ୍ରୋହ ପ୍ରଶମିତ ହୋଇଯିବ । କିନ୍ତୁ ତାହା ଭୁଲ ପ୍ରମାଣିତ ହେଲା ।

କ୍ରାନ୍ତିକାରୀମାନେ ଅଧିକ ଉତ୍ତ୍ୟକ୍ତ ହୋଇ ବରନାସି ଓ କେମିଡ଼ି ଠାରେ ବ୍ରିଟିଶ ସେନା ଛାଉଣୀ ଉପରେ ପ୍ରଚଣ୍ଡ ଆକ୍ରମଣ କଲେ । ରକ୍ତର ପ୍ଲାବନ ସୃଷ୍ଟି ହେଲା ବୀରଭୂମି ପାରଳା ରାଜ୍ୟରେ । ବ୍ରିଟିଶ ସୈନ୍ୟ ବାଧ୍ୟ ହୋଇ ବିଦ୍ରୋହୀ ନେତା ଉତ୍ତମ ସିଂହଙ୍କ ପାଖେ ଆତ୍ମ ସମର୍ପଣ କରିଥିଲେ । ପାରଳା ବିଦ୍ରୋହ ପଡ଼ୋଶି ରାଜ୍ୟ ଟିକାଲିକୁ ମଧ୍ୟ ପ୍ରସାରିତ ହେଲା ।

ପାରଳା ବିଦ୍ରୋହ ନୂଆ ରୂପ ନେଲା ୧୭୯୯ରେ ଯେତେବେଳେ ନାରାୟଣ ଦେବଙ୍କ ଭାଇ ଜଗନ୍ନାଥ ଦେବ ବିଦ୍ରୋହରେ ସାମିଲ୍ ହେଲେ । ବିଦ୍ରୋହ ବ୍ୟାପକ ଓ ରକ୍ତ ଚପୂକାରୀ ହେବାରୁ ବ୍ରିଟିଶ୍ ପ୍ରଶାସକ ପଦାତିକ ଓ ଅଶ୍ୱାରୋହୀ ସୈନ୍ୟଙ୍କୁ ସେନାପତି ପଦେଶ୍‌ହାମ୍‌ଙ୍କ ଅଧିନରେ ଉପ ଦ୍ରୁତ ପାରଳା ରାଜ୍ୟକୁ ପଠାଇଥିଲେ ।

କିନ୍ତୁ ରାଜା ଜେଲ୍ ଭିତରେ ରହିଥିବାରୁ ମୁକ୍ତ ବିଦ୍ରୋହୀ ମାନେ ଉଗ୍ର ରୂପ ଧାରଣ କରିଥିଲେ । ଅସ୍ତ୍ରର ଜବାବ ଅସ୍ତ୍ରରେ ଦିଆଗଲା । ଇଂରେଜ ଓଡ଼ିଶାର ଠିକଣା ବଦଳି ଦିଆଗଲା ।

ପରେ ବଣାଖାପାଟଣା ଠାରେ ଗୋଟାଏ ନାଟକୀୟ ମୋଡ଼ର କେଶ୍ ହୋଇଗଲା । ଦିନେ କଲିକତା ଠାରୁ ଗୁରୁ ପ୍ଲାଟୁନ ଅଧିକ ସୈନ୍ୟ ଆଣି ସେନାପତି ସୁଇଷ୍ଟନେ ପହଞ୍ଚିଗଲେ ପାରଳା ବିଦ୍ରୋହ ଦମନ ଲାଗି । ସୈନ୍ୟମାନଙ୍କୁ ଡ଼କ୍ ଉପରେ ରଖି ସୁଇଷ୍ଟନ୍ ବୁଲିଗଲେ ଗୋଟିଏ କୌଣ ଭେଟକରେ ଯୋଗଦେବା ଲାଗି । ମଦ୍ୟ ମାଂସ ଲୋଭୀ ଶ୍ୱେତାଙ୍ଗ ସେନାପତି

Digitized by srujanika@gmail.com

କଏଦଖାନାରେ ସଚ୍ଚଳ ଥିଲାବେଳେ ତାହାରୁ ଶୁଣାଗଲା – ଆମ ରାଜାଙ୍କୁ ଶିଘ୍ର ଛାଡ଼ିଦିଅ ।

ସେନାପତି ଦରଓ୍ୱାନକୁ ପଚାରିଲେ – କୌନ୍ ହାଏ ?

ଦରଓ୍ୱାନ ଉତ୍ତର ଦେଇଥିଲା – ନ୍ୟାଟିଭ୍‌ସ୍ (ଦେଶିଲୋକ) ମେଳ କରିଛନ୍ତି ।

ଖୁବ୍ ଚିଡ଼ିଆର ଦେଖାଇ ସ୍ୱଙ୍ଗଷ୍ଟନ ହାତରେ ପିସ୍ତଲଟା ଧରି ବିଦ୍ରୋହୀ ମାନଙ୍କୁ ଆଖି ଦେଖାଇବ ବୋଲି ମାଡ଼ି ଆସୁଥିଲା କିନ୍ତୁ, ଘରେ ନ’ ପଶୁଣୁ ମୁଣ୍ଡରେ ଢେଳ ବାଜିଲା ।

ଛଟପଟ ଶୁଣିଲ – ହୁସିଆର, ' ସୁନାପିଲ ଚରି ଜାହାଜ ଭିତରକୁ ଚାଲିଯାଆ ନହେଲେ ଖପୁରି ଉଡ଼ିଯିବ । ଗୁଳି ମାଡରେ କେତୁଟା ଗୋରା ମଧ୍ୟ ଟଳି ପଡ଼ିଲେ ।

ବୋଲକରା କୁକୁର ଭଳି ସାହେବ ମାନେ ଉପରକୁ ହାତ ଟେକି ଜାହାଜ ଭିତରକୁ ପଶିଗଲେ ।

ଖୁବ ଜୋର୍‌ରେ ହସି ଉଠିଲେ ନାଇକ ସର୍ଦ୍ଦାର ଲକ୍ଷ୍ମୀ ନୃସିଂହ ପାଣ୍ଡ । ସ୍ୱଙ୍ଗଷ୍ଟନ୍‌କୁ ପଚାରିଲେ – କ’ଣ ସାହେବ ଏଥର ନିଶା କମିଲା ?

ସ୍ୱଙ୍ଗଷ୍ଟନ୍‌ର ନାକ ଓଠ ଦୁଇଟା କମ୍ପି ଉଠିଲା । ନାଲି ଜିଭଟା କାମୁଡ଼ି ପକାଇ ମନେ ମନେ ସ୍ୱଙ୍ଗଷ୍ଟନ୍ ଭାବୁଥିଲା – ଓଃ ମାଇଁ ଗଡ୍ କି ସାଙ୍ଘାତିକ ଉଗ୍ରଆ ନ୍ୟାଟିଭ୍‌ସ ସବୁ !

ସତର ଶହ ଛଅଷଠି ଖ୍ରୀ ଥିଲା ଓଡ଼ିଶା ପକ୍ଷେ ପରାଧୀନତାର ବର୍ଷ । ତା ପୂର୍ବରୁ ଦକ୍ଷିଣ ଓଡ଼ିଶା ଇଂରେଜ୍ ହାତମୁଠାକୁ ଚାଲିଯାଇଥିଲା । ପଶ୍ଚିମ ଓଡ଼ିଶାକୁ ଦଖଲ କରିବା ଲାଗି ଇଂରେଜ ମାନେ ଗୋଟିଏ ସୁନ୍ଦର ପ୍ଲାନ କରିଥିଲେ ।

ବେପାର କରିବା ବାହାନାରେ ସମ୍ବଲପୁରରେ ହାଜର ହୋଇଗଲେ, ମୋଟେ ସାହେବ । ସେଥିଲେ ଜଣେ ହୀରା ବେପାରୀ । ବେପାର ଆଳରେ ସମ୍ବଲପୁର ରାଜାଙ୍କ ମନ୍ତ୍ରୀଆଁ କଥା ଜନ୍ମ ଧରମ ଭାଇ ହୋଇଗଲେ । ଅଜାଣତରେ ହୀରାଚନ୍ଦ୍ର ଛତ୍ରପତି ସେଦିନ ଇଂରେଜ ବେପାରୀ ଠାରୁ ସାଙ୍ଘାତିକ ଭାବେ ଠକି ଯାଇଥିଲେ । ମୋଟେ ସାହେବ ଧର୍ମଭାଇ ହୋଇ ଦବୁତକ ଅଧର୍ମ

Digitized by srujanika@gmail.com

କାମ କଲା । ଇଷ୍ଟ ଇଣ୍ଡିଆ କମ୍ପାନୀଙ୍କୁ ସମ୍ବଲପୁର ମଧ୍ୟ ଅଳ୍ପଦିନ ଭିତରେ ଫେରି ଗଲା ।

ପୂର୍ବରୁ ଓଡ଼ିଶାରେ ଶାସନ କରୁଥିବା ଦେବାଳିଆ ମରହଟ୍ଟା ଶାସକଙ୍କ ମୁହଁ ବନ୍ଦ କରିଦେବା ଲାଗି ଇଂରେଜ ପ୍ରଶାସକ ମାନେ ଲାଞ୍ଚ ଦେବା ଆରମ୍ଭ କରିଦେଲେ ।

୧୮୦୩ ମସିହାକୁ ଇଂରେଜ ଗାଦି କଲିକତା, ବମ୍ବେ, ମାନ୍ଦ୍ରାଜରେ ବେଶ ଝାଣୁଆ ଧାରଣା ହୋଇଥାଏ । ଏହି ତିନୋଟି ସହର ମଝିରେ ରହିଥାଏ ଓଡ଼ିଶାର ହୃତ୍‌ପିଣ୍ଡ କଟକ ଓ ଖୋର୍ଦ୍ଧା । ଏହି ସ୍ୱାଧୀନ ଅଞ୍ଚଳକୁ ହାତେଇବା ଲାଗି ଦିଲ୍ଲୀ ଦରବାର ଆଲର୍ଟ ହୋଇଗଲା । କ୍ଲାଇଭ୍ ଠାରୁ ୱେଲ୍‌ସ୍‌ଲି ହାରକୋର୍ଟ ଠାରୁ ଫ୍ଲେଚର ସମସ୍ତ ଗୋଟିଏ ହାତ ମିଳାଇଦେଲେ । କଲିକତା ଓ ମାନ୍ଦ୍ରାଜ୍ ପଟ୍ଟି ମିଛ ଗୁଜବ ପ୍ରଚାର କରାଗଲା ।

ସେତେବେଳକୁ ଓଡ଼ିଆ ମାନଙ୍କ ମନଗତ ଇଂରେଜ ମାନେ ବେଶ୍ ଭଲଭାବେ ବୁଝିପାରି ସାରିଥିଲେ । ତେଣୁ କଲିକତା ଓ ମାନ୍ଦ୍ରାଜ ସହରରେ ଇଂରେଜ ପକ୍ଷରୁ ପ୍ରଚାର କରାଗଲା - ଜଗନ୍ନାଥ ଗୃହଁଛନ୍ତି ଏବର୍ଷଠାରୁ ଓଡ଼ିଶାରେ ମରହଟ୍ଟା ବଦଳରେ ଇଂରେଜ୍ ମାନେ ଶାସନ କରିବେ କାରଣ ମରହଟ୍ଟାଙ୍କ ଠାରୁ ଇଂରେଜ୍ ମାନେ ନ୍ୟାୟପରାୟଣ, ଦୟାଶୀଳ, ଶିକ୍ଷିତ ଓ ସୁଶାସକ ।

ତା ପରେ ପରେ ହିଁ ଘନ ମେଘରେ ବଜ୍ରପାତ ହେଲା । ଦକ୍ଷିଣରୁ କର୍ଣ୍ଣେଲ୍ ହାରକୋର୍ଟ, ଉତ୍ତରରୁ କର୍ଣ୍ଣେଲ ଫର୍ଗୁସନ ପଙ୍ଗପାଳ ପରି ଓଡ଼ିଶାକୁ ମାଡ଼ି ଆସିଥିଲେ । ତାଙ୍କୁ ସାହାଯ୍ୟ ଦେଇଥିଲେ - ସ୍ମାଇ, ଟାନର୍ ସ୍କଟ, ମେଲ୍‌ଭିଲ୍ ଓ ଏଗେନେଷ୍ଟ ସାହେବ । ଉନ୍ନତ ଆଗ୍ନେୟାସ୍ତ୍ର ସଜ୍ଜିତ ସୁଶିକ୍ଷିତ ଶତାଙ୍କ ସେନାବାହିନୀ ଓଡ଼ିଶାକୁ ଆସିଗଲେ ।

ସମସ୍ତଙ୍କର ଲକ୍ଷ୍ୟ ଥିଲା କଟକ ଉପରେ । ପୂତ ପବିତ୍ର ଜଗତ୍ ବନ୍ଦ୍ୟ ପ୍ରାଣପ୍ରିୟ କଟକକୁ ହାତେଇନେବା ଲାଗି ଇଂରେଜ୍ ମାନେ ବହୁ ପୂର୍ବରୁ ଛକ ବସିଥିଲେ ।

୧୮୦୩ ଅକ୍ଟୋବର ମାସରେ ଗୋରା ଫୌଜ କଟକରେ ଫ୍ଲାଗ ମାର୍ଚ୍ଚ କଲେ । ଅବଶ୍ୟ କଟକ ଦଖଲ କରିବା ପୂର୍ବରୁ ସେମାନଙ୍କୁ ସାମାନ୍ୟତମ ପ୍ରତିରୋଧ କରାଯାଇଥିଲା କିନ୍ତୁ ସେ ପ୍ରତିରୋଧ ଥିଲା ଲୁହାର ପାହାଡ଼କୁ ପାହାରେ

Digitized by srujanika@gmail.com

ଫକାଇଲା ପଛ । ସୁପ୍ରସିଦ୍ଧ ବାରବାଟି ଦଖଲ କଲାବେଳେ ମାତ୍ର ଦୁଇଜଣ ଶ୍ୱେତାଙ୍ଗ ସୈନ୍ୟ ଓ ତିନିଜଣ ଦେଶୀୟ ସୈନ୍ୟ ସଂଘର୍ଷରେ ପ୍ରାଣ ହରାଇ-ଥିଲେ । ସାମାନ୍ୟ କେଉଁଟା ଟଙ୍କା ଖର୍ଚ୍ଚ କରି ଗୋରା ବେପାରି ବାଟିଏ ବ'ବାଟି ନୁହେଁ ଏକାଥରେ ବାରବାଟି ଅଧିକାର କଲେ । ଏତେ ସହଜରେ ଓ ଶସ୍ତାରେ ଓଡ଼ିଶାକୁ କିଣିଯିବେ ବୋଲି ବଳିଷ୍ଠ ଲୋକେ ସ୍ୱପ୍ନରେ ସୁଦ୍ଧା ଭାବିନଥିଲେ । ଅର୍ଦ୍ଧମୃତ ଓଡ଼ିଆମାନଙ୍କୁ ଇଂରେଜ ଶାସକମାନେ ନରମେଧ ମଞ୍ଚରେ ଆହୂତି ଦେଇ ଯଜ୍ଞର ପୂର୍ଣ୍ଣାହୂତି କରିଦେଲେ ।

୧୭୬୬ ପୂର୍ବରୁ ଦକ୍ଷିଣ ଓଡ଼ିଶା ଇଂରେଜାଧୀନ ହୋଇ ସାରିଥିଲା ଓ ପଶ୍ଚିମ ଓଡ଼ିଶା ମଧ୍ୟ ଏକ ରକମ ଇଂରେଜ ହାତ ମୁଠାକୁ ଗ୍ଭଲିଗଲା । ୧୮୦୩ରେ ପୁରୀ, କଟକ, ବାଲେଶ୍ୱର ଗ୍ଭଲିଯିବା ପରେ ପାଦଚଟା ଗୋରା ବେପାରିଙ୍କର ଗ୍ଭଜ ଆକାଶ ଛୁଇଁଲା ।

ଇଂରେଜ ଆସିବା ପରେ ଓଡ଼ିଆ ଚ୍ଛଷୀ ମଲେ, କାମ ଧନ୍ଦା ନ'ପାଇ ଚନ୍ଦ୍ରୀକୁଳ ଓ ଲୁଣ ମରାଳ ଗ୍ଭରିପାଞ୍ଚିରୁ ଗଲେ । ଖଜଣା ନ' ଦେଇ ଓଡ଼ିଆ ଜମିଦାର ଜମିଦାରୀ ହରାଇଲେ । ସୂର୍ଯ୍ୟାସ୍ତ ଆଇନ୍ ବଳରେ କଲିକତା ପାନ ଦୋକାନୀ ମଧ୍ୟ ଓଡ଼ିଶାର ଉର୍ବର ଜମିଦାରୀ କିଣି ମାଲେ ମାଲ୍ ହୋଇଗଲେ । ବନ୍ୟା, ମରୁଡ଼ି, ଦୁର୍ଭିକ୍ଷରେ ପଡ଼ି ଓଡ଼ିଶାବାସୀ ଆର୍ତ୍ତ ଚିତ୍କାର କଲେ । କିନ୍ତୁ ତାଙ୍କର ସେ ବୁକୁଫଟା ଚିତ୍କାର ଶୁଣିବାକୁ କେହି କୁଆଡେ ନଥିଲେ । ଗୋଟାଏ ରଣ ଦୁର୍ମଦ ବୀର ଜାତି ସେଦିନ ଇଂରେଜ ଗବର୍ଣ୍ଣର ଉପୁରେ ଛୋଟ ଶିଶୁଟିଏ ପରି ମାଆ କୋଳରେ ଭୁନ୍‌ଚାନ୍ ହୋଇଗଲା ।

✻ ଜୟୀ ରାଜଗୁରୁ :—

ଯେଉଁ ଦିନ ଖୋର୍ଦ୍ଧାଗଡ ଉପରେ କଟକର ଗୋରା ସାହେବଙ୍କ ଆଖି ପଡ଼ିଲା ଠିକ୍ ସେହିଦିନ ହିଁ ପରମ ମାତୃଭକ୍ତ ସାମନ୍ତ ଜୟୀରାଜଗୁରୁଙ୍କ ଗର୍ଜନ ଶୁଭିଲା—ହୁସିଆର ! ଖୋର୍ଦ୍ଧା ଉପରେ ଆଖି ପକାଇଲେ ମୁଁ ତୁମ ଆଖି ଦୁଇଟା ଉପାଡ଼ିଆଣିବି ।

ସେତେବେଳେ ଖୋର୍ଦ୍ଧା ଥିଲା ଓଡ଼ିଶା ଓ ଗୋଲକୁଣ୍ଡାର ସୀମା । ଓଡ଼ିଶାର କେନ୍ଦ୍ରସ୍ଥଳ ଥିଲା ସେଇ ନାଲି ମାଟିର ଖୋର୍ଦ୍ଧା ଗଡ । ସେଠାକାର ଶାସକ

Digitized by srujanika@gmail.com

ଥିଲେ ରାଜା ବିଶାଳ ମୁକୁନ୍ଦଦେବ । ଆମ ଗଜପତି । ନା ବାଳକ ଟୋକା । ତାଙ୍କ ଅଭିଭାବକ ଥିଲେ ସାମନ୍ତ ଜୟୀରାଜଗୁରୁ । କରୁଣାଇ ମଧ୍ୟ ଗଜପତିଙ୍କର ଅନ୍ୟ ଏକ ଅଭେଦ୍ୟ ଗିରି ଦୁର୍ଗ ଥିଲା । ଇଂରେଜ ଶକ୍ତି ବାରବାଟି ଦଖଲ ପରେ ଖୋର୍ଦ୍ଧା ଉପରେ ଆଖି ପକାଇଲା । ମୋଗଲ ଅମଳରୁ ଖୋର୍ଦ୍ଧା ଥିଲା ଗୋଟିଏ ସ୍ୱାଧିନ ରାଜ୍ୟ ।

ଓଡ଼ିଶାର ଇଂରେଜ ପ୍ରଶାସକ ସ୍ଥିର କରିନେଲେ ଐତିହାସିକ ଖୋର୍ଦ୍ଧା ଉପରେ ସାମରିକ ଅଭିଯାନ ଆରମ୍ଭ କରାଯିବ । ଗଞ୍ଜାମ ଓ ବାଲେଶ୍ୱର ଦେଇ ଆକ୍ରମଣ କରାଯିବାର ପ୍ଲାନ ହେଲା ।

୧୮୦୭ ନଭେମ୍ବରର ଶୀତ ସଂଧ୍ୟା । ହାରକୋର୍ଟ ଖୋର୍ଦ୍ଧା ରାଜା ମୁକୁନ୍ଦଦେବଙ୍କ ପାଖକୁ ଗୋଟାଏ ଅପମାନ ଜନକ ତଥା ଧମକପୂର୍ଣ୍ଣ ଚିଠି ପଠାଇଲେ । ମୁକୁନ୍ଦଦେବ ନାବାଳକ ଥିବାରୁ ରାଜ୍ୟର ଶାସନ ଦାୟିତ୍ୱ ଥାଏ ମନ୍ତ୍ରୀ ଜୟୀ ରାଜଗୁରୁଙ୍କ ହାତରେ । ଚମକି ଉଠିଲେ ଜୟୀ ରାଜଗୁରୁ ।

କମ୍ପିତ କଣ୍ଠରେ କହିଲେ - କିଏ ତୁ ଫିରିଙ୍ଗି କୁକୁର ? ତୋ ଦମାକ୍ କମ୍ ନୁହେଁ ତ ? ଗୋଟାଏ ବିଦେଶୀ ଶାସକ ପାଖେ ଠାକୁର ରାଜା ମୁଣ୍ଡ ନୁଆଁଇବ ? ବୋଲ ମାନିବ ? କଭି ନେହିଁ ।

ଅଟଳ କଣ୍ଠରେ ଜୟୀ କହିଲେ - କାହା ଜଭରେ ହାଡ଼ ଅଛି ମୋ ରାଜାଙ୍କୁ ଏପରି ଚିଠି ଦେବ ? ହୁସିଆର ! ମୁଁ ତା ଜଭ କାଟି ଆଣିବି । ଜୟୀ ରାଜ ଗୁରୁଙ୍କ କଥାରେ ଚମକି ଉଠିଲା ସାରା ଓଡ଼ିଶା । ଚମକି ଉଠିଲେ ପ୍ରତ୍ୟେକ ଓଡ଼ିଆ । ଅପୂର୍ବ ଝଙ୍କାର ସୃଷ୍ଟି ହେଲା ଖୋର୍ଦ୍ଧା ମୂଲକରେ । ହିନ୍ଦୁସ୍ଥାନର ପ୍ରଥମ ଶହୀଦ୍ ଜୟୀ ରାଜଗୁରୁଙ୍କୁ ସଲାମ୍ ପକାଇଲା ପାଇକ କୁଳ । ଓଡ଼ିଶା ମାଟିର ମୁକ୍ତି ଫୌଜ । ହାରକୋର୍ଟ ସୈନ୍ୟଙ୍କୁ ୱେଲକମ୍ କରିବା ଲାଗି ପାଇକ ଫୌଜ ଜାଗି ଉଠିଲେ ।

କିନ୍ତୁ କିଏ ଏହି ଜୟୀ ରାଜଗୁରୁ ? କିଏ ଏହି ପ୍ରଚଣ୍ଡ ପ୍ରତିଭା ? ଯିଏ ଇଂରେଜ ଶକ୍ତି ବିପକ୍ଷରେ ଓଡ଼ିଶାରୁ ପହିଲା ପୂକାର ଜାରି କରି ସେଦିନ ବିଶ୍ୱରେ ଚମକ ଦେଖାଇ ଦେଇଥିଲେ ।

ପୂର୍ବେ ଓଡ଼ିଶା ରାଜାଙ୍କର ପରମ ସହାୟକ ତଥା ରକ୍ଷାକାରୀ ଭାବେ ରହିଥିଲେ - ରାଜଗୁରୁ । ସେମାନେ ଥିଲେ ଗୁଣୀ, ଜ୍ଞାନୀ, ପଣ୍ଡିତ ତଥା

Digitized by srujanika@gmail.com

ତାନ୍ତିକ । ଗଜପତି ରାଜାଙ୍କର ପ୍ରଧାନ ମନ୍ତ୍ରୀ ହେବାରେ ଅଭିଜ୍ଞ ହୋଇଥିଲେ ରାଜଗୁରୁମାନେ । ନ୍ୟାୟ ଶାସ୍ତ୍ର ଓ ରାଜନୀତିରେ ସେମାନେ ଥିଲେ ପ୍ରବୀଣ ।

ପୁରୀ ଜିଲ୍ଲା ମାଳତୀ ପାଟପୁର ରେଲଷ୍ଟେସନ ଠାରୁ ଅଳ୍ପଦୂର ଗଲେ ଦେଖିବା ବୀର ହରେକୃଷ୍ଣପୁର ଶାସନ । ସେଇ ଶାସନରେ ୧୭୩୯ ମସିହାରେ ଜନ୍ମ ନେଇଥିଲେ ଓଡ଼ିଶାର ମଉଡ଼ମଣି ଜୟୀ ରାଜଗୁରୁ । ଜାତିରେ ବ୍ରାହ୍ମଣ । ପିତାଙ୍କ ନାଁ । ବୃନ୍ଦାବନ ରାଜଗୁରୁ । ପିତାମହଙ୍କ ନାମ ଗଦାଧର ରାଜଗୁରୁ । ପିତାମହ ଗଦାଧର ଥିଲେ ଜଣେ ଉଚ୍ଚ କୋଟୀର ସ୍ମୃତି ବାଗିଶ । ଅଠର ଖଣ୍ଡ ସ୍ମୃତି ଶାସ୍ତ୍ର ରଚନା କରି ସେ ସ୍ମରଣୀୟ । ଗଦାଧର ପଦ୍ଧତିରେ ବର୍ତ୍ତମାନ ଆମ ଓଡ଼ିଆ ଘରମାନ ପରିଚାଳିତ ହେଉଛି । ସେହି ବଂଶର ଶ୍ରେଷ୍ଠ ଦୀପ୍ତ ଥିଲେ ଜୟୀ ରାଜଗୁରୁ । ଏକାଧାରରେ ଜ୍ଞାନୀ, ଗୁଣି, ପଣ୍ଡିତ, ଯୁଦ୍ଧ ବିଶାରଦ, ସ୍ୱାଧୀନତା ସଂଗ୍ରାମୀ ତଥା ଗୁରୁଙ୍କ ଗୁରୁ । ଏଇ ସବୁଗୁଣର ଜୟୀ ରାଜଗୁରୁ । ୧୭୯୧ ମସିହା ଠାରୁ ଜୟୀ ରାଜଗୁରୁ ଖୋର୍ଦ୍ଧାର ପ୍ରଧାନ ମନ୍ତ୍ରୀ ଥିଲେ ।

ଜୟୀ ଥିଲେ ଡ୍ୟାମ୍ କେୟାର ପ୍ରକୃତିର ଲୋକ । ଦରବାରରେ ଦେୱାନ୍ କୃଷ୍ଣ ଭ୍ରମରବର ରାୟ ଓ ସେନାପତି ବକ୍ସି ଜଗବନ୍ଧୁଙ୍କ କଥାକୁ ବେଖାତିର କରି ନିଜ କଥା ଜାହିର କରୁଥିଲେ । ହାରକୋର୍ଟ କଟକରୁ ଯେଉଁ ଚିଠି ଗଜପତିଙ୍କ ପାଖକୁ ପଠାଇଥିଲା ତାକୁ ଚିକି ଚିକି ଚିରିଦେଇ ଜୟୀ ଦେଖାଇ ଦେଲେ ଓଡ଼ିଆ ଟୋକା କାହା ବୋଲ ମାନେ ନାହିଁ । ସେତେବେଳେକୁ ହାରକୋର୍ଟ ଓଡ଼ିଆ ମାନଙ୍କର ମତିଗତି ଭଲ ଭାବେ ଜାଣିସାରିଥିଲା । ରାଜକୁମାର ମୁକୁନ୍ଦଦେବ ଇଂରେଜଙ୍କୁ ଦୁଇଟି ସର୍ତ୍ତ ପୂରଣ ଲାଗି ପ୍ରସ୍ତାବ ଦେଇଥିଲେ । ପ୍ରଥମ ସର୍ତ୍ତଟି ଥିଲା - ଖୋର୍ଦ୍ଧା ଅଧିକାର ପୂର୍ବରୁ ଇଂରେଜ ସରକାର ଗଜପତିଙ୍କୁ ଲକ୍ଷେଟଙ୍କା ଦେବେ ଓ ଦ୍ୱିତୀୟ ସର୍ତ୍ତଟି ଥିଲା ମରହଟ୍ଟା ଶାସକ ବୀର କିଶୋର ଦେବଙ୍କ ଠାରୁ ଆଗରୁ ଦଖଲ କରିଥିବା ଚାରୋଟି ପ୍ରଗଣା - ଲେମ୍ବାଇ, ସିରାଇ, ରାହାଙ୍ଗ ଓ ଚବିଶିକୁଦ ପ୍ରଗଣା (ପୁରୀ ଜିଲ୍ଲାର ବ୍ରହ୍ମଗିରି, କଣାସ, ସତ୍ୟବାଦୀ ଓ ଡେଲାଙ୍ଗ ଅଞ୍ଚଳ) ମୁକୁନ୍ଦଙ୍କୁ ଫେରାଇ ଦେବ ।

ସୁଚତୁର ହାରକୋର୍ଟ ଆଗତୁରା ସତୁରି ହଜାର ଟଙ୍କା ଖୋର୍ଦ୍ଧା ପଠାଇ ଦେଲା । ସେତକ ଟଙ୍କା ଜୟୀ ରାଜଗୁରୁଙ୍କ ହାତରେ ପଡ଼ିଗଲା ।

Digitized by srujanika@gmail.com

ଜୟୀ ଟଙ୍କାତକ ରଜାଙ୍କ ହାତକୁ ନ ଦେଇ ପାଇକମାନଙ୍କ ବାକିଆ ଦରମା ବାବଦ ଦେଇଦେଲେ । ସେ ଜାଣିଥିଲେ ଧୋକାବାଜ୍ ଇଂରେଜଙ୍କୁ ଧକା ଦେବା ଲାଗି ପାଇକଙ୍କୁ ହିଁ ଖେଳ କରାଇନେବାକୁ ପଡ଼ିବ । ମଝିରେ ମଝିରେ ଖୋର୍ଦ୍ଧା ରାଜ୍ୟରେ ଇଂରେଜ ବିରୋଧି ଆନ୍ଦୋଳନ ମୁଣ୍ଡ ଟେକୁଥିଲା । ହାରକୋର୍ଟ ଏଥିଲାଗି ଗଜପତିଙ୍କୁ ଦୋଷୀ କରି ଚିଠି ପଠାଇଥିଲା । କିନ୍ତୁ ଜୟୀ ରାଜଗୁରୁଙ୍କ ଦପ୍ତରରୁ ଉତ୍ତର ମିଳୁଥିଲା - ହୁସିଆର ! ଖୋର୍ଦ୍ଧା ଉପରେ ଯିଏ ଆଖି ପକାଇବ ମୁଁ ତା ଆଖି ଦିଇଟା ତାଡ଼ି ଆଣିବି । ବିଚରା ହାରକୋର୍ଟ ଲାଙ୍ଗୁଡ଼ ଯାକି କୁକୁର ଭଳି ଚୁପ ରହିଯାଉଥିଲେ । ପୁଣିଥରେ ଜୟୀ ଚିଠି ଦେଲେ - ଅବଶିଷ୍ଟ ତିରିଶି ହଜାର ଟଙ୍କା ଶୀଘ୍ର ପଠାଅ ଓ ଚାରିବେଟି ପ୍ରଗଣା ଫେରାଅ ।

ହାରକୋର୍ଟ ଦପ୍ତରରୁ ଉତ୍ତର ମିଳିଥିଲା - ତୁମ ରଜା (ଗଜପତି) ଯଦି ଆମ ହୁକୁମ ମାନିନେବେ ତେବେ ଅବଶିଷ୍ଟ ତିରିଶି ହଜାର ଟଙ୍କା ମିଳିବ ଓ ଚାରିବେଟି ପ୍ରଗଣା କଥା ବିଚାର କରାଯିବ ।

ହାରକୋର୍ଟର ଚିଠି ପଢ଼ି ଗମ୍ଭୀର ଭାବେ ରାଜଗୁରୁ ଟିକେ ଚିନ୍ତା କଲେ ଓ ଖୋର୍ଦ୍ଧା ରାଜ ଦରବାରରୁ ଚିଠି ଲେଖି ପଠାଇଲେ - ଆଜଯାଏ ଓଡ଼ିଆ ପୁଅ କାହା ହୁକୁମ୍ ତାମିଲ କରିନାହିଁ କି କମ୍ପା କରିବ ନାହିଁ । ତୁ ଗୋଟାଏ ବିଲାତି କୁତ୍ତା ଯେତେ ଭୁକ ହେଲେ ମଧ୍ୟ ମୋ ଗଜପତି କଣ ଛାନିଆ ହୋଇଯିବ ?

ଅପମାନ ଜନକ ଚିଠି ପାଇଲା ପରେ ହାରକୋର୍ଟର ମୁଣ୍ଡ ଖରାପ । ଯଥାପି ମନ ଲାଗିଛି ଖୋର୍ଦ୍ଧା ଦଖଲ କରିବ । ଶେଷ ଥର ପାଇଁ ଜୟୀ-ରାଜଗୁରୁଙ୍କୁ ଧମକ୍ ଦେଇ କଟକ ଠାରେ ସାକ୍ଷାତ କରିବାକୁ ହାରକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ତଥାପି ରାଜଗୁରୁ ଶୁଣିଲେ ନାହିଁ କମ୍ପା କଟକ ଗଲେନାହିଁ । ଓ୍ୟାମକେସ୍କାର ଭାବେ ହାରକୋର୍ଟ ଅର୍ଡରକୁ ହସରେ ଉଡ଼ାଇ ଦେଲେ ଜୟୀରାଜଗୁରୁ ।

ଖୋର୍ଦ୍ଧା, ଜୟୀରାଜଗୁରୁ ଓ ବଣ୍ଣିବିଖ୍ୟାତ ପାଇକ କୁଳକୁ ଧ୍ୱଂସ କରିଦେବା ଲାଗି ଇଂରେଜ ପକ୍ଷରୁ ବିଧିବଦ୍ଧ କାର୍ଯ୍ୟକ୍ରମ ଗ୍ରହଣ କରାଗଲା । ପାଇକ ଆଖଡ଼ା ଗୁଡ଼ିକ ବନ୍ଦ କରାଗଲା । ପାଇକ ବଦଳରେ ଦାରୋଗାମାନଙ୍କୁ ନିଯୁକ୍ତି ମିଳିଲା । ପାଇକ ମାନଙ୍କର ନିଷ୍କର ଜମିବୃତ୍ତି ଛଡ଼ାଇ ନିଆଗଲା ।

Digitized by srujanika@gmail.com

ଯେଉଁ ବୀର ମାଟିର ପିଲାମାନେ ନନ୍ଦନ ଫାଶୀ, ଭୁଜାଳି ଧରି ଖେଳୁଥିଲେ ସେମାନଙ୍କୁ ଛୁରୀ ଖଣ୍ଡେ ଧରିବାକୁ ବାରଣ କରାଗଲା ।

ତଥାପି ପାଇକ କୁଳ ପଛଘୁଞ୍ଚା ଦେଲା ନାହିଁ । ମୁଣ୍ଡରେ ସିନ୍ଦୁର ବୋଳି, ଅଣ୍ଟ ରେ ବଣ୍ୟ ପଶୁ ନର୍ମିତ ପାଇକଙ୍କା ମାରି ରେ-ରେ-କାର ଚିତ୍କାର କରି ଉତ୍କଳୀୟର ଦୁର୍ଦ୍ଧର୍ଷ ସେନାବାହିନୀ ବୁହାଟ ଛ ଡ଼ିଲେ—

ମହାରେ ମହୀପତି — ତଳେ ବସୁମତୀ
କଳିଯୁଗ ଷଣ୍ଢ — ଝାଡ଼ ପରଙ୍ଗ ଖଣ୍ଡା ।

ବରୁଣାଇ ଦୁର୍ଗରୁ ହିଁ ଓଡ଼ିଆ ବୀର ଫିରିଙ୍ଗି ସୈନ୍ୟଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଥିଲେ । ଲୋକ କଥାରୁ ଜଣାଯାଏ - ପରମ ମାତୃଭକ୍ତ ଜୟୀରାଜଗୁରୁ ଦୁର୍ଗର ଦୁଇ ଠାକୁରାଣୀ ବରୁଣାଇ ଓ କରୁଣାଇଙ୍କୁ ପୂଜାର୍ଚ୍ଚନା କରି ସନ୍ତୁଷ୍ଟ କରିଥିଲେ ଯଦ୍ଵାରା ଶୂନ୍ୟରୁ ମଧ ଗୋଳା ଗୁଡ଼ିକ ଆସି ଶତ୍ରୁ ଦେହରେ ବିଦ୍ଧ ହେଉଥିଲା ।

କିନ୍ତୁ କାଞ୍ଚନବେଓ୍ୱା ନାମ୍ନି ଜଣେ ସୁନ୍ଦରୀ ତଥା ବିଶ୍ଵାସ ଘାତକମାନଙ୍କ ଯୋଗୁଁ ସବୁକିଛି ଓଲଟ ପାଲଟ ହୋଇଗଲା । ତାରି କଥାରେ ହିଁ ଶତ୍ରୁପକ୍ଷ କମାଣ ଭିତରେ ଗୋରୁ ଓ ଘୁଷୁରି ମାଂସ ପୁରାଇ ଦୁଇ ଠାକୁରାଣୀଙ୍କ ଉପରକୁ ଫିଙ୍ଗିଥିଲେ । ମାଆର ପଣତ ତଳୁ ଖୋଜି । ମାଟିର ବୀର ସନ୍ତାନ ଦୂରେଇ ଯାଇଥିଲେ । ବରୁଣେଇ ଦୁର୍ଗର ପତନ ଘଟିଲା । ଧରା ପଡ଼ିଲେ ଦୁଇ ବୀର ପୂଜକ ଜୟକୃଷ୍ଣ ରାଜଗୁରୁ ମହାପାତ୍ର ଓ ଦଗମ୍ବର ଭୂୟାଁ । ପଶ୍ଚିମ ଆକାଶରେ ଅସ୍ତଗାମୀ ଲାଲ୍ ସୂର୍ଯ୍ୟର ରକ୍ତିମ କିରଣ ଜଳୁଟି ଉଠିଥିଲା ।

ହାରକୋର୍ଟ ସେଦିନ ବେଦମ ହସିଥିଲା । ଧମକ ଦେଇ ଜୟୀରାଜଗୁରୁଙ୍କୁ କହିଥିଲା - ରାଜଗୁରୁ ଆପଣ ଯଦି କମ୍ପାନୀ ପାଖେ ଭୁଲ ମାନିନେବେ ତେବେ ତୁମକୁ ମୁକ୍ତି ମିଳିଯିବ ।

ହସି ଉଠିଥିଲେ ଜୟୀରାଜଗୁରୁ ।

ତ୍ୟାମକେସ୍ୱାର ସବେ ଜୟୀରାଜଗୁରୁ ଉତ୍ତର ଦେଲେ — ସାହେବ ! ଗୋଟିଏ ବିଦେଶୀ ଗୋଲାମ ପାଖେ ମୁଣ୍ଡ ନୁଆଁଇବ ଓଡ଼ିଆ ପୁଅ ? ସୂର୍ଯ୍ୟ ପଶ୍ଚିମରେ ଉଇଁପାରେ, ପାହାଡ଼ ଉପରେ ପଦ୍ମ ଫୁଟିପାରେ କିନ୍ତୁ ଓଡ଼ିଆ କାହାପାଖେ ମୁଣ୍ଡ ନୁଆଁଇବା ଶିଖି ନାହିଁ ।

Digitized by srujanika@gmail.com

ହାର୍କୋର୍ଟ'ର ମୁଣ୍ଡ ଛେଚା ପଡ଼ିଗଲା । ସିପାହୀ ମାନଙ୍କୁ ଅର୍ଡର ମିଳିଥିଲା - ନେଇଯାଅ ଏ ଘୋଡାକୁ । ଚାବୁକ୍ ମାଡ଼ଦେଇ ଖୋଳି । ବିପ୍ଳବ କଥା ଆଦାୟ କର !

ତାପରେ ରାଜଗୁରୁଙ୍କ ମୁଣ୍ଡ ତଳକୁ କରି ଗଛରେ ଲଟକାଇ ଦିଆଗଲେ ତଳୁ ନିଆଁ ଜାଳି ଦିଆଗଲା । ଭୟଙ୍କର ଭାବେ ଚାବୁକରେ ମାଡ ଦିଆଗଲା । ରାଜଗୁରୁ ମୂର୍ଚ୍ଛା ଗଲେ । ତଥାପି ଶତ୍ରୁ ପାଖେ ଖୋଳି । ପାଇକ ମେଳ କଥା ପଦେ ମଧ୍ୟ କହି ନ'ଥିଲେ । ସାବାସ୍ ଜୟୀରାଜଗୁରୁ ! ସାବାସ୍ ଓଡ଼ିଆ ହିରୋ ! ! ତୁମେ ହିଁ ଆମକୁ ଶିଖାଇ ଦେଇଛ - ଯାନ୍ ପଛେ ଦିଅ ମାନ୍ ହରାଅ ନାହିଁ ।

ଓଡ଼ିଆ ହିରୋ ଜୟୀଙ୍କୁ ପଠାଗଲା ମେଦିନୀପୁର । ବାଘି ତୋଟାର ପବିତ୍ର ବରଗଛ । ବରଗଛର ଦୁଇଟି ଡାଳକୁ ଏକାଠି ବାନ୍ଧି ଦିଆଗଲା । ରାଜଗୁରୁଙ୍କ ଦୁଇଗୋଡ଼ ବନ୍ଧା ଡାଳରେ ଛନ୍ଦି ଦିଆଗଲା । ଛଅଷଠି ବର୍ଷ ପରେ ସେଦିନ ହିଁ ଗର୍ବୋନ୍ନତ ମୁଣ୍ଡଟି ତଳକୁ ନଇଁ ପଡ଼ିଥିଲା ।

କି ବୀଭତ୍ସ ସେ ଦୃଶ୍ୟ ! କି ନୃଶଂସ ଆଚରଣ ! ! ବନ୍ଧାଥିବା ଡାଳ ଦୁଇଟିକୁ ହଠାତ୍ ଅଲଗା କରି ଦିଆଗଲା । ଶାନ୍ତିକାମୀ ରାଜଗୁରୁ ସମାନ ଦି'ଫାଳ ହୋଇଗଲେ । ହିନ୍ଦୁସ୍ଥାନର ପ୍ରଥମ ଓଡ଼ିଆ ଶହୀଦ୍‌ଙ୍କ ଲାଲ ରକ୍ତରେ ମେଦିନୀପୁର ମାଟି ପବିତ୍ର ହେଲା ।

ଜନ ଅସନ୍ତୋଷ ଭୟରେ ଏହି ଦାରୁଣ ଦୁଃସମ୍ବାଦକୁ ଓଡ଼ିଶାର ଇଂରେଜ କର୍ତ୍ତୃପକ୍ଷ କିଛି ଦିନ ଓଡ଼ିଶାବାସୀଙ୍କ ଠାରୁ ଲୁଚାଇ ରଖିଥିଲେ । କିନ୍ତୁ ପରବର୍ତ୍ତୀ କାଳରେ ଗୋରା ପ୍ରଶାସକ ସଫେଇ ଦେଇ କହିଥିଲେ - ଜୟୀରାଜଗୁରୁ ଜଣେ ବ୍ରାହ୍ମଣ ଥିବାରୁ ଓ ଜଣେ ଇଂରେଜ ଦୂତକୁ ହତ୍ୟା କରିଥିବାରୁ ତାଙ୍କୁ ଫାଶି ଦିଆଗଲା ।

ନିର୍ଭୀକ ବୀର ପୁରୁଷ, ମହାନ ପଣ୍ଡିତ, ସୁଦକ୍ଷ ପ୍ରଶାସକ ଅଦ୍ୱିତୀୟ ଦେଶ ହିତୈଷୀ ଓଡ଼ିଶାର ପ୍ରଥମ ଶହୀଦ୍ ଜୟୀରାଜଗୁରୁଙ୍କ କଥା ଆଜି ମଧ୍ୟ ମନେପଡ଼ିଲେ ପ୍ରତ୍ୟେକ ଓଡ଼ିଆ ଦେହରେ ଚମକ ସୃଷ୍ଟି ହୁଏ ।

Digitized by srujanika@gmail.com

ସାବାସ୍ ଜୟୀରାଜଗୁରୁ ! ସାବାସ୍ ବୀର ପୁଙ୍ଗବ ! ! ସ୍ୱାଧୀନତାର ସୁବର୍ଣ୍ଣ ମହୋତ୍ସବରେ ଏ ଜାତି ଆପଣଙ୍କୁ ଶତ ସହସ୍ର ଥର ପ୍ରଣାମ କରୁଛି । ଆଜ ମଧ୍ୟ ଖୋର୍ଦ୍ଧା ମାଟିରୁ ପ୍ରତିଧ୍ୱନିତ ହେଉଛି :—

ଜଇଥା ପଛେ ଜୀବନ ଦେଲା,
ନୁଆଁଇ ନାହିଁ ମଥା ।

❋ ବିପ୍ଳବୀ ମଧୁସୂଦନ ମଙ୍ଗରାଜ :—

୧୮୦୩ରେ ଇଂରେଜ ଓଡ଼ିଶା ଅଧିକାର କରିବା ପରେ ଓଡ଼ିଶାର ପୂର୍ବ ଉପକୂଳରେ ଯୁଦ୍ଧଂ ଦେହିର ଆହ୍ୱାନ ଶୁଣାଯାଇଥିଲା । ସେତେବେଳେ ହରିଶପୁରର (ଜଗତସିଂହପୁର) ଜମିଦାର ଥିଲେ - ନୀଳକଣ୍ଠ ମଙ୍ଗରାଜ ! ବୟସ ତରୁଣ । ଦୁର୍ଦ୍ଧାନ୍ତ ଓ ସାହସୀ । 'ମୁହାଣ ରକ୍ଷକ' ଉପାଧି ପାଇଥିଲେ । ବଙ୍ଗୋପ ସାଗରରେ ଯାଉଥିବା ବ୍ରିଟିଶ ଜାହାଜଗୁଡିକ ଲୁଟି ନେଉ ଥିଲେ ଆପଣ । ଓଡ଼ିଶା ବ୍ରିଟିଶାଧୀନ ହେବାପରେ ନୀଳକଣ୍ଠ ମଙ୍ଗରାଜଙ୍କ ମୁହଁରୁ ଦୃଢ଼ ପ୍ରତିବାଦର ସ୍ୱର ଶୁଣାଯାଇଥିଲା—"ମୁଁ କମ୍ପାନୀ ହୁକୁମ୍ ମାନି ନେବନାହିଁ ।"

ନୀଳକଣ୍ଠଙ୍କୁ ଗାଦିଚ୍ୟୁତ କରାଗଲା । ବାରବାଟୀ ଦୁର୍ଗରେ ବନ୍ଦୀ କରାଗଲା । ପ୍ରଥମରୁ ହିଁ ଇଂରେଜ ସରକାର ସହିତ ହରିଶପୁର ରାଜାଙ୍କର ସମ୍ପର୍କ ତିକ୍ତ ଓ ଅପ୍ରୀତିକର ହୋଇପଡିଥିଲା । ସନ୍ଦେହୀ ଇଂରେଜମାନେ ହରିଶପୁର ରାଜାଙ୍କୁ ସବୁବେଳେ ସନ୍ଦେହ କରୁଥିଲେ ।

ପାଇକ ବିଦ୍ରୋହର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୁଏ ୧୮୧୭ରେ । ଗୋପ, ପିପିଲି, ତିରଣ ହରିହରପୁର, ପାରିଦ୍ୱୀପ, ହରିଶପୁର, କୁଜଙ୍ଗ, ଅସୁରେଶ୍ୱର ଓ ପଞ୍ଚାମୁଣ୍ଡ୍ରାଇଠାରେ ଇଂରେଜ ବିରୋଧୀ ଆନ୍ଦୋଳନ ଜୋରଦାର ହେଲା । ସେତେବେଳେ କଟକର ମାଜିଷ୍ଟ୍ରେଟ୍ ଥିଲେ - ମେଜର ଇମ୍ପେ । ଉପଦ୍ରୁତ ସମୁଦ୍ର କୂଳିଆ ଅଞ୍ଚଳରେ ସାମରିକ ଆଇନ୍ ଜାରି କରାଗଲା ।

ସେତେବେଳକୁ ହରିଶପୁରର ଜମିଦାର ମଧୁସୂଦନ ମଙ୍ଗରାଜ । ପିତାଙ୍କ ଭଳି ଦୁର୍ଦ୍ଧାନ୍ତ ତଥା ଅଦମନୀୟ । ସାମରିକ ଆଇନକୁ ସେ

Digitized by srujanika@gmail.com

ବାରମ୍ବାର ବେଷ୍ଟନୀର କରିଦେଲେ । ପୋଲିସ ହରିଣପୁର ବେଢ଼ିଉ କଲେ । ମଧୁସୂଦନଙ୍କର ଅନେକ ସାଙ୍ଗ ସାଥି ଗିରଫ ହେଲେ । ଜଣେ ପ୍ରଧାନ ଅନୁଗତ ପୋଲିସ ଗୁଳିରେ ଶହୀଦ୍ ହୋଇଗଲେ । ମଧୁସୂଦନ ମଧ ଗୁରୁତର ଭାବେ ଆହତ ହେଲେ ତଥାପି ବଦେଶୀ ଶାସକ ପାଖେ ମୁଣ୍ଡ ନୁଆଁଇ ନ'ଥିଲେ ।

ଦେଶଦ୍ରୋହୀ ଏକମାର୍କା ନରେନ୍ଦ୍ରଙ୍କୁ ହାତ କରିଗଲେ । ମଧୁସୂଦନଙ୍କ ବିପ୍ଳବକୁ ବନ୍ଧୁକ ମୁନରେ ଇଂରେଜ ପ୍ରଶାସକ ଦମନ କରି ଚଳାଇଲେ ।

ଚିରବିପ୍ଳବୀ ମଧୁସୂଦନ ଚିରଦିନ ଥିଲେ ଅଦମନୀୟ । ଭାଙ୍ଗିଗଲେ ନଇଁଛ ନଇଁଲେ ନାହିଁ । ଇଂରେଜ ସରକାର ତାଙ୍କୁ ଯେତେ ବାଧ କଲେ ମଧ ସେ ଆତ୍ମ ସମର୍ପଣ କରି ନ'ଥିଲେ । ସେଦିନ ସେ ଯଦି ଆତ୍ମସମର୍ପଣ କରିଥାନ୍ତେ ତାଙ୍କୁ ସର୍ବକ୍ଷମା ପ୍ରଦାନ କରାଯାଇଥାନ୍ତା କିନ୍ତୁ ଓଡ଼ିଆ ବାଘ ଇଂରେଜ କୁକୁର ପାଖେ ହାର ମାନିଥାନ୍ତା କିପରି ?

❋ କ୍ରାନ୍ତିବୀର ଚନ୍ଦ୍ରଧ୍ୱଜ :—

୧୮୦୪ ପୂର୍ବରୁ କୁଜଙ୍ଗଠାରେ ଦୁଇଟି ଇଂରେଜ ଜାହାଜ ଭାଲେଣ୍ଟ୍ ଓ ଏକ୍ଟିଭ ଉପରେ ଓଡ଼ିଆ କ୍ରାନ୍ତିକାରୀମାନେ ପ୍ରଚଣ୍ଡ ଆକ୍ରମଣ କରି ଜାହାଜ ଦୁଇଟିକୁ ଜଖମ୍ କରିଦେଇଥିଲେ । ଓଡ଼ିଶାର କମ୍ପାନୀ ଶାସକ ବିଚଳିତ ହୋଇପଡ଼ିଥିଲ । ସମଗ୍ର ଉପକୂଳବର୍ତ୍ତୀ ଅଞ୍ଚଳରୁ ଇଂରେଜ ବିରୋଧି ହାଓ୍ୱା ବୋହିଲ ।

କଟକଠାରେ ହାରକୋର୍ଟ ସାହେବ ବସି ବୁଣିଆଡ଼କୁ ଆଖି ବୁଲାଉଥିଲ । ହଠାତ୍ ତାଙ୍କ ଆଖିଆର ଆଖି ଦଇଟା ଅଟକ ଯାଇଥିଲ କୁଜଙ୍ଗ ଉପରେ କୁଜଙ୍ଗ ଅଧିକାର ଲାଗି ହାରକୋର୍ଟ ଯେତେବେଳେ ସ୍ୱପ୍ନ ଦେଖୁଥିଲା କୁଜଙ୍ଗ ମାଟିରୁ ରାଜା ନାରଭଦ୍ର, ଗଙ୍ଗାଧର ଓ ଚନ୍ଦ୍ରଧ୍ୱଜଙ୍କ ମୁହଁରୁ ମିଳିତ ପ୍ରତିଧ୍ୱନି ଶୁଣାଯାଇଥିଲ – ହୁସିଆର ! କୁଜଙ୍ଗ ଉପରେ ଯଦି ଆଖି ପକାଇବୁ ତୋ ଆଖି ଫୁଟାଇଦେବୁ ।

ଚନ୍ଦ୍ରଧ୍ୱଜଙ୍କୁ ଗାଦିଚ୍ୟୁତ କରାଗଲା । କୁଜଙ୍ଗ ମାଟିରେ ଆରମ୍ଭ ହୋଇଗଲ ଭକ୍ତାନ୍ତ ମୁକାବିଲା । ମେଜର ନେତା ନାରାୟଣ ପରମଗୁରୁ ଓ

Digitized by srujanika@gmail.com

ବାମଦେବ ପାଟଯୋଶୀ । ରାଜା ଚନ୍ଦ୍ରଧ୍ୱଜ ଦୁଇଜଣ ବିଶ୍ୱାସଘାତକ ଭଗତ ଓ ଜଗୁସିଙ୍କ ଦ୍ୱାରା ଧରା ପଡ଼ିଥିଲେ । ବାରବାଟୀ ଦୁର୍ଗରେ ବନ୍ଦୀ ହେଲେ । କୁଜଙ୍ଗ ବିଦ୍ରୋହ ମଉଳି ଯାଇଥିଲା ।

*** ବଳଭଦ୍ର ଭଞ୍ଜ :—**

୧୮୦୫ ଫେବୃୟାରୀ ୨୭ ଓ ୨୮ ତାରିଖ । କଟକ ଠାରୁ ସୁବେଦାର ଶିବପ୍ରସାଦ କନକା ରାଜ୍ୟକୁ ଯାଇଥିଲେ ଖଜଣା ଆଦାୟ କରିବେ ଓ କମ୍ପାନୀ ଶାସନ ଜାହିର୍ କରିବେ । ସାଙ୍ଗରେ ଥିଲେ କମ୍ପାନୀର ନମକ୍ ସଚ୍ଚା ସୈନ୍ୟ । ସଭିଙ୍କ ହାତରେ ଥିଲା ଶକ୍ତିଶାଳୀ ବନ୍ଧୁକ ।

କନକା ମାଟିର ବୀର ସନ୍ତାନ କମ୍ପାନୀ ସେନାକୁ ନଦୀ ପାର କରାଇଲେ ନାହିଁ । ମୁରାଦ୍ ଖାଁ ଓ ସାହାବେଗ୍ ଖାଁ ନାମକ ଦୁଇ ମୁସଲମାନ୍ ପାଇକ ବିଟ୍ରିଶ୍ ବିରୋଧି ଅଭିଯାନରେ ନେତୃତ୍ୱ ନେଇଥିଲେ । ରାଜା ବଳଭଦ୍ର ଭଞ୍ଜଙ୍କର ଜଣେ ଦେଓ୍ୱାନ ମଧ୍ୟ ଜଣେ ଇଂରେଜ ଦୂତକୁ ଭଲଭାବେ ଉତ୍ତମ ମଧ୍ୟମ ଦେଇ ବିଦା କରିଦେଇଥିଲେ ।

ହାରକୋର୍ଟ ସାହେବର ନାଡ଼ି କାଳୁଆ ଧରିଗଲା । କର୍ଣ୍ଣେଲ ହରବର୍ଟକୁ ପଠାଇ କନକା ମେଳିଆଙ୍କୁ ଜବତ୍ କରିବାକୁ ଚେଷ୍ଟା କରାଗଲା । ରାଜା ବଳଭଦ୍ର ଭଞ୍ଜଙ୍କୁ ଗ୍ରେପ୍ତାର କରାଗଲା । ଅତି ଦୟନୀୟ ଭାବେ ତାଙ୍କୁ ବାଲେଶ୍ୱର ଓ ମେଦିନୀପୁର ଜେଲ୍‌ରେ ରଖା ଯାଇଥିଲା । ଦୁଃଖ ଓ ଅଭିମାନରେ ରାଜା ବଳଭଦ୍ର ଭଞ୍ଜଙ୍କ ମୁହଁରୁ ପଦେ ମଧ୍ୟ କଥା ବାହାରି ନଥିଲା ।

୧୮୦୫ ବେଳକୁ ବିଲାତ ସରକାର ଚେର ଓଡ଼ିଶାରେ ବେଶ୍ ମଜବୁତ ହୋଇ ସାରିଥିଲା । ଘୁମୁସର, ପାରଳା, ଖୋର୍ଦ୍ଧା, ସମ୍ବଲପୁର, ପୁରୀ, କଟକ, କୁଜଙ୍ଗ, କନକା, ହରିଶପୁର ଅଧିକାର କଲା ପରେ ଆଠଗଡ଼, ନରସିଂହ-ପୁର, ବଡ଼ମ୍ବା, ତିଗିରିଆ, ଖଣ୍ଡପଡ଼ା, ଢେଙ୍କାନାଳ, ରଣପୁର, ନୟାଗଡ଼, ନୀଳଗିରି, ଆଳି ଓ ପଟିଆର ଶାସକ ମାନେ ବ୍ରିଟିଶ୍ ଆଧିପତ୍ୟକୁ ସ୍ୱୀକାର କରିଗଲେ । ଅତି ସହଜରେ ଓ ଶସ୍ତାରେ ଓଡ଼ିଶାକୁ ହାତେଇ ନେଲେ

Digitized by srujanika@gmail.com

କମାଣ୍ଡ ଶାସକ । ସତେ ଅବା ଆମ ଓଡ଼ିଶା ଥିଲା ସେମାନଙ୍କ ଲାଗି ଗୋଟାଏ ସୁନ୍ଦର ବ୍ୟାଟିଂ ପିଚ୍ ଯେଉଁଠାରେ ସାହେବ ମାନେ ଚୌକା ଛକା ପିଟି ଖୁବ୍ ଜୋରରେ ହସି ଉଠୁଥିଲେ ।

*** ବକ୍ସି ଜଗବନ୍ଧୁ :—**

ଐତିହାସିକ ଖୋର୍ଦ୍ଧା । ଅନେକ ଦୁଃଖ, ଯନ୍ତ୍ରଣା ଗୌରବକୁ ନେଇ ଠିଆ ହୋଇଥିଲେ । ପୁଣି ଥରେ ସେଇ ମାଟିରୁ ତୂର୍ଯ୍ୟନାଦ ହେଲା । ସତେଅବା ଉତ୍କଳ ମାତା ପାଇକ ପୁଅ ମାନଙ୍କୁ ଆହ୍ୱାନ ଦେଲେ ଉଠ ! ଅସ୍ତ୍ର ଧର !! ଶତ୍ରୁ ରକ୍ତରେ ଅର୍ଘ୍ୟ ଦିଅ, ଏହାଥିଲା ୧୮୧୭ ମସିହା କଥା । ଗଜପତି ମୁକୁନ୍ଦ ଦେବଙ୍କର ସୁପ୍ରିମ୍ କମାଣ୍ଡର ଥିଲେ ବକ୍ସି ଜଗବନ୍ଧୁ ବିଦ୍ୟାଧର ଭ୍ରମରବର ରାୟ ମହାପାତ୍ର । •

ମୁକ୍ତିସଂଗ୍ରାମର ଦୁର୍ଦ୍ଧର୍ଷ ବୀର ତଥା ରକ୍ତତୀର୍ଥର ଅଗ୍ନିଶିଖା ଶପଥ୍ ବକ୍ସିଙ୍କ ତୁଣ୍ଡରୁ ଶୁଣାଯାଉଥିଲା - ମନେରଖ ଫ୍ଲେଚର ଖୋର୍ଦ୍ଧା ଉପରେ ଯଦି ହାତଦେବୁ ତୋ ହାତ ହଇଟା କାଟି ଆଣିବି ।

ବ୍ରିଟିଶ୍ ଓଡ଼ିଶା ଦଖଲ କଲାବେଳେ ଖୋର୍ଦ୍ଧାରେ ଥିଲେ ୧୧୦ ଦଳ ବେହେରା, ୯୪୪ ଦଳେଇ ଓ ଅଶି ହଜାର ପାଇକ, ଆଠଶହ ଅଶ୍ୱାରୋହୀ ଓ ବୃତ୍ତିଜଣ ସର୍ଦ୍ଦାର, ବକ୍ସି ଥିଲେ ଏ ସବୁ ଭିତରେ ନମ୍ବର ୱାନ ସର୍ଦ୍ଦାର ।

ଗଜପତି ବାହିନୀର ସୁପ୍ରିମ୍ କମାଣ୍ଡର ଥିଲେ । ବକ୍ସି ଜଗବନ୍ଧୁ । ରୋଡଙ୍ଗ କିଲ୍ଲାର ଜମିଦାର । ବିବାଦ ଆରମ୍ଭ ହୁଏ ସେହି ରୋଡଙ୍ଗ କିଲ୍ଲାକୁ କେନ୍ଦ୍ର କରି । ଇଂରେଜ ଓ ତାଙ୍କ ବୃମଗୃ ଦଳ ଗୁର୍ଦ୍ଧି ଥିଲେ । ବକ୍ସିଙ୍କୁ କାବୁ କରି ବୋଲି ମନାଇବେ କିନ୍ତୁ ମହାବଳ କ'ଣ ଏତେ ସହଜରେ କାହାର ବୋଲ୍ ମାନିଥାଏ ଯଦି ମାନିଥାଏ ବହୁ କଷ୍ଟରେ ।

ମହା ବଳୀୟାର ବକ୍ସି ଜଗବନ୍ଧୁ । ତାଙ୍କ ରୋଡ଼ଙ୍ଗ କିଲ୍ଲାକୁ ଖାତମତ ମାରି ପେଞ୍ଚ କରି ନିଲାମ ଉଠାଇ ଦେଲେ, ଇଂରେଜ ପକ୍ଷ ଲୋକେ । ସେହି ଚକ୍ରାନ୍ତ ଭିଲେନ୍ ମାନେ ଥିଲେ - ଫ୍ଲେଚର ସାହେବ୍ । ପୁଣି ତହସିଲଦାର ଗୌରହରି ଓ ବିଶ୍ୱ କଶୁଦ୍ଧ ଟାଉଟର୍- ଚରଣ ପଟ୍ଟନାୟକ, ତାଙ୍କ ସହିତ

Digitized by srujanika@gmail.com

ହାତ ମିଳାଇଥିଲେ ସନ୍ତୁ ପଟ୍ଟନାୟକ, ଚମ୍ପାଗଡ଼ର ଦଳ ବେହେରା ସୁଦର୍ଶନ ନରେନ୍ଦ୍ର ସିଂହ, ଦାରୋଗା ହେମରାୟ ଓ ବକ୍ସିଙ୍କ ନିଜ ଗୁମାସ୍ତା ଜଗବନ୍ଧୁ ପଟ୍ଟନାୟକ ।

ଚରଣ ପଟ୍ଟନାୟକ । ଓଡ଼ିଶା ମୁକ୍ତି ବିଦ୍ରୋହର ନମ୍ବର ଓ୍ୱାନ ଘୃଣ୍ୟ ଚରିତ୍ର । ନା ଯେମିତି କାମଟା ମଧ୍ୟ ସେମିତି । ମାର ପେଞ୍ଚ୍ କରି ବକ୍ସିଙ୍କ ସମୁଦାୟ ରୋଡ଼ଙ୍ଗ ଜମିଦାରୀକୁ ନିଲାମ କରାଇଦେଲେ ଲକ୍ଷ୍ମୀନାରାୟଣଙ୍କ ନାମରେ । ନିଲାମ ଉଠିଲା ବେଳେ ଲକ୍ଷ୍ମୀ ନଥିଲେ କି ନାରାୟଣ ନଥିଲେ ଥିଲେ କୂଟଚକ୍ରୀ ଚରଣ ପଟ୍ଟନାୟକ ।

ଜମିଦାରୀ ନିଲାମ ହେବାର ପୂର୍ବ ସୂଚନା ମଧ୍ୟ ବକ୍ସି ପାଇନଥିଲେ । ଭିଟାମାଟି ରୋଡଙ୍ଗ ନିଲାମ ଉଠିବା ପରେ ସାହେବ ମାନଙ୍କୁ ବକ୍ସି ଅନେକ ଗୁହାରି କରିଥିଲେ । ନ୍ୟାୟ ଲାଗି କୋର୍ଟ କଚେରୀର ଆଶ୍ରୟ ନେଇଥିଲେ । କିନ୍ତୁ ଫଳ କିଛି ହେଲାନାହିଁ । ମୋକଦ୍ଦମା ଖର୍ଚ୍ଚ ଲାଗି ବକ୍ସି ନିଜର ସାଙ୍ଗ ସାଥିଙ୍କ ପାଖେ ହାତପାତିଲେ । ରୋଡଙ୍ଗ କିଲ୍ଲାର ନିଲାମ ଓ ଖୋର୍ଦ୍ଧା ଗଡର ଦୁରବସ୍ଥା ତାଙ୍କ ମନରେ ବିଦ୍ରୋହର ନିଆଁ ଜାଳିଦେଲା । ପୁଣି ଥରେ ରକ୍ତ ନଦୀ ସୃଷ୍ଟି ହୋଇଥିଲା ରକ୍ତ ତୀର୍ଥରେ । ସୁପ୍ତ ବ୍ୟାଘ୍ର ଜାଗ୍ରତ ହେଲା । ଶତ୍ନେ ଆଠଗଡ଼ର ଦଳେଇ ଓ ଦଳ ବେହେରାଙ୍କୁ ଡକାଇ ବଦଲା ନେବାର ଉପାୟ ଖୋଜା ଚାଲିଲା । ସଭିଏଁ କହୁଥିଲେ — କଣ୍ଟାକୁ କଣ୍ଟାରେ କଢ଼ାହେବ ।

ସେଦିନ ଚରଣ ପଟ୍ଟନାୟକ ଘରେ ଫିରିଙ୍ଗି ଗୁମସ୍ତ ମାନଙ୍କର ଭିଡ଼ଟା ଜମି ଉଠିଥିଲା । ମଦ ପିଆ ସାଙ୍ଗକୁ ସିଗାରେଟ୍ ଧୂଆଁର କୁଣ୍ଡଳୀ ଗୁଡ଼ାକ ଚରଣର ମଜଉମର ଗୃହ ଛୁଇଁଥିଲା । ଇତି ମଧ୍ୟରେ ଚରଣ ପୁଣି ନଗାଟାଏ ଗୁଲ୍‌ବାଜି କରିଥିଲା ।

ମିଛରେ ଚିଠି ଲେଖି ଖୋର୍ଦ୍ଧାର ଇଂରେଜ ପ୍ରଶାସକଙ୍କୁ ଚରଣ ଜଣାଇ ଦେଇଥିଲା — କମ୍ପାନୀ ସରକାରକୁ ତଡ଼ିବା ଲାଗି ବକ୍ସି ମହାରାଷ୍ଟ୍ର ସହିତ ସଲାସୂତ୍ର ହୋଇଛନ୍ତି ।

ମିଛ ଅଭିଯୋଗକୁ 'କା' କରି ଖୋର୍ଦ୍ଧା ଦାରୋଗା ହେମରାୟ ବକ୍ସିଙ୍କୁ ଗେରଫ୍ତାର୍ କରିବାକୁ ଖୋଜିଥିଲେ । ମହାକଳାସ୍ୱାର ବକ୍ସି

Digitized by srujanika@gmail.com

ଜଗବନ୍ଧୁ ନଜର ବେତ୍ରଙ୍କ କାଛା ଦୁଇଶହ ବାଟି ଉର୍ବର ଜମି ହରାଇ ଯେତିକି ଦୁଃଖିତ ହୋଇନଥିଲେ ଚୂଳିଆ ଚରଣ ପଟ୍ଟନାୟକଙ୍କର ଜଘନ୍ୟ ଚୂଗୁଲି ତାଙ୍କ କଳିଜାଟାକୁ କରତି ପକାଇଥିଲା ।

ମିଛୁଆ ଚରଣର ମିଛ ଶଠିକୁ ସତ କହି ମିଛୁଆ ଇଂରେଜ ଜାତି ବକ୍ସିଙ୍କ ଉପରେ ବାରବାର ଦାଉ ସାଧିଥିଲେ । ତା ଆଗରୁ ଓଡ଼ିଆ ପାଇକ କୁଳର ସକ୍ଷାଘାତ କରିଦେଇଥିଲେ ଧୋକାବାଜ୍ ଫିରିଙ୍ଗି ଗୋଷ୍ଠି । ବାରୁଦ ଗଦାରେ ନିଆଁ ଲାଗିଗଲା । ବକ୍ସି ସେଇ ଅଗ୍ନି ସଂଯୋଗରେ ମୁଖ୍ୟ ଭୂମିକା ନେଇଥିଲେ ।

ପୁଣିଥରେ ଖୋର୍ଦ୍ଧାରେ ଆରମ୍ଭ ହେଲା ରକ୍ତାକ୍ତ ଗଣବିଦ୍ରୋହ । ବିଶ୍ୱ ବିଖ୍ୟାତ ପାଇକ ବିଦ୍ରୋହ । ବିଦ୍ରୋହୀ ପାଇକ ଗଙ୍ଗପଡ଼ା ଠାରେ ଦୁ' ଜଣ ଇଂରେଜ ସାହେବଙ୍କ ନାକ କାନ କାଟି ପକାଇଲେ । ବକ୍ସିଙ୍କ ଗୁମାସ୍ତା ଜଗବନ୍ଧୁ ପଟ୍ଟନାୟକକୁ ବେତଙ୍କ ଗଡ଼ ସାମ୍ନାରେ ହାଣି ଦୁ'ଗଡ କରିଦେଲେ । ଚୂଗୁଲିଆ ଚରଣ ପଟ୍ଟନାୟକ ବିପ୍ଳବୀଙ୍କ ହିଟ୍ ଲିଷ୍ଟରେ ଥାଏ । ତାର ଫଏସଲା ଜରୁର୍ ଦରକାର ପଡ଼ିଲା ।

ରଥପୁର ଗାଁ । ଗାଁ ଭିତରେ ମଉଡ଼ ମରା ଘର । ଚରଣ ପଟ୍ଟନାୟକ ସେତେବେଳେ ଉଚା ପିଣ୍ଡାରେ ବସି ନାଗଫାଶ ରଚନା କରୁଥିଲା । ହଠାତ୍ ବିପ୍ଳବୀ ସଚ୍ଚି ପଟ୍ଟନାୟକଙ୍କ ହାତରେ ଧାରୁଆ ଫାର୍ଶାଟା ଅମାନିଆ ହୋଇ ଉଠିଲା । ଦୌଡ଼ି ଯାଇ ଚରଣ ବେକରେ ସ୍ଳେଟ ପକାଇ ଦେଲେ ବିପ୍ଳବୀ ସଚ୍ଚିଦାନନ୍ଦ । ମୁଣ୍ଡ ଗଣ୍ଡି ଦିଭାଟା ଅଲଗା ହୋଇଗଲା । ଭୁକ୍ଷା ନୁଙ୍କ ଡ଼ାଟାର ଫଏସଲା ହୋଇଗଲା । ସାବାସ୍ ସଚ୍ଚିଦାନନ୍ଦ ! ସାବାସ୍ ଦେଶପ୍ରେମୀ !! ମୁକ୍ତି ସଂଗ୍ରାମ ଇତିହାସରୁ ଗୋଟାଏ କଳଙ୍କିତ ଚରିତ୍ରର ମୂଳପୋଛ ହୋଇଗଲା ।

ବକ୍ସି ସଂଯୋଜିତ ବିଦ୍ରୋହାଗ୍ନିକୁ ପ୍ରଶମିତ କରିବା ଲାଗି ତିନିଜଣ ଶ୍ୱେତାଙ୍ଗ ସେନାପତି ଭମର ଭିଡ଼ ଆଗେଇ ଆସିଥିଲେ । ସେମାନେ ଥିଲେ ମେଜର ବେଲ୍, ମେଜର୍ ରାଏଫଜ୍ ଓ ବ୍ରିଗେଡ଼ିୟର ଥୋମାସ । ବିଦ୍ରୋହୀ ପାଇକ ମାନଙ୍କର ବିଚାର ଲାଗି ଗୋରା ସରକାରଙ୍କ ପକ୍ଷରୁ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଢ଼ା ହୋଇଥିଲା । ଏହି କମିଟିର ମୁଖ୍ୟ ଥିଲେ ଗାବ୍ରିଏଲ୍ ମାର୍ଟିଣ୍ଡିଲ୍ । ଗାବ୍ରିଏଲ୍ଙ୍କ ତଦନ୍ତ କମିଟିକୁ ପାଇକ ମାନଙ୍କ

Digitized by srujanika@gmail.com

କମିଟି କଲେ ଠିକ୍ ହେବ । କାରଣ ସାହେବଙ୍କର ଏକମାତ୍ର ଲକ୍ଷ୍ୟ ଥିଲା ଖାର ପାଇକ ମାନଙ୍କୁ ଯମପୁରକୁ ପଠାଇ ଦେବା ।

୧୮୧୭ ଅପ୍ରେଲ ନଅ । ବକ୍‌ସି ଜଗବନ୍ଧୁ ଓ ତାଙ୍କ ପରିଚାଳିତ ଏକ ହଜାର ବିଦ୍ରୋହୀ ପାଇକ ପୁରୀ ସହରରେ ପଶି ସରକାରୀ ଅଫିସ୍ ଗୁଡ଼ିକ ଉପରେ ମରଣାନ୍ତକ ଆକ୍ରମଣ କଲେ । ଜୟ ଜଗନ୍ନାଥ ଧ୍ୱନିରେ ଗଗନ ପବନ ମୁଖରିତ ହେଲା । ସାରା ଭାରତ ପରାଧୀନ ଥିଲାବେଳେ ପବିତ୍ର ଶ୍ରୀକ୍ଷେତ୍ର ସ୍ୱାଧୀନ ହୋଇଗଲା । ପୁରୀ ଜାଗା ଘର ଟୋକା ଖୋର୍ଦ୍ଧାର ପାଇକ ଟୋକାଙ୍କ ସାଙ୍ଗେ ମିଶି ବିଲାତି କୁକୁର ଗୁଡାଙ୍କୁ ଗୋଡ଼େଇ ଗୋଡେଇ ପିଟି ଦେଇଗଲେ ।

ସମ୍ବଲପୁର ମରହଟ୍ଟା ହାତରୁ ଇଂରେଜ ଅଧୀନକୁ ଗଲାପିବାପରେ ରାଣୀ ମୋହନକୁମାରୀ ସମ୍ବଲପୁର ଠାରୁ ଆସି ଇଂରେଜର କରଦ ରାଜ୍ୟ ଖଣ୍ଡପଡାର ପାଞ୍ଚଗଡ ଠାରେ ରହୁଥିଲେ ଓ ଇଂରେଜଙ୍କୁ ସମର୍ଥନ ଦେଉଥିଲେ । ବିଦ୍ରୋହୀ ବାହିନୀ ଏକଥା ଜାଣିପାରି ପାଞ୍ଚଗଡଠାରେ ରାଣୀଙ୍କ ଦେୱାନ ସଦାଶିବ ରାୟଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ । ବିପ୍ଲବୀ ପର୍ଶୁରାମ ରାଜତରାୟ ଏଥିଲାଗି ଫାଶି ଖୁଣ୍ଟରେ ଝୁଲିଥିଲେ ।

ପାଇକ ବିଦ୍ରୋହକୁ ଦମନ କରାଗଲା ବନ୍ଧୁକ ମୁନରେ ଓ କୂଟ ଚକ୍ରାନ୍ତ ବଳରେ । ଶତାଧିକ ବିଦ୍ରୋହୀ ପାଇକ ଫାଶି ଦଉଡ଼ାକୁ ଆପଣେଇ ନେଇଥିଲେ । ଅନେକ ବିଦ୍ରୋହୀ କଳା ପାଣିର ସେଲୁଲାର୍ ଜେଲକୁ ସ୍ୱାଗତ କରିଥିଲେ ।

୧୮୧୯ରେ ବିପ୍ଲବୀ ଗୋପାଳ ଛୋଟରାୟ ପୀତବାସ ମଙ୍ଗରାଜ ଓ ପଦ୍ମନାଭ ଛୋଟରାୟ ଫାଶି ଖୁଣ୍ଟରେ ଝୁଲିଥିଲେ ।

କରୁଣାକର ପରମଗୁରୁ, ବକ୍ସି ପାଇକ ରାୟ, ରାମ ସିଂହ, ନାଥୁ ପ୍ରଧାନ ଓ ନରସିଂହ ପ୍ରଭୃତି ବିଦ୍ରୋହୀ ପାଇକମାନେ ମୃତ୍ୟୁଦଣ୍ଡ ଲଭିଥିଲେ । ବିପ୍ଲବୀ ମୀର୍ ହାଇଦର ଅଲ୍ଲି ବୌଦଠାରେ ଜଙ୍ଗଲରେ ଆତ୍ମ ଗୋପନ କରିଥିବା ଅବସ୍ଥାରେ ମୃତ୍ୟୁ ବରଣ କଲେ । ନିମକ୍ ହାରାମ ଚରଣ ପଟ୍ଟନାୟକର ଷଡଯନ୍ତ୍ର କରି ବିପ୍ଲବୀ ସଚି ପଟ୍ଟନାୟକ ମୃତ୍ୟୁ ପଥର ଯାତ୍ରୀ ହେଲେ ।

Digitized by srujanika@gmail.com

ସେଦିନ ଫିରିଙ୍ଗିବାଲା ଭାବିଥିଲେ ଫାଶିଦେଇ, କଳାପାଣି ପଠାଇ ଜାଗ୍ରତ ଓଡ଼ିଆ ଜାତିକୁ ନିଃଶେଷ କରି ପକାଇବେ କିନ୍ତୁ ସେମାନେ ଜାଣିନଥିଲେ ବିଶ୍ୱର ପରମ ମାତୃଭକ୍ତ ଓଡ଼ିଆଠାରେ ଶେଷ ରକ୍ତଟୋପା ଥିବାଯାଏ ମାତୃଭୂମିର ମୁକ୍ତିଲାଗି ଲଢୁଥିବ ।

ବିଦ୍ରୋହୀ ପାଇକଙ୍କୁ ଧରିବା ଲାଗି ଇଂରେଜ ଶାସକ ଆମ ଗଡ଼ଜାତ ରାଜାମାନଙ୍କ ଠାରୁ ସାହାଯ୍ୟ ଲୋଡ଼ିଥିଲେ । ଘୋର ଲଜ୍ଜାର କଥା ଓଡ଼ିଶାର ଗଡ଼ଜାତ ରାଜାମାନେ ଅକୁଣ୍ଠ ଚିତ୍ତରେ ବିଦ୍ରୋହୀ ପାଇକମାନଙ୍କୁ ଧରାଇ-ଦେବାରେ ଇଂରେଜଙ୍କୁ ପ୍ରାଣପଣେ ସାହାଯ୍ୟ କରିଥିଲେ । କିନ୍ତୁ ତା ପୂର୍ବରୁ କ୍ରାନ୍ତିକାରୀ ବକ୍ସିଙ୍କର ସାମରିକ ସାହାଯ୍ୟ ଭିକ୍ଷାକୁ ସେହି ସବୁ ରାଜାମାନେ ଅସ୍ୱୀକାର କରିଥିଲେ । ଏଇତ ଆମର ଦେଶପ୍ରେମ !

୧୮୧୭ ପାଇକ ବିଦ୍ରୋହରେ ବହୁ ବିଦ୍ରୋହୀ ଗୋରା ସରକାରର ଦୃଢ଼ ଦମନ ନୀତି ଯୋଗୁଁ ମୃତ୍ୟୁଦଣ୍ଡ ପାଇଥିଲେ । ବୟସାଧିକ୍ୟ ଯୋଗୁଁ ବକ୍ସିଙ୍କ ଠାରେ ବିଦ୍ରୋହ ଲାଗି ନିରୁତ୍ସାହ ଭାବ ଦେଖାଦେଇଥିଲା । କିନ୍ତୁ ସିଂହ ବୁଢ଼ାହେଲେ ମଧ୍ୟ ଘାସ ଖାଏନାହିଁ । ବକ୍ସି ଥିଲେ ପୁରୁଷ ସିଂହ ଚିର ଦୁର୍ଜୟ । ବାରମ୍ବାର ନିଜର ରହିବା ସ୍ଥାନ ପରିବର୍ତ୍ତନ କରି ବେଶ ପୋଷାକ ବଦଳାଇ ସେ ଇଂରେଜ ପୋଲିସ୍‌କୁ ଭୁଆଁ ବୁଲେଇ ଦେଉଥିଲେ ।

ଖୋର୍ଦ୍ଧା ବାସୀଙ୍କର ବକ୍ସି ଥିଲେ ପ୍ରାଣପ୍ରିୟ ସେନାପତି । ଖୋର୍ଦ୍ଧାର ପଡ଼ୋଶି ରାଜ୍ୟରେ ମଧ୍ୟ ତାଙ୍କୁ ସମସ୍ତେ ମନଭରି ଭଲ ପାଉଥିଲେ । ଶତ୍ରୁ ମଧ୍ୟ ବକ୍ସି ଜଗବନ୍ଧୁଙ୍କ ବୀରତ୍ୱରେ ମୁଗ୍ଧ ହେଉଥିଲା ।

୧୮୧୭ ନଭେମ୍ବର ତିରିଶି । ଗଜପତି ଦ୍ୱିତୀୟ ମୁକୁନ୍ଦଦେବ ବାରବାଟୀ ଦୁର୍ଗରେ ପ୍ରାଣତ୍ୟାଗ କଲେ । ୧୮୨୭ ମସିହାରେ ବକ୍ସିଙ୍କ ପ୍ରଥମ ଓ ପ୍ରଧାନ ସହଯୋଗୀ ଦେବାନ୍ କୃଷ୍ଣ ଭ୍ରମରବର ରାୟ ଇଂରେଜ ପାଖେ ଆତ୍ମ ସମର୍ପଣ କରିଗଲେ । ବୟସ ବୃଦ୍ଧି ସାଙ୍ଗକୁ ବକ୍ସିଙ୍କର ଶାରୀରିକ ଦୁର୍ବଳତା ମଧ୍ୟ ବଢ଼ିଲା । ବଣ, ଜଙ୍ଗଲ, ଖରାବର୍ଷା, ଶୀତ କାକରରେ ବୁଲି ବୁଲି ବକ୍ସି ଦୁର୍ବଳ ହେଲେ । ମୁକ୍ତି କାମୀ କମ୍ରେଡ୍ ମାନେ ଜଣକ ପରେ ଜଣେ ଶହୀଦ ହୋଇଗଲେ ।

ଇତିମଧ୍ୟରେ ଇଂରେଜ କମିସନର କିଛି ଉପାୟ ନ' ପାଇ ଖୋର୍ଦ୍ଧା ଅଞ୍ଚଳରେ ଛାଟିଆ କାମୁଡ଼ି ପକାଇଲେ । ବକ୍ସିଙ୍କୁ ଧରି ନ' ପାରି ଥରେ

Digitized by srujanika@gmail.com

ତାଙ୍କ ପରିବାର ଲୋକଙ୍କୁ ଧରି ଆଣି ବାରବାଟୀ ଦୁର୍ଗରେ ବନ୍ଦୀ କଲେ । ସେଦିନ ଇଂରେଜ ସରକାର ଭାବ ନେଇଥିଲା ବକ୍ସି ପରିବାର ଲୋକଙ୍କୁ ଦଣ୍ଡ ଦେଲେ ବକ୍ସି ନିଶ୍ଚିତ ଆତ୍ମସମର୍ପଣ କରିଯିବେ କିନ୍ତୁ ଇଂରେଜ କୁଝ ପାଖେ ଓଡ଼ିଆ ସେର୍ ମୁଣ୍ଡ ନୁଆଁଇ ନ' ଥିଲା । ବକ୍ସି ଥିଲେ ଶିର ଦୁର୍ଜୟ ସେନାପତି, ବାଧ୍ୟ ହୋଇ 'ସରକାର ତାଙ୍କ ପରିବାରର ଲୋକଙ୍କୁ ମୁକ୍ତ ଦେଲେ ।

୧୮୧୭ ରୁ ୧୮୨୫ – ଦୀର୍ଘ ଆଠବର୍ଷ । ଓଡ଼ିଶାର ଇଂରେଜ୍ ଶାସକ ପକ୍ଷେ ଆଠଗଣ୍ଡା ଯୁଗ । ବକ୍ସି ଜଗବନ୍ଧୁ ବିଦ୍ୟାଧର୍ ଭ୍ରମରବର ରାୟ ମହାପାତ୍ରଙ୍କ ରକ୍ତ ରଞ୍ଜିତ କାର୍ଯ୍ୟ ଓଡ଼ିଶାର ଇଂରେଜ ଶାସକଙ୍କ ଲାଗି ଗୋଟାଏ ଭୟଙ୍କର ଅବସ୍ଥା ସୃଷ୍ଟି କରିଦେଲା । ଆଜି ମଧ୍ୟ ରୋଡ଼ଙ୍ଗଗଡ଼ କିଲ୍ଲା ସାମ୍ନାରେ ବକ୍ସିଙ୍କ ବ୍ୟବହୃତ ବିରାଟ ପଥର ଓ ପଥର ତିଆରି ମୁଦ୍‌ଗର ରହିଛି । ନିତିଦିନ ଗାଧୋଇ ଗଲାବେଳେ ବୀର ବକସି ପୋଖରୀ କୂଳକୁ ସେହି ପଥର ଦୁଇଟିକୁ ପାଦରେ ଗଡ଼େଇ ଗଡ଼େଇ ନେଉଥିଲେ । ଗାଧୋଇବା ଆଗରୁ ମୁଠାଏ ଘୋରିପ ନିଜ ହାତ ପାପୁଲିରେ ଦଳି ତେଲ ବାହାର କରୁଥିଲେ ଏବଂ ନିଜର ବିରାଟ ଶରୀରରେ ମାଲିସ୍ କରୁଥିଲେ ।

ଲୁହାର ମଣିଷ ଥିଲେ ବକ୍ସି । ଜଙ୍ଗଲ ଭିତରେ ଥିଲାବେଳେ ଥରେ ୧୦'×୫×୨ ୧/୨' ଆୟତନ ଗୋଟିଏ ବିରାଟ ପଥରକୁ ହାତରେ ଟେକି ବହୁ ଦୂରକୁ ଫିଙ୍ଗି ଦେଇଥିଲେ । ଏଥିରୁ ଜଣାପଡ଼େ ତାଙ୍କ ଶାରୀରିକ ଶକ୍ତି କେତେଥିଲା । ପିଲାଦିନୁ ରଣ କୌଶଳ ଶିଖି ନିଜ ଦେହକୁ ବେଶ୍ ପୁଷ୍ଟି କରିଥିଲେ ବକ୍ସି ଜଗବନ୍ଧୁ । ଉନ୍ନତ କପାଳ, ଗୌରବର୍ଣ୍ଣ, ବଳିଷ୍ଠ ମାଂସପେଶୀ ଯୁକ୍ତ ଦକ୍ଷ ଅଶ୍ୱାରୋହୀ ସୁନା ଓ ମୁକ୍ତାହାର ଶୋଭିତ ସୁଦର୍ଶନ ଓଡ଼ିଆ ସେନାପତିଙ୍କୁ ଦେଖି ଗୋରା ଲୋକମାନେ ମଧ୍ୟ ସେଦିନ ନିଜେ ନିଜକୁ ନିନ୍ଦାକରି ମନେ ମନେ କହୁଥିଲେ ଆମେ କି ସୁନ୍ଦର ?

ଇଂରେଜ୍ ଶକ୍ତିର ହୃତ୍ କମ୍ପନ ସୃଷ୍ଟି କରିଥିଲେ ବକ୍ସି ଜଗବନ୍ଧୁ । ତାଙ୍କଠାରୁ ଇଂରେଜ ଶାସକ ରାଜକୀୟ ଉପାଧି ବକ୍ସି ଓ ରାଜପ୍ରଦତ୍ତ ଜାଗିର ପ୍ରତ୍ୟାହାର କରିନେଇଥିଲେ । ନିଜେ ଇଂରେଜ ଐତିହାସିକ ଷ୍ଟର୍ଲିଂ ମଧ୍ୟ ସ୍ୱିକାର କରିଥିଲେ • ବକ୍ସିଙ୍କ ବିଦ୍ରୋହ ଓଡ଼ିଶାରେ ଇଂରେଜ ଶକ୍ତିର ମୂଳଦୁଆ ଦୋହଲାଇ ଦେଇଥିଲା । ପ୍ରକୃତରେ ବକ୍ସିଥିଲେ

Digitized by srujanika@gmail.com

୧୯ ଛ୍ୱା ମାଟିର ପ୍ରଥମ ଓ ଶେଷ ସେନାପତି ଯିଏ ଇଂରେଜର ଅନ୍ୟାୟ ଅନ୍ୟାୟ ଅତ୍ୟାଚାରରେ ମୁକ୍ତ ମୂଳୋତ୍ପାଟନ ଲାଗି ପ୍ରଚଣ୍ଡ ରଣହୁଙ୍କାର ଦେଇଥିଲେ ।

୧୮୨୫ ମେ' ମାସ । ଆଜନ୍ମ ବିପ୍ଳବୀ ବକ୍ସି ଜଗବନ୍ଧୁ ସସମ୍ମାନେ ନିଜର ଆଠଜଣ ବିଦ୍ରୋହୀ ଦୋସ୍ତଙ୍କୁ ନେଇ କମିଶନର ଓ୍ୱାଲଟର ପୁଏରେ ଚ ଖେ ଆତ୍ମ ସମର୍ପଣ କରିଥିଲେ । ଆତ୍ମ ସମର୍ପଣ ଲାଗି ନୟାଗଡ ରାଜାଙ୍କ ଦେଓ୍ୱାନ ବରଜୁ ପାଇକରାୟ ଓ ଗଡଜାତ ମାହାଲର ସୁପରିନ୍‌ଟେଣ୍ଡେଣ୍ଟ ଲେଫ୍‌ଟେନାଣ୍ଟ ମହମ୍ମଦ ବକ୍‌ସିଙ୍କୁ ବହୁଥର ବୁଝାଇଥିଲେ ।

ମହାବିଦ୍ରୋହୀର ମହାନାଟକର ଶେଷ ଯବନିକା ନଇଁ ଆସିଥିଲା । ମୁକ୍ତ ସିଂହକୁ ଲୁହା ପଞ୍ଜୁରୀରେ ରଖାଗଲା । ଉତ୍କଳ ମାତାଙ୍କ ଆଖିରୁ ନିଇଁଆର ଲୁହ ଗଡ଼ିପଡ଼ିଲା । ଯେଉଁଥିରେ ସେଇ ଲୁହ ଥିଲା ଦୁଇଟୋପା ଲାଲ୍ ରକ୍ତ ।

କମିଶନର ଓ୍ୱାଲଟର ପୁଏର ନିଜ କପାଳ ପାଖରେ ହାତ ରଖି ବାହାଦୁର ବକ୍‌ସିଙ୍କୁ କୁର୍ଣ୍ଣିସ ଜଣାଇଥିଲେ । ଆତ୍ମ ସମର୍ପଣର ମାତ୍ର ଦୁଇବର୍ଷ ପରେ ୧୮୨୯ ଜାନୁୟାରୀ ଚବିଶ ତାରିଖ ଦିନ ମହାନ କ୍ରାନ୍ତିକାରୀ ବକ୍‌ସି ଜଗବନ୍ଧୁଙ୍କ ଦେହାନ୍ତ ହୋଇଥିଲା । ଧନ୍ୟ ବକ୍‌ସି ଜଗବନ୍ଧୁ ! ଧନ୍ୟ ସିଂହ ଶାବକ !! ସୁବର୍ଣ୍ଣ ଜୟନ୍ତୀ ଅବସରରେ ଏ ଜାତି ଆପଣଙ୍କ ପାଦ ପଦ୍ମରେ ରକ୍ତ ମନ୍ଦାରଟିଏ ଥାପି ଭକ୍ତି ଚୁମ୍ବନ ଦେଉଛି । ଓଡ଼ିଶାର ସଶସ୍ତ୍ର ମୁକ୍ତି ସଂଗ୍ରାମ ଇତିହାସରୁ ଗୋଟିଏ ରକ୍ତସ୍ନାତ ଅଧ୍ୟାୟ ଶେଷ ହୋଇଗଲା । ଇଂରେଜମାନେ ଟିକିଏ ଶାନ୍ତିରେ ନିଶ୍ୱାସ ମାରିଥିଲେ । କିନ୍ତୁ ଦୁଃଖ ରହିଗଲା ଭାରତ ଇତିହାସ କିମ୍ବା ଆମ ମୁକ୍ତି ସଂଗ୍ରାମ ଇତିହାସରୁ ଏହି ବୀର ପୁଙ୍ଗବଙ୍କ ରକ୍ତ ଭିଜା ଜୀବନ କାହାଣୀକୁ ଜାଣିଶୁଣି ବ୍ଲାକ ଆଉଟ୍ କରି ଦିଆଗଲା ।

❋ ଦେଓ୍ୱାନ କୃଷ୍ଣ ଭ୍ରମରବର ରାୟ :—

୧୮୧୭ ପାଇକ ବିଦ୍ରୋହର ଆଉ ଗୋଟିଏ ରକ୍ତ ରଞ୍ଜିତ ଚରିତ୍ର ଥିଲେ ଦେଓ୍ୱାନ କୃଷ୍ଣଚନ୍ଦ୍ର ଭ୍ରମରବର ରାୟ । ଗଜପତି ମୁକୁନ୍ଦ ଦେବଙ୍କ ଦେଓ୍ୱାନ । ନମ୍ବର ଓ୍ୱାନ କ୍ରାନ୍ତିକାରୀ । ଖୋର୍ଦ୍ଧା ନିକଟବର୍ତ୍ତୀ କୁସପଡ଼ମଲ୍ଲ ଗାଁରେ ଜନ୍ମ ନେଇଥିଲେ । ବଳିଷ୍ଠ, ଦୀର୍ଘକାୟ ବପୁବନ୍ତ, ସମର ବିଶାରଦ,

Digitized by srujanika@gmail.com

ବକ୍ସି ଜଗବନ୍ଧୁଙ୍କ ଅନ୍ତାଣ ହାତ । ଛତ୍ରମାଗଡର (ଦୁର୍ଗାପୁର)ର ମାଲିକ ଥିଲେ ଏହି ଭ୍ରମରବର ।

ପାଇକ ବିଦ୍ରୋହର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୁଏ ଅଠର ଶହ ସତର ମସିହାରେ । ୧୮୦୪-୧୮୦୫ ବିଦ୍ରୋହର ମୁଖ୍ୟ ନାୟକ ଜୟୀ ରାଜଗୁରୁଙ୍କୁ ବାଘିତୋଟା ବରଗଛ ଡାଳରେ ଫାଶୀ ଦେଇ ସାରିବା ପରେ ଇଂରେଜ ଶାସକ ଯେତେବେଳେ ଖୁବ୍ ଜୋରରେ ଧୂଆଁ ବାଣ ମାରୁଥିଲେ । ଠିକ୍ ସେତିକିବେଳେ ଖୋର୍ଦ୍ଧା ଆକାଶରେ ଉଇଁ ଉଠିଥିଲେ ଆଉ କେତେଗୁଡ଼ିଏ ପ୍ରଚଣ୍ଡ ଧୂମକେତୁ । ସେମାନେ ଥିଲେ ବକ୍ସି ଜଗବନ୍ଧୁଙ୍କ ସାଥି, ସାଙ୍ଗ ଓ ସନ୍ତାପ ବାଘ ଦଳ । ସମସ୍ତଙ୍କର ପ୍ରଥମ ଓ ପ୍ରଧାନ ଲକ୍ଷ୍ୟ ଥିଲା ମାତୃ ମୁକ୍ତି ଯଜ୍ଞରେ ପ୍ରାଣବଳୀ ଦେବା । ଖୋର୍ଦ୍ଧାର ଇଂରେଜ ଦପ୍ତର ଗୁଡ଼ିକ ଜବର ଦଖଲ କରାଗଲା । ଗୋଟାଏ ପରେ ଗୋଟାଏ ସୁନସୁନ କ୍ୟାମ୍ପ ଜଳକୁ ଖସିଗଲା ।

ପୁରୀ ଜିଲ୍ଲାର କଣାସ ଅଞ୍ଚଳ ଦାୟିତ୍ୱରେ ଥିଲେ ଦେଓ୍ୱାନ କୃଷ୍ଣଚନ୍ଦ୍ର । ତାଙ୍କ ହାତରେ ଥିଲେ ହଜାରେ ପାଇକ ସୈନ୍ୟ, ସମସ୍ତେ ଯୁଆନ୍ ।

ପହିଲ ମୁକାବିଲା ହୁଏ ଦୋବନ୍ଧା ଠାରେ । ଶତ୍ରୁ ପକ୍ଷ ସୈନ୍ୟ ବାହିନୀର ମୁଖ୍ୟ 'ଲି' ଫାବ୍ରେ । ହାତରେ ତାଙ୍କର ଶକ୍ତିଶାଳୀ ଆଗ୍ନେୟାସ୍ତ୍ର, ହେଲେ ମୁକାବିଲାରେ ଦେଓ୍ୱାନ ହାରିଗଲେ । ବକ୍ସି ସେତେବେଳେ ବ୍ରହ୍ମଗିରି ଠାରେ ଓ ମୁକୁନ୍ଦଦେବ ବାରବାଟୀ ଦୁର୍ଗରେ । କିଛିଦିନ ପରେ ବକ୍ସି ଓ ଦେଓ୍ୱାନଙ୍କ ସାକ୍ଷାତ ହେଲା । ଦୁହେଁ ଯାଇ ପହଞ୍ଚିଗଲେ ଗଞ୍ଜାମମାଳ ଅଞ୍ଚଳକୁ । ଲୁଚିଛପି କମ୍ପାନୀ ସୈନ୍ୟ ସହିତ ମୁକାବିଲା କଲେ । ବର୍ଷେ ଦ୍ୱିବର୍ଷ ନୁହେଁ ଦୀର୍ଘ ଆଠ ବର୍ଷ । ଶେରଗଡ଼, ଘୁମୁସର, ଦଶପଲ୍ଲା, ନୟାଗଡ଼, କଇଦ, ଖୋର୍ଦ୍ଧା, ବାଣପୁର ଅଞ୍ଚଳରେ ମୁକ୍ତି ବିଦ୍ରୋହର ନିଆଁ ଜଳିଲା ।

ଦଣ୍ଡା ପ୍ରଶାସକ ମେଜର ଫ୍ଲେଚର । ବିଦ୍ରୋହୀ ଦେଓ୍ୱାନ କୃଷ୍ଣଚନ୍ଦ୍ରଙ୍କ ଜମିବାଡ଼ି ବାଜ୍ୟାପ୍ତି କରି ପକେଇଲା । ତାଙ୍କ ଦେଓ୍ୱାନ ପଦ କାଟିଦେଲେ । ପିଲାମାନଙ୍କୁ ଥାନାକୁ ଡାକି ନେଇ ଧମକ୍ ଚମକ୍ ଦେଲେ । ତଥାପି ମଲା ମାଟିର ଅପରାଜିତ ଦେଓ୍ୱାନ କୃଷ୍ଣଚନ୍ଦ୍ର ଇଂରେଜ୍ ପାଖେ ମୁଣ୍ଡ ନୁଆଁଇ ନ' ଥିଲେ । ସାବାସ୍ ସିଂହ ଶାବକ ! ସାବାସ୍ ।

Digitized by srujanika@gmail.com

ସେତେବେଳକୁ ବକ୍‌ସି ନାଟକ ଘରିବାକୁ ଡେର ବାକିଥାଏ, ମେଜର ଫ୍ଲେଚରର ହ. ପି. ଦଳକୁ ଦଳ ବଢ଼ି ଯାଉଥିଲା । ବକ୍‌ସି ଜଗବନ୍ଧୁ ଓ ଦେଓ୍ୱାନ୍ କୃଷ୍ଣଚନ୍ଦ୍ରଙ୍କ ଅନୁଗାମୀ ପଦାତିକ ସୈନ୍ୟ ଜଣକପରେ ଜଣେ ଶତ୍ରୁ ହାତରେ ଗ୍ରେପ୍ତାର ହୋଇଯାଇଥିଲେ । ଅନେକ ଗଛ ଫାଶି ଖୁଣ୍ଟିରେ ଶହୀଦ୍ ହୋଇଗଲେ । କଳାପାଣିରେ ଅନେକ ନର୍କଯନ୍ତ୍ରଣା ଭୋଗକଲେ । ତଥାପି ବକ୍‌ସି ଓ ଦେଓ୍ୱାନ ଥିଲେ ଅପରାଜିତ ।

ଏଣିକବେଳେ ଖୋର୍ଦ୍ଧା ଆକାଶରେ ଉଇଁ ଉଠିଥିଲେ ଅନେକ ଅଶୁଭ ଧୂମକେତୁ । ଚୂଳିଆ ଚରଣ ପଟ୍ଟନାୟକ ଠାରୁ ଆରମ୍ଭ କରି ଦାରୋଗା ହେମରାୟ, ସାହକ୍ ଅଲ୍ଲୀ ଠାରୁ ରାଘବ ପଟ୍ଟନାୟକ ଯାଏ ସମସ୍ତେ ଗୁନ୍ଥିଥିଲେ ପାଇକ ବିଦ୍ରୋହକୁ ଭଣ୍ଡୁର କରିପକାଇବେ । ମାଆକୁ ପର ପାଖେ ବନ୍ଧା ପକାଇ ସେମାନେ ସେଦିନ ମାନ୍ଧତେଲରେ ମାଛ ଭାଜୁଥିଲେ । ୧୮୨୫ ମେ ମାସରେ ଶାରୀରିକ ଦୁର୍ବଳତା ଯୋଗୁଁ ମହାନ୍ ଦେଶପ୍ରେମୀ ବକ୍‌ସି ଜଗବନ୍ଧୁ ଆତ୍ମସମର୍ପଣ କରିଥିଲେ । ୧୮୨୭ ମସିହାରେ ଦେଓ୍ୱାନ କୃଷ୍ଣ ଭ୍ରମରବର ରାୟ ବ୍ରିଟିଶ ପୋଲିସ୍ ହାତରେ ଧରାପଡ଼ିଲେ । ଜେଲ ଖାନାରେ ମାତୃଭୂମିର ମୁକ୍ତି କଥା ଚିନ୍ତା କରି ପାଗଳ ପ୍ରାୟ ହୋଇଗଲେ ।

କିନ୍ତୁ ଓଡ଼ିଶା ଇତିହାସ ଏହି ମହାନ୍ ବିପ୍ଳବୀଙ୍କ ସମ୍ପର୍କରେ ସମ୍ପୂର୍ଣ୍ଣ ନୀରବ ରହିଛି । ଆଜି ଆମ ରାଜ୍ୟର ସ୍କୁଲ କଲେଜ ପିଲାମାନେ ଆମେରିକା, ଫ୍ରାନ୍‌ସ, ଇଟାଲି ଦେଶର ମୁକ୍ତି ସଂଗ୍ରାମ ହୋସୁଥିଲା ବେଳେ ଖୋଦ ଜନ୍ମଭୂମିର ଅମର ସନ୍ତାନ ମାନଙ୍କ ନାଁ ଜାଣି ନାହାନ୍ତି । ଏହାଠାରୁ ବଳି ଲଜ୍ଜାର କଥା ଆଉ କ'ଣ ଥାଇପାରେ ?.

* ପିଣ୍ଡିକ ବାହୁବଳେନ୍ଦ୍ର :—

ପଶୁରାଜ ସିଂହ ସବୁତ ରହିଥାନ୍ତି ବଡ଼ଳ ଉପୁଙ୍କର ସିଂହ ସନ୍ତାନ । ପୁରୁଷ ସିଂହ ବକ୍‌ସି ଜଗବନ୍ଧୁଙ୍କ ସହିତ ଥିଲେ ଓଡ଼ିଶା ମାଟିର ଆଉ କେତେକ ସିଂହ ଶାବକ । ସେମାନଙ୍କ ଭିତରେ ପିଣ୍ଡିକ ବାହୁ ବଳେନ୍ଦ୍ର ଥିଲେ ଅନ୍ୟତମ । ଗଡ ହାରୁ ଠେଙ୍ଗର ବଳେଇ ବା ପାଇକ ସର୍ଦ୍ଦାର ଥିଲେ ପିଣ୍ଡିକ । ଗଜପତି ବାହିନୀର ଅନ୍ୟତମ ନାମଜାଦ ସର୍ଦ୍ଦାର ଅଠରଶହ

Digitized by srujanika@gmail.com

ସତର ବେଳକୁ ଅଣତ୍ରିଶ ବର୍ଷ ପୂରିଯାଇଥାଏ । ତଥାପି ଦିନକୁ ଷୋଳ ସେର କ୍ଷୀର ପିଆ ହେବ । କସରତ୍ ହେବାକଥା ହେବ । ଭାଙ୍ଗ ମାଡ ହେବ । ଦେହରେ ମଲ୍ଲୀଫୁଲ ମାଳ ପଡ଼ିବ ।

•

ଛେନା ଗଉଡ଼ ଖାଇ ନିଜ ପିଣ୍ଡକୁ ଖୁବ୍ ଟାଣ କରିଦେଇଥିଲେ ପିଣ୍ଡିକ । ସାଙ୍ଗରେ ଥିଲେ ଆଉ ଦି' ତିନିଜଣ ସନ୍ତ୍ରାସ ବାଦୀ ସାଥି । ସେମାନେ ହେଲେ ଧର୍ମା ଜେନା, ବକ୍ସି ପାଇକରାୟ ଓ ସାଧୁ ମଙ୍ଗରାଜ । ପଟିଆ ପାଖ ଶିଖର-ଚଣ୍ଡି ମୁଣ୍ଡିଆ ଥିଲା ସେମାନଙ୍କର ଆଡ୍‌ଡା ସ୍ଥଳ । ଇଂରେଜ ଶାସକର ନାଲି ଆଖିକୁ ସେମାନେ ବରାବର ବେଖାତିର କରୁଥିଲେ । ଓଡ଼ିଶାର ଇଂରେଜ ଶାସକ ସେମାନଙ୍କ ନାଁ ଦେଇଥିଲେ• ଟେରରିଷ୍ଟ୍ । ପିତାପଲ୍ଲୀ ଠାରୁ କଟକ ଚାନ୍ଦକା ଠାରୁ ମୁଣ୍ଡ ମୁହାଣ ଅଞ୍ଚଳରେ ସେଇ ଟେରରିଷ୍ଟ୍ ମାନେ ଶୁଣାଇ-ଥିଲେ - ମାତୃ ମୁକ୍ତି ମନ୍ତ୍ରର ଆଦ୍ୟ ଓଁ କାରମ୍ । ସମଗ୍ର ଅଞ୍ଚଳରେ ରେଡ୍ ଆଲର୍ଟ ଜାରି ହେଲା । ଗୋରା ଶାସକ ମାନଙ୍କର ହୃତ୍ କମ୍ପନ ସୃଷ୍ଟି ହେଲା ।

ଶିଖରଚଣ୍ଡି ମୁଣ୍ଡିଆ ଉପରେ ଥିଲା ବରଗଛଟିଏ । ସେଇ ଗଛ ଉପରେ ଛପି ରହୁଥିଲେ ପିଣ୍ଡିକ, ସାଧୁ ଓ ବକ୍ସି । ବ୍ରିଟିଶ କର୍ମଚାରୀ ଶଗଡରେ ଖଜଣା ଟଙ୍କା ଲଦି ଖୋର୍ଦ୍ଧାରୁ କଟକ ଗଲାବେଳେ ବରଗଛ ତଳେ ଅତର୍କିତ ଭାବେ ମର୍ଡ଼ର ହୋଇ ଯାଉଥିଲେ । ବରଗଛ ପାଖେ ଶଗଡ଼ ପହଁଚିବା ମାତ୍ରକେ ଖପ୍ ଖାପ୍ ତିନିଜଣ ହାନ୍ତକାଟି ଡେଇଁ ପଡ଼ି ଶଗଡ଼ିଆ ଓ ଗୋରା କର୍ମଚାରୀଙ୍କୁ କାବୁ କରିନେଉଥିଲେ । ସେମାନଙ୍କ ତଣ୍ଟି ଗୁଡାକ ଚଟାପଟ୍ ମୋଡ଼ି ଦେଇ ସୁରକାଟି ଟଙ୍କା ଟେକ ଧରି ବଣକୁ ପାର ହୋଇ ଯାଉଥିଲେ । ଓଡ଼ିଶାର ବ୍ରିଟିଶ୍ ଶାସନ ସଂସ୍ଥା ଥରହର ହେଲା । ଖୋର୍ଦ୍ଧା ମୁଲକରେ କୋକୁଆ ଭୟ ଖେଳି ଗଲା । ବରଗଛର ନାଁ ରହିଗଲା - ଖଜଣା ମାରୁ ବଟ । ଠିକ୍ ସେତିକି ବେଳେ ଖୋର୍ଦ୍ଧା ପାଖ ଗଙ୍ଗପଡା ଠାରେ ଲେଫଟ୍‌ନାଣ୍ଟ ଫେରିସ୍‌କୁ ଖୁନ୍ କରିଦେଲେ ଦଳବେହେରା ଘାଗୁ ହରିଚନ୍ଦନ ଓ ମାଖନ ସିଂହ ।

ଚନ୍ଦୁଲିଆଙ୍କୁ ହାତ କରିଗଲା । ଦଳିତ କୁଣ୍ଢା ମାନଙ୍କର ପାଦ ଘୁଞ୍ଚିବା ଲୋକ ଅଭାବ ନଥିଲେ । ଆଗେଇ ଆସିଥିଲେ ଜଟପଡାର ସନ୍ତୁ ପଟ୍ଟନାୟକ, ଦଧିମାଛ ଗଡ଼ିଆର ନିଧି ପଟ୍ଟନାୟକ, ଚଂପାଟ୍‌ର ଦଳବେହେରା ସୁଦର୍ଶନ

Digitized by srujanika@gmail.com

ନରେନ୍ଦ୍ର ସିଂହ, ପିଣ୍ଡାରିକଙ୍କ ପିଲାଦିନ ସାଥି ଓ ମଲ୍ଲପଡ଼ା ଜାଗିର୍‌ଦାର ଧ୍ରୁବଜୟ ହରିଚନ୍ଦନ, ମଧୁ ମହାନ୍ତି ଓ ଶମ୍ଭୁ ମହାନ୍ତି । ମଧୁ ମହାନ୍ତିର ମଧୁର ପ୍ଲାନ ଗୁଡ଼ାକ ମଧୁରେ ମଧୁରେ ବେଶ୍ ଜମି ଉଠିଲା । କମ୍ପାନୀ ସରକାର ଘୋଷଣା କଲେ - ପିଣ୍ଡାରିକ ଓ ତାଙ୍କ ଟେରରିଷ୍ଟ୍ ଦଳକୁ ଧରାଇ ଦେଲେ ମିଳିବ ହଜାରେ ଟଙ୍କା ଓ ଜାଗିରୀ ଜମି ।

ଧ୍ରୁବ ହରିଚନ୍ଦନ ପାଟିରୁ ଲାଳ ବୋହିଲା । ପିଲାଦିନର ସାଥି ପିଣ୍ଡାରିକ । କେତେ ଖେଳିଥିଲେ, ବୁଲିଥିଲେ ଓ ଗମାତ୍ କରିଥିଲେ । ଶତ୍ରୁ ପାଖରୁ ସାମାନ୍ୟ କିଛି ଟଙ୍କା ଓ ଜମିପାଇବା ଆଶାରେ ସାଙ୍ଗ ପଣିଆ ପାଶୋରି-ପକାଇଲେ । ହାତ ମିଳାଇଲେ ଇଂରେଜ ଦଲାଲ ସହିତ ।

୧୮୨୦ ମସିହା ମାର୍ଗଶିର ମାସ । ଶ୍ରେଷ୍ଠ ମାସ । ମାଣବସା ଗୁରୁବାର । ଧ୍ରୁବ ହରିଚନ୍ଦନଙ୍କ ଉଆସରେ ଭିଡ଼ ଜମି ଉଠିଲା । କମ୍ପାନୀ ପୋଲିସ୍ ଓ ପୋଷା ଗୁଣ୍ଡାମାନେ ଆଗରୁ ପ୍ରସ୍ତୁତ ହୋଇଥାନ୍ତି । ଧ୍ରୁବଜୟଙ୍କ ମୁହଁରେ ସେଦିନ ବଣୁଆ ହସ ବନ୍ଦ ହୋଇନଥିଲା ।

ତେଣେ ଶିଖର ଚଣ୍ଡି ମୁଣ୍ଡିଆ ଉପରୁ ତଳକୁ ଓହ୍ଲାଇଥିଲେ ଓଡ଼ିଆ ବାଘ ପିଣ୍ଡାରିକ ବାହୁବଳେନ୍ଦ୍ର । ସାଙ୍ଗ ଘରକୁ ଯିବେ ମାଣବସା ଜାଉ ଖାଇବା ଲାଗି ।

ପ୍ରଥମେ ଦୁଇ ବନ୍ଧୁ ଚିକେନ ବଟାଭାଙ୍ଗ ଖାଇ ଗମାତ୍ କଲେ । କିନ୍ତୁ ଏ କ'ଣ ? ପିଣ୍ଡାରିକଙ୍କ ମୁଣ୍ଡଟା କାହିଁକି ଝାଇଁ ମାରିଗଲା ? ଦେହରୁ ଗମ୍‌ଗମ୍ ଝାଳ ବୋହିଗଲା ? ସେ ଭଣ ବିଶ୍ୱାସରେ ବିଷ ପିଇଲେ ?

ମନକୁ ବହୁବାର ବୁଝାଇଥିଲେ ପିଣ୍ଡାରିକ - ସାଙ୍ଗ କ'ଣ ଭାଙ୍ଗରେ ବିଷ ଦେଲା ?

ବ୍ରିଗେଡ଼ିୟର ଥୋମସ ଘନ ଘନ ହୁଇସିଲ ବଜାଇଲା । ତହିଁକି ଆସିଲେ ନିମକ୍ ସଙ୍ଗ ପୋଲିସ ଓ ଗୁଣ୍ଡା । ଖୁବ୍ ଜୋର୍‌ରେ ହସିଉଠିଲେ ପିଶାଚ ଧ୍ରୁବଜୟ ! ଓଃ କି ବଣୁଆ ସେ ହସ ! ।

Digitized by srujanika@gmail.com

ଗଙ୍କରେ ଚଷାକୁ ଦୁଦୁରା ମଞ୍ଜି ବାଟି ସେ ପିଣ୍ଡିକଙ୍କୁ ପିଆଇ ଦେଉଥିଲେ । ମାଣବସା ଜାଉ ଖାଇବା ପୂର୍ବରୁ ଜାଗିରଦାରଙ୍କ ଘର ଛାତରେ ଲୁଚିଥିବା ଆଠ ଦଶଜଣ ଗୁଣ୍ଡା ପିଣ୍ଡିକଙ୍କ ଅଣ୍ଟା, ପିଠି ଓ ବେକ ଉପରେ ବାଉଁଶ ପକାଇ ମାଡ଼ ବର୍ଷିଲେ । ହାତରେ ହାତକଡ଼ି ଗୋଡ଼ରେ ଲୁହା ବେଡ଼ି ପକାଇ ବାବୁଠେଙ୍ଗାର ମହାବଳଙ୍କୁ ଜବତ କରାଗଲା । କାରକାଣ୍ଡାରେ ବନ୍ଦୀ ହେଲେ ସ୍ୱାଧୀନତାର ପିଣ୍ଡିକ ବାହୁ ବଳେନ୍ଦ୍ର ।

ସେଥିର ଜେଲ ଭିତରେ ଦିନେ କଳଙ୍କି ଲଗା ଖଣ୍ଡା ପକାଉଥିଲେ ପିଣ୍ଡିକ । ହାତରେ ଭଲ ଖଣ୍ଡାଟିଏ ଧରି ଜେଲ ପାଚେରୀ ଡେଇଁ ଚମ୍ପଟ କଲେ । ପିଣ୍ଡିକଙ୍କୁ ପିଛାକଲେ ପଚାଶ ବନ୍ଧୁକ ସିପାହୀ ସହିତ ଆମ ଦେଶୀ ସିପାହୀ ।

ଶ୍ରାବଣ ମାସ । ପୂରନ୍ତା କାଠଯୋଡ଼ ନଈ । ପିଣ୍ଡିକ ଡେଇଁ ପଡ଼ିଥିଲେ କାଠଯୋଡ଼ ପାଣି ଭିତରକୁ । ପହଁରି ପହଁରି ବାରଙ୍ଗ ପାଏ ଚାଲି ଆସିଥିଲେ । ମହାବଳଙ୍କୁ ବଳିଆ କୁକୁର ଘେରିଲା ପରି ପିଣ୍ଡିକଙ୍କୁ ଘେରି ଯାଇଥିଲେ କମ୍ପାନୀ ସିପାହୀ । ଏକା ଏକୁଟିଆ ଚାରି ପାଞ୍ଚ ଜଣଙ୍କୁ ଖଣ୍ଡାରେ ଧାଏଁଲା କରିଦେବା ପରେ ସେଦିନ ହସି ହସି ଲୁହାର ମଣିଷ ପିଣ୍ଡିକ ବାହୁବଳେନ୍ଦ୍ର ମାଟି ମାଆ କୋଳରେ ଢଳି ପଡ଼ିଥିଲେ ।

ଉଚ୍ଚା ପିଣ୍ଡାରେ ବସିଥିଲେ ମଳପଡ଼ା ଜାଗିରଦାର ଧ୍ରୁବଜୟ ହରିଚନ୍ଦନ । ବେଇମାନୀ କରି ଜଏଣ୍ଟ ମାଜିଷ୍ଟ୍ରେଟ୍ ଫୋଷ୍ଟରଙ୍କ ହାତରୁ ତଉସ୍ତର ବାଟି ଦଶମାଣ ଜମି ପାଇ କୁରୁକୁରୁ ଉଠୁଥିଲେ । କିନ୍ତୁ ମଲା ପରେ ସାଙ୍ଗରେ ନେଲେ କେତେ ମାଣ ? ନମକ ହାରାମୀର ବୋଝ ବୋହି ନର୍କ ପ୍ରାପ୍ତି ହେଲେ ।

ଶହୀଦ୍ ସୁରସିଂହ ମାର୍ଥା :—

ଯେତେବେଳେ ଖୋର୍ଦ୍ଧା ମାଟିର ଜୟୀରାଜଗୁରୁଙ୍କୁ ଫାଶିଦେଇ, ବକ୍ସିଙ୍କୁ ଜେଲରେ ରଖି ପିଣ୍ଡିକଙ୍କୁ ନିର୍ମମ ଭାବେ ହତ୍ୟା କରି କମ୍ପାନୀ ଶାସକଙ୍କର ହିମାକ୍ ବଢ଼ିଯାଇଥିଲା ଠିକ୍ ସେତିକି ବେଳେ ମଧୁରୀ (ଗଞ୍ଜାମ) ରାଜ୍ୟରେ ଇଷ୍ଟ୍ଇଣ୍ଡିଆ କମ୍ପାନୀର କର୍ମଚାରୀ ଖୁର୍ସିଦ ଲାଲ୍ ର ମୁଣ୍ଡ ଓ ଗଣ୍ଡି

Digitized by srujanika@gmail.com

ବଡ଼ ବଜାର ଉପରେ ଅଲଗା ହୋଇଯାଇଥିଲା । ସେହି ସୁ-ଦିନଟି ଥିଲା ୧୮୨୦ ନଭେମ୍ବର ପାଞ୍ଚ ତାରିଖ । ହଁ ପହରବେଳା ଖୁର୍ସିଦ ଜଲ୍‌ର କଟା ମୁଣ୍ଡର କହର୍ଷ ବାଳ ଗୁଡ଼ାକ ହାତରେ ଧରି ଖୁବ୍ ଜୋର୍‌ରେ ସିଂହ ଉଠିଥିଲେ ବିପ୍ଳବୀ ସୁରସିଂହ ମାର୍ଥା । ଦକ୍ଷିଣାଞ୍ଚଳର ଇଂରେଜ ପ୍ରଶାସକ ହତବମ୍ଭ ହୋଇପଡ଼ିଲା ।

ମହୁରି ରାଜ୍ୟର ବିଧବା ରାଣୀ ବିଷ୍ଣୁପ୍ରିୟାଙ୍କ ସହିତ କମ୍ପାନୀର ଚୁକ୍ତି ହୋଇଥିଲା - ରାଣୀ ବାର୍ଷିକ ଷାଠିଏ ହଜାର ଟଙ୍କା ପେସ୍‌କସ୍ (ଖଜଣା) ଦେବେ । ବାଧ୍ୟ ହୋଇ ୧୮୧୦ ଯାଏ ରାଣୀ ନିୟମିତ ଖଜଣା ଦେଇଥିଲେ କିନ୍ତୁ ଅର୍ଥାଭାବ ଯୋଗୁଁ ୧୮୧୧ରୁ ୧୮୨୦ ନଅ ବର୍ଷର ସରକାରୀ ପ୍ରାପ୍ୟ ବାକି ରହିଗଲା । ଅର୍ଥଲିପ୍ସୁ ଗୋରାମାନଙ୍କୁ ଆଉ ଗୋଟାଏ ବିଶାଳ ଛକା ପିଟିବାକୁ ଚାନ୍ସ୍ ମିଳିଗଲା । ମହୁରି ରାଜ୍ୟକୁ ନିଲାମ କରିଦିଆଗଲା ।

ଅବଶ୍ୟ ପରବର୍ତ୍ତୀ ସମୟରେ ନଅ ବର୍ଷର ସରକାରୀ ପ୍ରାପ୍ୟ ରାଣୀ ନିଜର ଜଣେ କର୍ମଚାରୀ ବାନ୍ଦର ଚେଲମେୟା ଚେଟ୍ଟି ହାତରେ ପଠାଇ-ଦେଇଥିଲେ । କିନ୍ତୁ ବାନ୍ଦର ଚେଲମେୟା ଏହି ଅର୍ଥକୁ ବାଟ ମାରିଣା କରିଦେଲା । ବାନ୍ଦର ଚେଟ୍ଟିର ବାନ୍ଦରାମି ଯୋଗୁଁ ଉନ୍ନତ ମହୁରି ରାଜ୍ୟ ନିଲାମ୍ ଉଠିଲା । ନିଲାମ ଧରିଥିଲା ବାନ୍ଦର ଚେଲମେୟା ।

ମାତୃଭୂମିର ମୁକ୍ତି ଲାଗି ମହୁରି ରାଜ୍ୟରେ ବିଦ୍ରୋହର ନିଆଁ ଜଳି ଉଠିଲା । ବିପ୍ଳବୀ ଦାରବର ମାର୍ଥା ଓ ସୁରସିଂହ ମାର୍ଥା ନେତୃତ୍ୱ ଦେଲେ । ଏହି ଦୁହେଁ ଥିଲେ ମହୁରି ରାଜପରିବାରର କର୍ମଚାରୀ । ଅନ୍ଧା କାନୁନ୍ ବିରୁଦ୍ଧରେ ମୁଣ୍ଡ ଟେକିଲେ ।

ଦେଶଦ୍ରୋହୀ ବାନ୍ଦର ଚେଲମେୟାର ସାନପୁଅ ଭେଙ୍କଟ କୃଷ୍ଣମ୍‌କୁ ବଡ଼ ବଜାରରେ ଖୁନ୍ କରାଗଲା । ଇଂରେଜ ଅଫିସ ଉପରେ ଅତର୍କିତ ଆକ୍ରମଣ କରାଗଲା । ଶ୍ରୀ କାକୁଲମ୍‌ଠାରୁ ଇଂରେଜ ସୈନ୍ୟ ଆସି ବ୍ରହ୍ମପୁରରେ ଫ୍ଲାଗମାର୍ଚ୍ଚ କଲେ । କିନ୍ତୁ ମହୁରି ବିଦ୍ରୋହ ବନ୍ଦ ହେଲାନାହିଁ । ମହୁରି ବିଦ୍ରୋହ ଦମନ କରିବା ଲାଗି କମ୍ପାନୀ ପକ୍ଷରୁ ନିଯୁକ୍ତ ହୋଇଥିଲେ ଖୁର୍ସିଦ

Digitized by srujanika@gmail.com

ଲାଲ ଓ ଫେକରୁ ମାରିହେବ । ଅତି ବୀଭତ୍ସ ଭାବେ ଖୁର୍ସିଦ୍ ଲାଲ୍‌ର ମୁଣ୍ଡ ଗଣ୍ଡି ଦୁଇଟା ଅଲଗା ହୋଇଗଲା ।

ପରବର୍ତ୍ତୀ କାଳରେ ବିପ୍ଳବୀ ସୁରସିଂହ ଓ ସାରଙ୍ଗ ଧରା ପଡ଼ିଥିଲେ । ବିଚାରରେ ସେମାନଙ୍କୁ ଫାଶି ହୁକୁମ ହେଲା । ଫାଶି ମଞ୍ଚ ଉପରେ ଠିଆରହି ସେଦିନ ବିପ୍ଳବୀ ସୁରସିଂହ ଚିତ୍କାର କରି କହିଥିଲେ - ତୁମେ ଆଜ ସିନା ଆମ ଦୁହିଁଙ୍କୁ ଫାଶି ଦେଉଛ କିନ୍ତୁ ଦିନ ଆସିବ ଆମରି ରକ୍ତରୁ ହଜାର ହଜାର ସୁରସିଂହ ଓଡ଼ିଶାରେ ଜନ୍ମ ନେଇ ପାଦଚଟା ଗୋରାମାନଙ୍କର ଚାଣ୍ଡି ମୋଡ଼ି ଦେବେ । ସେଦିନ ମୋ ଦେଶବାସୀ କୁହାଟ ପକାଇ କହୁଥିବେ - ମୋ ଭାରତ ମହାନ୍‌.........ମୋ ଉତ୍କଳ ମହାନ୍‌.........ସାବାସ୍ ସୁର ସିଂହ ! ସାବାସ୍ ସିଂହ ଶାବକ ! ତୁମ ଦୁହିଁଙ୍କୁ ଆମର କୋଟି କୋଟି ପ୍ରଣାମ ।

*** ତାପଙ୍ଗ ଦଳବେହେରା :—**

ମହୁରି ବିଦ୍ରୋହର ସାତବର୍ଷ ପରେ ପୁଣିଥରେ ଲାଲ୍‌ମାଟି ଖୋର୍ଦ୍ଧାଗଡ଼ରେ ଅନ୍ୟ ଏକ ବିଦ୍ରୋହ ମୁଣ୍ଡ ଟେକିଥିଲା । ଏହି ବିଦ୍ରୋହ ଥିଲା ଓଡ଼ିଶାର କମ୍ପାନୀ ଶାସନ ପ୍ରତି ଆଉ ଗୋଟାଏ ମାରାତ୍ମକ ଚ୍ୟାଲେଞ୍ଜ୍ । ସେତେବେଳେ ତାପଙ୍ଗ ଗଡ଼ର ଦଳବେହେରା ଥିଲେ ମାଧବ ଚନ୍ଦ୍ର ରାଉତରାୟ । ଆମ ଇତିହାସରେ ତାପଙ୍ଗ ଦଳବେହେରା ରୂପେ ଗୌରବ ମଣ୍ଡିତ । ଫି ବର୍ଷ ନିଜଗଡ଼ ଲୋକଙ୍କ-ଠାରୁ ଖଜଣା ଆଦାୟ କରୁଥିଲେ ସୁଖରେ ଥିଲେ କିନ୍ତୁ ଖୋର୍ଦ୍ଧାର ଗୋରା ଶାସକ ଏ ସୁଖ ସହି ପାରିଲା ନାହିଁ ।

୧୮୨୭ ମଇ ସତେଇଶି । କର୍ଣ୍ଣେଲ ହର୍କଟ୍, ଜଣେ ମୁନ୍‌ସି ଓ ପଚିଶ ଜଣ ଫିରିଙ୍ଗି କର୍ମଚାରୀ ଅଗ୍ନିନଣ୍ଡ ଗଡ଼ ଭିତରେ ପଶି ଦୌରାତ୍ମ୍ୟ ଆରମ୍ଭ କରିଦେଲେ । ଗାଁ ଭିତରେ ଥିଲା ଚିନ୍ତାମଣି ପାହାଡ଼ସିଂହଙ୍କ ଘର । ଖଜଣା ଦେଇ ନ'ଥିବାରୁ ତାଙ୍କ ଘର ବାଡ଼ି କ୍ରୋକ କରିବାକୁ ରାଜସ୍ୱ କର୍ମଚାରୀ ଚାଲେଇ ଉଠିଲେ । କର୍ପୂର ସିନା ଉଡ଼ିଯାଇଥିଲା କନା ଖଣ୍ଡିକ ତ ପଡ଼ିଥିଲା । ପାଇକ ବଂଶଧର ଥିଲେ ଚିନ୍ତାମଣି ଓ ତାଙ୍କ ପତ୍ନୀ ବଳନ୍ତ । ଲୋକଙ୍କ ପୁଟାଣି ସହନ୍ତେ କିପରି ? ରଡି କରି କହିଲେ - ବାଘ ଘରେ ମିରିଗ ନାଟ ? ଚିନ୍ତାମଣିଙ୍କ ପତ୍ନୀ ହୀରାମଣି ଗର୍ଜନ କରି କହିଲେ - ତୁମେ କିଏ ? କୁଆଡେ ଆସିଛ ?

Digitized by srujanika@gmail.com

ପିଜନ କହିଲେ – ଆମେ ସରକାରୀ ଲୋକ । ତୁମଠାରୁ ଖଜଣା ଆଦାୟ ଲାଗି ଖୋର୍ଦ୍ଧା ଅଫିସ୍‌ରୁ ଆସିଛୁ । ଚମକି ଉଠିଥିଲେ ଦାରମଣି । ଗର୍ଜନ କରି କହିଲେ – ଆମେ ଆମ ଦଳବେହେରାଙ୍କୁ ଖଜଣା ଦେଉ । ତୁମକୁ ନୁହେଁ ।

ପିଜନ ଜିଦ୍ ଧରିଥିଲା – କମ୍ପାନୀ ସରକାରଙ୍କୁ ଖଜଣା ଦେବାକୁ ବାଧ୍ୟ ।

ହାତରେ ଭୁଜାଲି ଧରି ଦାରମଣି ପିଜନ ଆଡ଼କୁ ଚମକି ଆସିଲେ । ଆଖି ଦେଖାଇ କହିଲେ – ଆସିଲୁ ଦେଖିବା, ମୋ ଦୁଆର ବନ୍ଧ ଡେଇଁଲେ ତୋ ମୁଣ୍ଡ ଗଣ୍ଡି ଅଲଗା କରିଦେବି । ନିମକ୍‌ହାରାମ୍ କୁକୁର ! ଆମ ଦାନା ଖାଇ ଫିରିଙ୍ଗୀର ଗୁଣ ଗାଉଛୁ ?

ପାଟିଶୁଣି ଶୁଣି ତାପଙ୍ଗ ଦଳବେହେରା ମାଧବ ରାଉତରାୟ ଓ ଦଳେଇ ଗୋବର୍ଦ୍ଧନ ବୈଦ୍ୟରତ୍ନ ଆସି ପହଞ୍ଚିଗଲେ । ବାରୁଦ ଗଦାରେ ନିଆଁ ଲାଗିଗଲା । ପହିଲି ମୁଲାକାତ୍‌ରେ କେତୁଟା ଇଂରେଜ ସୈନ୍ୟ ଖତମ୍ ହୋଇଗଲେ ।

ପ୍ରାଣଭୟରେ ମୁନସି ପଳାଇଯାଇ ଖୋର୍ଦ୍ଧା ଅଫିସରେ ଖବର ଦେଲେ । ଖୋର୍ଦ୍ଧାଠାରୁ ଖବର ଗଲା କଟକ । ହାଇକୋର୍ଟ ଜଳକା ହୋଇଗଲା । ତାପଙ୍ଗ ଦଳବେହେରାଙ୍କୁ ଲିଖିତ ଭାବେ ଜଣାଇ ଦିଆଗଲା – କମ୍ପାନୀ ଶାସକ ପାଖେ ତୁମକୁ ଭୁଲ ମାନିବାକୁ ପଡ଼ିବ ଓ ଖଜଣା ଦେବାକୁ ବାଧ୍ୟ ହେବ ।

ହସି ହସି ଦଳବେହେରା କହିଲେ – ଓଡ଼ିଆ ପିଲା କାହା ପାଖେ ମୁଣ୍ଡ ନୁଆଁଏ ନାହିଁ । ହାଇକୋର୍ଟର ତାପଙ୍ଗ ଅଧିକାର ଝୁଙ୍କ ଧପ୍ କରି ଥମିଗଲା ।

ଗୁପ୍ତ ବୈଠକ ଡକା ହେଲା, ସମସ୍ତଙ୍କୁ ମେଳ କରାଗଲା । ସାତଜଣ ଦଳବେହେରା ଓ ବାରଜଣ ଜଣ ଦଳେଇ ଏକାଠି ହେଲେ । ଖୋର୍ଦ୍ଧା ମୁଲକର ପ୍ରତି ଗଡ଼ରୁ ରଣହୁଙ୍କାର ଶୁଭିଲା । ଯୁଦ୍ଧ ନାଗରା ଗୁଡ଼ିକ ଗର୍ଜି ଉଠିଲା । କାଣ୍ଡ ଗୋଡା ପଦାକୁ ଯୁଦ୍ଧ କ୍ଷେତ୍ର ରୂପେ ବଛାଗଲା । ଗୁପ୍ତ ଅସ୍ତ୍ରାଗାରରୁ ଅସ୍ତ୍ର ଅଣାଗଲା । ଝିଙ୍କିଝୋଲା କରଣ ସେନାପତି ହେଲେ । ଭଦୋଟି ହାଣ ଉପରେ ଛଅଟି କମାଣ ସଜା ହେଲା । ସମସ୍ତେ ଦୁଇ ନଳିଆ ବନ୍ଧୁକ ଠିକ୍ କରି-

Digitized by srujanika@gmail.com

ନେଲେ । ପାଞ୍ଚଶହ ଅଶ୍ୱାରୋହୀ ଓ ପାଞ୍ଚଶହ ପଦାତିକ ସୈନ୍ୟ ପ୍ରସ୍ତୁତ ହେଲେ । ନରଶଗଡ଼, ମଲିପଡ଼ାଗଡ଼, ସମଚଣ୍ଡିଗଡ଼, କାଇପଦରଗଡ଼, ଲକ୍ଷ୍ମୀପୁରଗଡ଼, ଦଧିମାଛ ଗଡ଼ିଆ, ବର୍ଣ୍ଣିଦା, କଞ୍ଚନୋ ଓ ଝିଙ୍କିଖାଗର ଯୋଦ୍ଧାମାନେ ଏକାଠି ହୋଇଗଲେ ।

ଦିନ ସାତ ଘଡ଼ି ଠାରୁ ଯୁଦ୍ଧ ଆରମ୍ଭ ହେଲା । ପ୍ରଥମ ଦିନ ଇଂରେଜ ପକ୍ଷରୁ ଶହେ ପନ୍ଦର ଜଣ ଓ ତାଙ୍କ ସେନା ପକ୍ଷରୁ ସାତ ଜଣ ମରିଥିଲେ । ଦଳବେହେରା ମାଧବ ସାମନ୍ତରାୟ ଜଣ ଫୁଲେଇ କହିଥିଲେ - କାହିଁର ବଳନ୍ତ କୁତ୍ତା ! ଆମ ସାଙ୍ଗେ ପୁଣି ଟକ୍କର ? ଦ୍ୱିତୀୟ ଦିନ ସୂର୍ଯ୍ୟାସ୍ତ ଯାଏ ଯୁଦ୍ଧ ହେଲା । ଉଭୟ ପକ୍ଷରୁ ଅଣଶୀ ଜଣ ମଲେ । କମ୍ପାନୀ ସୈନ୍ୟ ତାଙ୍କ ସେନାପତି ଧନୁର୍ଜୟ ଶ୍ରୀଚନ୍ଦନଙ୍କୁ ଫାଏର କଲେ । ତାଙ୍କ ସେନାପତି ଘୋଡ଼ା ଉପରୁ ତଳକୁ ଟଳି ପଡ଼ିଥିଲେ । ମାଟି ମାଆ ଲାଗି ଶହୀଦ୍ ହେଲେ । ତାଙ୍କ ସୈନ୍ୟ ମଧ୍ୟରେ ହାହାକାର ଉଠିଗଲା । ଦଳବେହେରା ନିଜେ ସୈନ୍ୟ ପରିଚାଳନାର ଦାୟିତ୍ୱ ନିଜ ହାତକୁ ନେଲେ । ପ୍ରଥମ ପଦକ୍ଷେପ ସ୍ୱରୂପ ଦୁଇଜଣ ଗୋରା କର୍ମଚାରୀଙ୍କୁ ଦଳବେହେରା ଖୁନ୍ କରିଥିଲେ । ଖୋର୍ଦ୍ଧାର ଇଂରେଜ୍ ହାକିମ ମାନେ ପ୍ରମାଦ ଗଣିଥିଲେ । ଦେଶଦ୍ରୋହୀଙ୍କୁ ଖୋଜା ପଡ଼ିଲା । ବଳନ୍ତ ଲୋକଙ୍କର ପାଦ ଚାଟିବା ଲୋକ କମ୍ ନ' ଥିଲେ ।

ସାଙ୍ଗେ ସାଙ୍ଗେ ଦେଶଦ୍ରୋହୀ ମଧୁସୂଦନ ପଟ୍ଟନାୟକ ଆଗେଇ ଆସିଥିଲେ । ସେନା ଛାଉଣୀର ମୁଖ୍ୟ ବ୍ୟବସ୍ଥାପକଙ୍କୁ ହାତ କରିଗଲା । ସେ ରାତାରାତି ଖୋର୍ଦ୍ଧା ଯାଇ ଶତ୍ରୁ ଶିବିରରେ ଗୁପ୍ତ ଅସ୍ତ୍ରାଗାର କଥା ପ୍ରକାଶ କରିଦେଲା । ଫିରିଙ୍ଗି ଆକ୍ରମଣରେ ଗୁପ୍ତ ଅସ୍ତ୍ର କାରଖାନା ଧ୍ୱସ୍ତ ହୋଇଗଲା ।

ତା ପରଦିନ ଥିଲା ମଙ୍ଗଳବାର । ଦେବୀ ସାଧକ ମାଧବଚନ୍ଦ୍ର ସାମନ୍ତରାୟ ଗଡ଼ ଠାକୁରାଣୀ ଦୁର୍ଗେଶ୍ୱରୀଙ୍କୁ ପୂଜାକରି ଅଭୟବର ପାଇଥାନ୍ତେ । କିନ୍ତୁ ଦେଶଦ୍ରୋହୀଙ୍କ ଯୋଗୁଁ ଫିରିଙ୍ଗି ମାନେ କମାଣରେ ଗୋମାଂସ ପୁରେଇ ଗଡ଼ଠାକୁରାଣୀଙ୍କ ଉପରକୁ ନିକ୍ଷେପ କରିଥିଲେ । ତାଙ୍କ ଗଡ଼ର ବିପର୍ଯ୍ୟୟ ଘଟିଲା । ତାଙ୍କଙ୍କର ମାଆର ପଣତ ତଳୁ ଦୂରେଇ ଗଲେ । ଅସ୍ତ୍ରାଗାର ଅକ୍ତିଆର ହେଲା । ଯୁଦ୍ଧର ସପ୍ତମ ଦିନରେ ତାଙ୍କର ପରାଜୟ ହେଲା ।

Digitized by srujanika@gmail.com

ଦଳବେହେରା ଯୁଦ୍ଧ କ୍ଷେତ୍ରରୁ ପଳାୟନ କଲେ । ନିଜ ଶ୍ୱଶୁରାଳୟ ବଡତାର ଗାଁରେ ରହିଲେ ।

ପରବର୍ତ୍ତି କାଳରେ ଜଣେ ବଡଲାଟ ଚୈତଣ୍ୟଙ୍କୁ ସାହାଯ୍ୟ କରିବା ଲାଗି ତାପଙ୍ଗ ଦଳବେହେରା ଆତ୍ମସମର୍ପଣ କଲେ, ଆଇନ୍ ଅନୁଯାୟୀ ତାଙ୍କୁ ଜେଲରେ ରଖାଗଲା କିନ୍ତୁ ଜନ-ଅସନ୍ତୋଷ ଭୟରେ କମ୍ପାନୀ ଶାସକ ନିର୍ଦ୍ଦେଶ ଦେଲେ ଦଳବେହେରାଙ୍କୁ ଜେଲରୁ ଖଲାସ କରି ହାତୀ ହୌଦାରେ ବସାଇ ଘରକୁ ଛାଡିଦେଇ ଆସ ଓ ତାଙ୍କର ସମସ୍ତ ଜମିବାଡ଼ି ଫେରାଇ ଦିଅ । କିନ୍ତୁ ସରକାରି ଘୋଷଣା ଶୁଣି ଦଳବେହେରା କହିଥିଲେ – ଛି ! ଯେଉଁ ପୁଅ ମାତୃ ଋଣ ପରିଶୋଧ କରିପାରିନାହିଁ ତା'ର ଜମିବାଡ଼ି କ'ଣ ଦରକାର ? ଚଢାଇଥିବା ହାତୀ ପିଠିରେ ଚଢ଼ି ଫେରିବି ? ନା – ନା – ନା – ।

ଧନ୍ୟ ତାପଙ୍ଗ ଦଳବେହେରା – ଧନ୍ୟ ତୁମ ଦେଶ ଭକ୍ତି । ସୁବର୍ଣ୍ଣ ଜୟନ୍ତୀରେ ଆପଣଙ୍କ ପାଦକୁ ଶତ ସହସ୍ର ବାର ପ୍ରଣାମ ।

* ନାରୀ ଶହୀଦ୍ ହାରାମଣି :—

ଆମ ମୁକ୍ତି ସଂଗ୍ରାମ ଇତିହାସରେ ବୀରାଙ୍ଗନା ହାରାମଣି ବୋଧ ହୁଏ ସର୍ବ ପ୍ରଥମ ନାରୀ ଶହୀଦ୍ । ଐତିହାସିକ ଗୁମ୍ମା ଦୁର୍ଗର (ପାରଳା) ରକ୍ଷକ ଥିଲେ ହାରାମଣି ଓ ତାଙ୍କ ସ୍ୱାମୀ କୃଷ୍ଣଚନ୍ଦ୍ର । ଦୁହେଁ ଯାକ ଥିଲେ ରକ୍ତଶପଥର ଯୁଗଳ ଯାତ୍ରୀ । ପ୍ରାଣପ୍ରିୟ ଗୁମ୍ମା ଦୁର୍ଗର ସୁରକ୍ଷା ଲାଗି ସ୍ୱାମୀ ସ୍ତ୍ରୀ ଦୁହେଁ ଭୀଷ୍ମ ଶପଥ ନେଇଥିଲେ ।

ଓଡ଼ିଶା ମୁକ୍ତି ବିଦ୍ରୋହର ରଙ୍ଗଭୂମି ଥିଲା – ପାରଳା । ପ୍ରଥମରୁ ହିଁ ଦକ୍ଷିଣ ଓଡ଼ିଶା'ର କମ୍ପାନୀ ପ୍ରଶାସକଙ୍କୁ ସେମାନେ ଶକ୍ତ ଧକା ଦେଇଥିଲେ । ୧୮୩୧ ମସିହାରେ ପୁଣି ଥରେ ଏହି ମାଟିର ବୀର ପୁରୁଷ କମ୍ପାନୀ ଶାସନ ବିରୁଦ୍ଧରେ ମାତି ଉଠିଥିଲେ । ଗୁମ୍ମା ଦୁର୍ଗ ଓ ବୁର୍ଜ୍ଜ ଦୁର୍ଗ ନିକଟରେ ରକ୍ତ ଗଙ୍ଗା ପ୍ରବାହିତ ହୋଇଥିଲା । ଜର୍ଜ ରସେଲ୍ ପାରଳା ବିଦ୍ରୋହ ଦମନ ଲାଗି ନିଯୁକ୍ତି ପାଇଲେ । ଦେଶପ୍ରେମୀଙ୍କ ରକ୍ତ ସହିତ ଖେଳିବା ଲାଗି ରସେଲ ସାହେବ ପ୍ରଥମରୁ ହିଁ ପସନ୍ଦ କରିନେଇଥିଲେ । ବନ୍ଧୁକ ମୁନରେ ଗୁମ୍ମା ଦୁର୍ଗକୁ ଅଧିକାର କରାଗଲା ।

Digitized by srujanika@gmail.com

ସେଦିନର ସେହି ଭୟଙ୍କର ଖଣ୍ଡ ଯୁଦ୍ଧରେ ବିପ୍ଳବୀ କୃଷ୍ଣଚନ୍ଦ୍ର ଶହୀଦ୍ ହୋଇଗଲେ । ହାରମଣି ବିଦ୍ରୋହର ନେତୃତ୍ୱ ଦେଇଥିଲେ ଓ ଐତିହାସିକ ଗୁମ୍ଫା ଦୁର୍ଗକୁ ଇଂରେଜ କବ୍ଜାରୁ ରକ୍ଷା କରି ପାରିଥିଲେ । କେବଳ ସେତିକି ନୁହେଁ ଇଂରେଜ ସେନାପତିଙ୍କୁ ଜୋରଦାର ମୁକାବିଲା ହାରମଣି କେତୁଟା ଦାନ୍ତ ମଧ୍ୟ ଖାଡ଼ି ଦେଇଥିଲେ । ସେ ତାଙ୍କର ଜବରଦସ୍ତ ବନ୍ଧୁକ ମଧ୍ୟ ଛଡ଼ାଇ ଆଣିଥିଲେ । ଦୁର୍ଦ୍ଦାନ୍ତ ସେନାଧକ୍ଷ ରସେଲର ଗୁଳିମାଡରେ ହାରମଣି ଶହୀଦ୍ ହୋଇଗଲେ । କୃଷ୍ଣଚନ୍ଦ୍ର ଓ ହାରମଣି ଆମ ଇତିହାସର ଯୁଗଳ ସାକ୍ଷୀ । ସେହି ଅମର ସାକ୍ଷୀଙ୍କୁ ଆଜି ବେଳେ ସହସ୍ର ବାର ସ୍ମରଣ କରିବା ଦରକାର ।

୧୮୭୪ରେ ବୁର୍ଜ୍ ଦୁର୍ଗରେ ବିପ୍ଳବୀ କାମନାଲ୍ ଫାଶି ପାଇଲେ । ଅନ୍ୟତମ ବିପ୍ଳବୀ ଗୋଡ଼ିପାଡ଼େ ଗିରଫ୍ ହେବା ପୂର୍ବରୁ ପଟାସିୟମ୍ ସାଇନାଇଡ୍ ଖାଇ ମୃତ୍ୟୁ ଲଭିଲେ । କିନ୍ତୁ ଆମ ଇତିହାସ ସେହି ମୃତ୍ୟୁ ବିଜୟୀ ମାନଙ୍କ ସମ୍ପର୍କରେ ସମ୍ପୂର୍ଣ୍ଣ ନୀରବ । ମାଆ ଲାଗି ରକ୍ତ ଦାନ କରି ସେମାନେ କ'ଣ ଭୁଲ୍ କରିଥିଲେ ? ବିପ୍ଳବୀଣୀ ହାରମଣି ପ୍ରଥମ ଓଡ଼ିଆ ନାରୀ ଶହୀଦ୍ ରୂପେ ଏକାନ୍ତର ବନ୍ଦନୀୟା । ତାଙ୍କ ବୀରତ୍ୱରେ ଅତି ମାତ୍ରାରେ ମୁଗ୍ଧ ହୋଇ ସେଦିନ ରସେଲ୍ ଭଳି ଦୁର୍ଦ୍ଦାନ୍ତ ସେନାପତି ମଧ୍ୟ ସ୍ୱୀକାର କରିଥିଲେ - ଏପରି ବିପ୍ଳବଣୀଙ୍କୁ ମୁଁ ପୃଥିବୀରେ ମଧ୍ୟ ଦେଖିନାହିଁ । ସାବାସ୍ ହାରମଣି — ସାବାସ୍ ବୀରାଙ୍ଗନା ! ଜିନ୍ଦାବାଦ୍ ।

* ଶହୀଦ୍ ପଞ୍ଚୁ ନାୟକ ଓରଫ୍ ରାଜା ଶରଣ ସିଂହ :—

୧୮୩୭ର ପଞ୍ଚୁଆ ଫିରିଙ୍ଗି ବା କଳି ପାଣ ମେଳି ଓଡ଼ିଶା ସାମରିକ ଇତିହାସର ଆଉ ଏକ ରକ୍ତ ରଞ୍ଜିତ ତଥା ଅନାଲୋଚିତ ଅଧ୍ୟାୟ । ଖୋର୍ଦ୍ଧା ପାଇକ ବିଦ୍ରୋହର ଦୁଇ ଦଶନ୍ଧି ପରେ ଏହି ଗଣ ବିପ୍ଳବ ମୁଣ୍ଡ ଟେକିଥିଲା ବାଣପୁର ମାଳ ଅଞ୍ଚଳରେ । ଜଣେ ସାଧାରଣ ପାଇକ ସର୍ଦ୍ଦାର ଥିଲେ ପଞ୍ଚାନନ ନାୟକ । ବାହୁ ବଳ ଖଟାଇ ସାଙ୍ଗ ମାନଙ୍କୁ ମେଳ କରାଇ ପଞ୍ଚୁ ନାୟକ ତିନଦିନ ବାଣପୁରକୁ ସ୍ୱାଧୀନ କରିଥିଲେ ।

Digitized by srujanika@gmail.com

ବାଣପୁର ପାଖ ସୁପ୍ରସିଦ୍ଧ ଅଗରଗଡ଼ । ଗଡ଼ ପାଖ ଗାଁ ସବୁ ଥିଲା ବେଗୁନିଆ, ବାଁକୋର, ବୋଉଡ଼ା । ଯୁଆନ ଲୋକମାନେ ପଞ୍ଚୁ ନାୟକଙ୍କୁ ବିଦ୍ରୋହର ନେତା ବାଛିଲେ । ନେତା ନ'କଡ଼ି ଲୋକଙ୍କୁ ଲୁହାଗଲା ରଜା । ପଞ୍ଚୁ ନାୟକ ହେଲେ ରଜା ଶରଣ ସିଂହ । ସେନାପତି ବାଛିଲେ ଅଗର ଦଳବେହେରାଙ୍କ ପୁଅ କୁଞ୍ଜବିହାରୀ ପାଟ୍ଟଶାଣିଙ୍କୁ । ରଜା ପୋଷାକ ପିନ୍ଧି ରଜା ଶରଣ ସିଂହ ସବୁଗାଁରୁ ଖଜଣା ଆଦାୟ କଲେ । କମ୍ପାନୀ ରାଜୁତି ଲୋପହେଲା ଶାଳିଆ ନଈ ପାଖ ପଲଟଣ ପଡ଼ିଆରେ ଫିରିଙ୍ଗି ସହିତ ପହିଲ ମୁକାବିଲା ହେଲା । ବାଣପୁର ଥାନାକୁ ପୋଡ଼ି ପାଉଁଶ କରିଦିଆଗଲା । ଥାନା ଇନ୍‌ଚାର୍ଜ ଓ କନେଷ୍ଟବଳ ମାନେ ବିଦ୍ରୋହୀଙ୍କ ଆକ୍ରମଣରେ ଥାନା ଛାଡ଼ି ଫେରାର୍ ହୋଇଗଲେ । ଚିଲିକା ପାଖ ବରକୁଳ ଗାଁରେ ସମସ୍ତେ ଲୁଚିଲେ । ଜୁନ୍ ଛଅ ତାରିଖ ଦିନ ବରକୁଳ ଗାଁ ଉପରେ ବିଦ୍ରୋହୀ ମାନେ ଚଢ଼ାଉ କଲେ । ବାଣପୁର, ବରକୁଳ ଓ ଚିଲିକା ଲୁଣ ଗୋଦାମ ଗୁଡ଼ିକ ବିଦ୍ରୋହୀ ମାନେ ଛିନ୍‌ଛତ୍ର କରିଦେଲେ । ବାଣପୁର ହେଲା ସ୍ୱାଧୀନ । ପରାଧୀନ ଭାରତର ସ୍ୱାଧୀନ ବାଣପୁର । ସ୍ୱାଧୀନ ଓଡ଼ିଶା । ସ୍ୱାଧୀନ ଶାସନ କର୍ତ୍ତା ପଞ୍ଚୁନାୟକ ଓରଫ୍ ରଜା ଶରଣ ସିଂହ । ଚମତ୍କାର ବିଜୟ ! ଗୁରୁତ୍ୱପୂର୍ଣ୍ଣ ସମ୍ବାଦ ! ତିନିଦିନ ଲାଗି ବାଣପୁର ଅଞ୍ଚଳରୁ ବ୍ରିଟିଶ କର୍ତ୍ତୃତ୍ୱ ବିଲୋପ ହେଲା । ସେଇ ତିନୋଟି ସୁଦିନ ଥିଲା ୧୮୩୭ ଜୁନ୍ ଚାରି, ପାଞ୍ଚ ଓ ଛଅ ।

ବିପ୍ଳବୀ ମାନଙ୍କର ପ୍ରଧାନ ଘାଟି ଥିଲା ଭେଟେଶ୍ୱର । ପ୍ରଥମ ଆକ୍ରମଣରେ ବିଦ୍ରୋହୀ ମାନେ ବିଜୟୀ ହେବାରୁ ଠିକ୍ କରାଯାଇଥିଲା ଟାଙ୍ଗି ଥାନା ଉପରେ ଅନୁରୂପ ଆକ୍ରମଣ କରାଯିବ । ସ୍ଥାନୀୟ ଜମିଦାର ମାନଙ୍କ ଠାରୁ ଆର୍ଥିକ ଓ ସାମରିକ ସାହାଯ୍ୟ ଅଣାଯିବ ।

କିନ୍ତୁ ସମସ୍ତ ଯୋଜନା ପଣ୍ଡ ହୋଇଗଲା । ଜମିଦାର ମାନଙ୍କ ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହେଲା । ଇଂରେଜର ପଦଲେହନକାରୀ ଜମିଦାରଗଣ ସାହାଯ୍ୟ କରିବା ପରିବର୍ତ୍ତେ ଫିରିଙ୍ଗି ପୋଲିସ୍‌କୁ ଟାଙ୍ଗି ଥାନା ଆକ୍ରମଣର ପୂର୍ବ ସୂଚନା ଦେଇଦେଲେ । ଶତ୍ରୁପକ୍ଷ ହୁସିଆର୍ ହୋଇଗଲା ।

ବିଦ୍ରୋହୀ ଘାଟି ଗୁଡ଼ିକ ଉପରେ ଜୋରଦାର ଚଢ଼ାଉ ହେଲା । ଏବେ ଖୁର୍ଦ୍ଧାପୁର ଠାରେ ଖାଇ ବସିଥିବା ଅବସ୍ଥାରେ ଫିରିଙ୍ଗି ଟେଷର ଅତର୍କିତ

Digitized by srujanika@gmail.com

ଆକ୍ରମଣରେ ଚକ୍ରୀ ନାୟକ, କୃତ୍ତିବାସ ପାଣ୍ଡଶାଣି ଓ ଲୋଚନ ବରୋପ୍ରି ଧରା ପଡ଼ିଥିଲେ । ବିଚାରରେ ବୀରବର ଚକ୍ରୀ ନାୟକ ଓରଫ୍ ରାଜା ଶରଣ ସିଂହ ଫାଶି ପାଇଥିଲେ । ଶହୀଦ୍ ଚକ୍ରୀ ନାୟକ ଅମର ରହେ – ଅମର ରହେ ।

* କୃତ୍ତିବାସ ପାଣ୍ଡଶାଣି :—

ଶ୍ୱଶୁର ପ୍ରଚଣ୍ଡ ଦେଶଦ୍ରୋହୀ କିନ୍ତୁ ଜ୍ୱାଇଁ ପରମ ଦେଶ ଭକ୍ତ । ବେଶ୍ ମଜାଦାର୍ ଉକ୍ତଳୀୟ ମୁକ୍ତି ସଂଗ୍ରାମ । ସାମାନ୍ୟ କେତୋଟା ଟଙ୍କା ଓ କେତୋଟା ଜମକ୍ ହାରାମ ଜାଗିରୀ ଜମି ପାଇବା ଲାଗି, ସେଦିନ ଶ୍ୱଶୁର ବାସୁଦେବ ନରେନ୍ଦ୍ର ସିଂହ ନିଜ ଜାମାତା କୃତ୍ତିବାସ ପାଣ୍ଡଶାଣିଙ୍କୁ ଶତ୍ରୁ ହାତରେ ଧରାଦେଇଥିଲେ । ବାସୁଦେବ ବ୍ରହ୍ମପୁରର ଦଳବେହେରା ଥିଲାବେଳେ କୃତ୍ତିବାସ ଥିଲେ ଅଗଙ୍ଗ ଗଡର ଦଳବେହେରା । ପରମ ମାତୃଭକ୍ତ କୃତ୍ତିବାସ ପାଣ୍ଡଶାଣି ଧରାପଡ଼ିଲେ ଫିରିଙ୍ଗି ପୋଲିସ୍ ହାତରେ । ବିଚାର ଚାଲିଲା । ମିଛ ବିଚାରରେ ମହାନ୍ ବିପ୍ଳବୀଙ୍କୁ ଯାବଜୀବନ ଦ୍ୱୀପାନ୍ତର ଦଣ୍ଡ ହେଲା ।

ସୁଦୂର ଭାରତ ମହାସାଗରର ସେଲୁଲାର ଜେଲ । ଭାରତୀୟ ମୁକ୍ତିକାମୀଙ୍କର ନର୍କପୁର । ସେତେବେଳର ନାଁ ଥିଲା – କଳାପାଣି । କଳାପାଣିର କାଳରୂପ ଭିତରେ କାଳ କାଟିଥିଲେ ବାଣପୁର ବିଦ୍ରୋହର ପ୍ରମୁଖ ସେନାନୀ କୃତ୍ତିବାସ ପାଣ୍ଡଶାଣି ଓ ଲୋଚନ ବରୋପ୍ରି ।

ସେଲୁଲାର ଜେଲର ମୁଖ୍ୟଥିଲେ ଇଂରେଜ ସାହେବ । ସେମାନେ ଥିଲେ କଳାପାଣିର ଦେବତା ଓ ଉପଦେବତା । ଦିନେ ଜେଲ ମୁଖ୍ୟ ଆସି କୃତ୍ତିବାସଙ୍କ ସେଲ୍ ଆଗରେ ଠିଆ ହେଲେ । ସାହେବଙ୍କ ଉଚ୍ଚତା ଥିଲା ଛଅଫୁଟ ଛଅଇଞ୍ଚ । ଭାରତୀୟ ବନ୍ଦୀ ମାନଙ୍କଲାଗି ସେଥିଲେ ଦ୍ୱିତୀୟ ଯମ ।

ବର୍ତ୍ତମାନ କୃତ୍ତିବାସଙ୍କ କୋଠରୀର ଦ୍ୱାର ଖୋଲିଦେଲା । ଓଜନଦାର ବୁଟ୍ ଯୋତାର ମଚ୍ – ମଚ୍ ଶବ୍ଦରେ କୋଠରୀଟି ଏକରକମ କମ୍ପିତ ପଡ଼ିଲା ପରି ଲାଗିଲା । ଜେଲ ମୁଖ୍ୟ ସେଦିନ କୃତ୍ତିବାସଙ୍କୁ ଆଗକୁ ସଲାମ ଦେଲେ ଓ କରମର୍ଦ୍ଦନ କରି ସାହାଯ୍ୟ କରିଥିଲେ । ବ୍ରିଟିଶ ଭାରତରେ ବୋଧହୁଏ ସେହି ଦିନକ ଲାଗି ସୂର୍ଯ୍ୟ ପଶ୍ଚିମରେ ଉଇଁଥିଲେ ।

Digitized by srujanika@gmail.com

ଖୁବ୍ ବ୍ୟସ୍ତ ହୋଇ ସାହେବ ସେଦିନ କହିଥିଲେ - ମି. କୃତ୍ତିବାସ ତୁମକୁ ହାମର ଗୁଟେ ଶକୁନ୍ତଷ୍ଟ ରଖିବାକୁ ହେବ ।

ଆପଣଙ୍କ ଅନୁରୋଧ ? ଆଶ୍ଚର୍ଯ୍ୟ ହୋଇ ପଚାରିଲେ କୃତ୍ତିବାସ ।

ହଁ - ହଁ ହାମେ ତୁମକୁ ଅନୁରୋଧ କଲା । ମେମ ସାହିବଙ୍କୁ ଭଲକରିଦିଅ । ତାକୁ ସାପ କାମୁଡ଼ି ଦେଲା । ତୁମକୁ ବହୁତ କଣ୍ଟ ଇନାମ ମିଳିବ ।

ଇନାମ୍ ! ହୋ - ହୋ ହୋଇ ହସିଉଠିଲେ ମୁକ୍ତ ପାଗଳ କୃତ୍ତିବାସ ଟିକେ ଦମ ନେଇ କହିଥିଲେ - ଇନାମ୍ ମୋର ଦରକାର ନାହିଁ ସାହେବ ବିପନ୍ନଙ୍କୁ ସାହାଯ୍ୟ ଦେବା ହିଁ ଓଡ଼ିଆର ପରମ ଧର୍ମ । ଚାଲନ୍ତୁ କଣ ହୋଇଛି ଦେଖିବା ।

ସୁପ୍ରସିଦ୍ଧ ତାନ୍ତ୍ରିକ, ମୁକ୍ତ ସ୍ୱାଧୀନର ଯୋଗ୍ୟତମ ସାରଥି ରକ୍ତତୀର୍ଥ ଓଡ଼ିଶାର ଅନ୍ୟତମ ସନ୍ତାନ କୃତ୍ତିବାସ ପାଣି ଝାଡ଼ ଫୁଙ୍କା କରି ସାହେବାଣୀଙ୍କୁ ସେଦିନ ଭଲ କରିଦେଲେ । ସେଲୁଲାର ଜେଲର ମୁଖ୍ୟ ପ୍ରଶାସକ କୃତକୃତ୍ୟ ହୋଇ କହିଥିଲେ - ହାମେ ତୁମକୁ ଜେଲ୍‌ରୁ ମୁକ୍ତ ଦେଲା କୃତ୍ତିବାସ । ତୁମେ ତୁମ ଓଡ଼ିଶାକୁ ଫେରିଯାଇ ପାର ।

ଖୁବ୍ ଜୋର୍‌ରେ ହସିଉଠିଥିଲେ କୃତ୍ତିବାସ । ମୁକ୍ତ ! କାହାର ମୁକ୍ତ ସାହେବ ? ମୁଁ ମୁକ୍ତ ଲୋଡ଼େ ନାହିଁ ସାହେବ୍ ଯଦି ପାରିବ ତୁମେ ମୋ ଶତ୍ରୁ ବାସୁଦେବ ନରେନ୍ଦ୍ର ସିଂହର କଟାମୁଣ୍ଡ ଓ ତାଜା ରକ୍ତଆଣି ମୋ ହାତରେ ଦେଇପାରିବ ?

ଚମକି ଉଠିଲେ ସେଲୁଲାର ଜେଲ୍‌ର ଶ୍ୱେତାଙ୍ଗ ପ୍ରଶାସକ । ମୁହଁରୁ ତାଙ୍କର ପଦେ କଥା ମଧ୍ୟ ବାହାରି ନ'ଥିଲା । କୃତ୍ତିବାସଙ୍କ ମୁହଁକୁ ଚାହିଁ ସେ ମନେ ମନେ ଭାବିଲେ - କି ଡେଞ୍ଜରସ୍ ବାଙ୍ଗାଲୁର ବାଘ ସିଏ ?

କୃତ୍ତିବାସଙ୍କ ସର୍ତ୍ତ ଅପୂରଣୀୟ ରହିଲା । ସେ ନିଜ ସେଲ୍ (କୋଠରୀ) ଭିତରକୁ ଫେରିଗଲେ । ବର୍ତ୍ତମାନ ସେଲ୍ (ଛୋଟ କୋଠରୀ) ତାଲା ଦେଲା । କିନ୍ତୁ କାହିଁ ହୋଇ ଶତ୍ରୁର କଟା ମୁଣ୍ଡ ଓ ତାଜାରକ୍ତ ମାଗିବାର କି ଯଥାର୍ଥତା ଥିଲା ?

Digitized by srujanika@gmail.com

ବିଦ୍ରୋହୀ ମାନଙ୍କ ପ୍ରସ୍ତାବିତ ଟାଙ୍ଗି ଥାନା ଆକ୍ରମଣକୁ ସ୍ଥାନୀୟ ଦେଶଦ୍ରୋହୀ ଜମିଦାର ମାନେ ଭଣ୍ଡୁର କରିପକାଇଲେ । ତଥାପି ଶ୍ରୀମପୁର ଦଳବେହେରା ବାସୁଦେବଙ୍କ ମନରୁ ବଣୁଆନିଶା ଲିଭି ନଥିଲା । ଦେଶଭକ୍ତଙ୍କର ପ୍ରତ୍ୟେକ କାର୍ଯ୍ୟକୁ ପ୍ରତିହତ କରିବା ଥିଲା ତାଙ୍କର ପରମ ଓ ଚରମ ଲକ୍ଷ୍ୟ ।

ଜ୍ୱାଇଁ ପଳାତକ ଅବସ୍ଥାରେ ଜଙ୍ଗଲରେ ଲୁଚିଥିଲେ । ବାସୁଦେବ ପୁଣି ଗୋଟାଏ ଜଘନ୍ୟ ଷଡଯନ୍ତ୍ର ରଚନା କଲେ । ଇଂରେଜଙ୍କୁ ଦ୍ୱାହି ଦେଇ କିଛି ଟଙ୍କା ଓ ଫମ୍ପା ପଦବୀ ପାଇବା ଆଶାରେ ବାସୁଦେବ ସେଦିନ ସ୍ୱାର୍ଥମତ୍ତ କଂସ ହୋଇଗଲେ । କୃତ୍ତିବାସଙ୍କୁ ପୋଲିସ୍ ହାତରେ ଧରାଇଦେଲେ ।

କୃତ୍ତିବାସ ଥିଲେ ଦେବୀ ସାଧକ । ଜଙ୍ଗଲରେ ଥିଲାବେଳେ ସେ ପ୍ରତିଦିନ ଦକ୍ଷିଣ ଗଡର ଟିକରେଇ ଠାକୁରାଣୀଙ୍କୁ ଦର୍ଶନ କରୁଥିଲେ । (କେହି କେହି କହୁଥାନ୍ତି ଉଗ୍ରତାରା ଠାକୁରାଣୀଙ୍କୁ ଦର୍ଶନ କରୁଥିଲେ ।)

ଦିନେ ଦେଶଦ୍ରୋହୀ ବାସୁଦେବ କୃତ୍ତିବାସଙ୍କୁ ସାକ୍ଷାତ କରିଥିଲେ ମନ୍ଦିର ପ୍ରାଙ୍ଗଣରେ । ଟାଙ୍ଗି ଘଟଣା ଲାଗି ଅନୁତପ୍ତ ହେଲେ । ନିଜ ଗାଲରେ ନିଜେ ଚାପୁଡ଼ା ମାରିଦେଲେ । ଆଖିରୁ ଲୁହ ଗଡ଼ାଇ ଜ୍ୱାଇଁ ପାଖେ ଭୁଲ୍ ମାଗିଲେ । ସେଦିନ ଶ୍ୱଶୁରଙ୍କ ଆଚରଣରେ କୃତ୍ତିବାସ ପୁରାପୁରି ଭୁଲି ଗଲେ ।

କ'ଣ ଅବା କହିବେ ? ଯେତେହେଲେ ଶ୍ୱଶୁର । ପିତୃତୁଲ୍ୟ । ଛଳକଥା ନାଟ ଭିତରେ ଲୁଚିରହି ଶ୍ୱଶୁରଙ୍କ ସହିତ ଦୁଃଖ ସୁଖ ହେଲେ । ନିମନ୍ତ୍ରଣ ରକ୍ଷାକରି ନିର୍ଦ୍ଦିଷ୍ଟ ଦିନ ଶ୍ୱଶୁରାଳୟ ଯିବାକୁ ଜବାବ ମଧ୍ୟ ଦେଲେ । କିନ୍ତୁ ଶ୍ୱଶୁରାଳୟ ଯମାଳୟ ପାଲଟିଲା । ସରଳ କୃତ୍ତିବାସ ଜଟିଳ ବାସୁଦେବଙ୍କ ଦ୍ୱାରା ସାଂଘାତିକ ଭାବେ ଠକି ଯାଇଥିଲେ ।

ନିର୍ଦ୍ଦିଷ୍ଟ ଦିନ ଖାଇବା ଥାଳି ପାଖରେ ହିଁ ଦେଶଦ୍ରୋହୀ ବାସୁଦେବ ଜ୍ୱାଇଁଙ୍କ ପାଖରେ ଥିବା ପାଟଖଣ୍ଡା 'ପଟକା ବେଶ୍ କାଇଦାରେ ଉଠାଇ ନେଇଥିଲେ । ପୂର୍ବ ଯୋଜନା ମୁତାବକ ନିଜ ଘର କୁଣପଟେ ଲୁଚିଥିବା ପୋଲିସ୍ ଦଳ ବାଣପୁର ବାଘକୁ ଅତି ସହଜରେ କାବୁ

Digitized by srujanika@gmail.com

କରିନେଲେ । ବିପ୍ଳବୀ ଲୋଚନ ସର୍ଦ୍ଦାର ମଧ୍ୟ ସେଇଠାରୁ ଗ୍ରେପ୍ତାର ହେଲେ । ଯିଏ ସାମାନ୍ୟ ଖଣ୍ଡେ ଲାଠି ଧରିଲେ ଭାରତର ଇଂରେଜ ସାମ୍ରାଜ୍ୟକୁ ପିଟି-ଆନ୍ତେ ସେଦିନ ତାଙ୍କ ଲୁହାଭଳି ହାତରେ ଇଂରେଜ ଚୌକିଦାର ଲୁହା କଡ଼ି ଦେଇ ଲୁହା ଜେଲ୍‌ରେ ଭର୍ତ୍ତି କରିଦେଲା ।

ଭାରତ ମହାସାଗରର ସେହି ସେଲୁଲାର୍ ଜେଲ ଭିତରେ ଶହୀଦ୍ ହୋଇଗଲେ ଅମର ଓଡ଼ିଆ ଯବାନ୍ କୃତ୍ତିବାସ ପାଢ଼ଶାଣି ଓ ଲୋଚନ ବିଷୋୟୀ । ଉତ୍କଳମାତା ଦୁଇଟି ରତ୍ନ ହରାଇଲେ । ଆଜି ମଧ୍ୟ ସେ ଦୁଇ ରତ୍ନ ଆମ ଇତିହାସରେ ଅଣଖୋଜା ଅଲୋଡ଼ା ହୋଇ ପଡ଼ିଛନ୍ତି ।

* ବିପ୍ଳବୀ କମଲ ଲୋଚନ ଦୋରା ବିଷୋୟୀ :—

ବାଣପୁର ବକ୍ରେଶ୍ୱର ଗୁପ୍ତଙ୍କର କଳାପାଣିରେ କାଳହେବା ପରେ ହଠାତ୍ ଘୁମୁସର ମାଟିରୁ ପ୍ରତିଧ୍ୱନିତ ହେଲା ମହାବୀର ଦୋରା ବିଷୋୟୀଙ୍କ ରକ୍ତ ତାତିଲା ପୂକାର "ଆମ ଧରଣୀ ଉପରେ ଯିଏ ଆଖି ପକାଇବ ତାର ମାଣ ତା ଆଖି ଦୁଇଟା ଫୁଟାଇ ଦେବ ।" ଚମକି ଉଠିଲା ଦୁର୍ଦ୍ଦାନ୍ତ ଇଂରେଜ ସେନାପତି ଜର୍ଜ ରସେଲ୍ । ଘୁମୁସରରୁ ପ୍ରତିଧ୍ୱନିତ ହେଲା ମୁକ୍ତି ସଂଗ୍ରାମର ମୁକ୍ତି ମନ୍ତ୍ର :-

"ଆମର ଗଛ, ଆମର ମୂଲକ୍, ଆମର ମାଟିର ଗାତା
ଆମର ଜମିନ୍, କୋନ୍ ନେଲ୍ ଯେ, ନାମିଲଛେ ପାତା"

(ବଣଜଙ୍ଗଲ ଆମର ଘରର ମଧ୍ୟ ଆମର, କିନ୍ତୁ ଆମ ଜମି କିଏ ନେଇଛୁ ତାର ପତା ମିଳୁନାହିଁ)

ରକ୍ତର ଝଞ୍ଜା ସୃଷ୍ଟି ହୋଇଗଲା । ଏହାଥିଲା ୧୮୩୦-୩୧ କଥା । କଂଧ ବିପ୍ଳବୀ ମାନେ ମାବୁକୁ ନାବୁ, ମାବୁକୁ ନାବୁ (ମାନବୁ ନାହିଁ/ମାନବୁ ନାହିଁ) ଚିତ୍କାର କରି ଇଂରେଜ ଶକ୍ତିର ମୂଳୋତ୍ପାଟନ ଲାଗି ଶତ୍ରୁ ଘାଟି ଉପରେ ଅବାରିତ ଆକ୍ରମଣ ଆରମ୍ଭ କରିଦେଲେ । ଦକ୍ଷିଣାଞ୍ଚଳର କମ୍ପାନୀ ଶାସନ ଏକରକମ ଭୁଷୁଡ଼ି ପଡ଼ିଲା । ଦୁଇବାର ଗର୍ଭରେ ଘୁମୁସର ବିଦ୍ରୋହ ଆଗେଇଚାଲିଲା ।

Digitized by srujanika@gmail.com

ନୂଆଗାଁ, ଧବଳଗୁଣ୍ଠା, କୁରୁଡ଼ା, ଆସ୍କା ପ୍ରଭୃତି ଉପଦ୍ରୁତ ଇଲାକାରେ ଇଂରେଜ ସୈନ୍ୟ ମୁତୟନ ହେଲେ । ବିଦ୍ରୋହୀ ମାନଙ୍କୁ ଧରିବା ଲାଗି ପ୍ରଚୁର ଟଙ୍କା ଖର୍ଚ୍ଚ କରାଗଲା । ଶକ୍ତି ପିଟାସୁ କରି ବିଷୟ ଜର୍ଜ ରସେଲ୍‌ଙ୍କୁ ଘୁମୁସର ବିଦ୍ରୋହ ଦମନ ଲାଗି ନିଯୁକ୍ତ ମିଳିଲା ।

ଏକଥା ସତ୍ୟ ଘୁମୁସରର ଭଞ୍ଜବଂଶୀୟ ରଜା/ମହାରାଜା ତଥା ତାଙ୍କ କର୍ମଚାରୀ ସମେତ ଦେଶଭକ୍ତ ପ୍ରଜାଗଣ ପ୍ରଥମରୁ ହିଁ ବ୍ରିଟିଶ ହଟାଓ ଅଭିଯାନରେ ନେତୃତ୍ୱ ନେଇଥିଲେ । 'ଦୋରା' ଶବ୍ଦର ଅର୍ଥ ମୁଖ୍ୟ, କମଳ ଲୋଚନ ଦୋରା ବିଶୋୟୀ ଥିଲେ ଘୁମୁସର ବିଦ୍ରୋହର ପ୍ରମୁଖ ସେନାପତି ! ରାଜ୍ୟର ଅର୍ଥନୈତିକ ବ୍ୟବସ୍ଥା ଯେଉଁମାନେ ବୁଝୁଥିଲେ ସେମାନଙ୍କୁ 'ବିଶୋୟୀ' ଉପାଧି ମିଳୁଥିଲା । କିନ୍ତୁ ପ୍ରକୃତରେ ତାଙ୍କ ନା ଥିଲା - କମଳ ଲୋଚନ ।

ତତ୍କାଳୀନ ଘୁମୁସର ରଜା ଧନଞ୍ଜୟ ଭଞ୍ଜ କମ୍ପାନୀର ଖଜଣା ଆଦାୟ ନଶାକୁ ଚୁରମାର କରିଦେଲେ । ୧୮୩୫ ବେଳକୁ ସରକାରୀ ହିସାବରେ ପ୍ରାପ୍ୟ ଲକ୍ଷାଧିକ ଟଙ୍କା ଘୁମୁସର ଉପରେ ବାକି ପଡ଼ିଥିଲା । ରାଜସ୍ୱ ଆଦାୟ ନ' ହେଲେ ଘୁମୁସରକୁ ଖାସ୍ କରିଦିଆଯିବ ବୋଲି କମ୍ପାନୀ ପକ୍ଷରୁ ଧମକ୍ ଦିଆଗଲା । କିନ୍ତୁ ଧନଞ୍ଜୟଙ୍କ ପ୍ରଧାନ ସେନାପତି କମଳ ଲୋଚନଙ୍କ ପଦେକଥା କମ୍ପାନୀ ଧମକକୁ ଚମକାଇ ଦେଲା । ସେଇ ପଦକ କଥା ଥିଲା :- "ଆମ ଧରଣୀ ଉପରେ ଯିଏ ଆଖିଦେବ ତା ଆଖି ଦିଇଟା ତାଡ଼ି ଆଣିବ" । ଦୋହରା ବିଶୋୟିଙ୍କ ରଣ କୁହାଟରେ ଦୁର୍ଦ୍ଦାନ୍ତ ଇଂରେଜ ସେନାପତି ରସେଲ ମଧ୍ୟ ଚିତ୍‌ପଟାଙ୍ଗ ମାରିଗଲା ।

ରଜା ଧନଞ୍ଜୟଙ୍କୁ ବନ୍ଦୀ କରାଗଲା । ତାଙ୍କ ଅନୁପସ୍ଥିତିରେ କମଳ ଲୋଚନ ରାଜ୍ୟ ପରିଚାଳନା କଲେ । ବାକିଥିବା ରାଜସ୍ୱକୁ କେନ୍ଦ୍ର କରି କମ୍ପାନୀ ଓ କମଳଙ୍କ ମଧ୍ୟରେ ଲଢା ଚଞ୍ଚା ଆରମ୍ଭ ହେଲା । ୧୮୩୬ର ୨୩ତମ ଆଇନ୍ (23ACT) ନାମକ କଳା ଆଇନ ପ୍ରଣୟନ କରାଯାଇ ବିପ୍ଳବୀ କନ୍ଧ ମାନଙ୍କୁ ନିର୍ମମ ଭାବେ ହତ୍ୟା କରାଗଲା । କନ୍ଧ ଗାଁ । ଜାଳି ପୋଡ଼ିଦିଆଗଲା । ଜନାମଣିଷର ନାଲି ରକ୍ତରେ ଘୁମୁସର ମାଟି ଲାଲେ ଲାଲ୍ ହୋଇଗଲା ।

Digitized by srujanika@gmail.com

ରଜା ଧନଞ୍ଜୟ ଭଞ୍ଜ ରେଙ୍ଗୁନ୍ ଜେଲରେ ପ୍ରାଣତ୍ୟାଗ କଲେ । କମଳଙ୍କ ବିଦ୍ରୋହୀ ସାଥିମାନେ ପୋଲିସ୍ ହାତରେ ଧରାପଡ଼ି ଫାଶିଖୁଣ୍ଟରେ ବଳି ହୋଇଗଲେ । ତଥାପି କମଳ ଲୋଚନଙ୍କ ରକ୍ତରଞ୍ଜିତ ମୁକ୍ତି ବିପ୍ଳବ ଥମେଇ ନଥିଲା । ଅନେକ ଇଂରେଜ ଘାଟି ବିପ୍ଳବୀ ମାନଙ୍କ ଦ୍ୱାରା ଅଧିକୃତ ହେଲା । ସହସ୍ରାଧିକ ଇଂରେଜ ସୈନ୍ୟ, ସେନାପତି ତଥା ଗୁମସ୍ତ ବିଦ୍ରୋହୀଙ୍କ ହାତରେ ନିହତ ହେଲେ । ଘୁମୁସର ସମର ବ୍ରିଟିଶ ଶକ୍ତିକୁ ଅଥୟ କରି-ପକାଇଲା । କମଳଙ୍କ ବିଦ୍ରୋହ ଦମନ ଲାଗି ନିଯୁକ୍ତ ହେଲେ ହଡ଼ସନ୍, ବର୍ଟନ୍, ନେପିଳ୍ପିନ୍, ସିଟାର୍, ଲୁଗାର୍ଡ ଓ ଷ୍ଟିଓ୍ୱାର୍ଟ । ଜର୍ଜ ରସେଲ୍‌ର କଡ଼ା ହୁକୁମ୍ ଥିଲା - ଯେ କୌଣସି ଉପାୟରେ ବିଦ୍ରୋହୀଙ୍କୁ କବ୍‌ଜା କର ।

ପରେ କ୍ୟାପଟେନ୍ ଫ୍ରାଏରସର ଯୁଦ୍ଧ ଘାଟି ଉପରେ ଘୁମୁସର ବିଦ୍ରୋହୀ ଅତର୍କିତ ଚଡ଼ାଉ କଲେ । ଅନେକ ଶ୍ୱେତାଙ୍ଗ ସୈନ୍ୟ ହଣାଖାଇ-ଗଲେ । ଦୁର୍ଗା ପ୍ରସାଦ ଗିରପଥ ନିକଟରେ କେତେଜଣ ଆଦିବାସୀ ମହିଳାଙ୍କୁ ଅସୌଜନ୍ୟ ବ୍ୟବହାର ପ୍ରଦର୍ଶନ କରି କ୍ୟାପଟେନ୍ ବ୍ରାମ୍‌ଲେ ହଣାଖାଇଲେ । ଖାଲି ହତ୍ୟା ହତ୍ୟା ଆଉ ହତ୍ୟା । ଜର୍ଜ ରସେଲ୍ ବିଚଳିତ ହୋଇପଡ଼ିଲା । ଘୁମୁସର ବିଦ୍ରୋହର ନିଆଁ କେଳକୁ କେଳ ପ୍ରଚଣ୍ଡ ହେଲା ।

ଇତିମଧ୍ୟରେ ଇଂରେଜ ସୈନ୍ୟ ବାହିନୀର ଅନେକ ଗୁଡ଼ିଏ ଶକ୍ତିଶାଳୀ ବନ୍ଧୁକ ବିଦ୍ରୋହୀ ମାନେ ଜବରଦସ୍ତ ଛଡ଼ାଇ ଆଣିଲେ । ସରକାରଙ୍କ ପକ୍ଷରୁ ସଫେଇ ଦିଆଗଲା ମାତ୍ର ପଚିଶଟି ବନ୍ଧୁକ ହେଉଶଯାଇଛି । ଜର୍ଜ ରସେଲ୍ ଏ ସମ୍ବାଦ ପାଇବା ମାତ୍ରକେ ଏକଦମ୍ ଆକାଶରୁ ଖସିପଡ଼ିଲା । ଗର୍ଜନ ତର୍ଜନ କରି ହୁକୁମ ଦେଲା - ଯଥାଶିଘ୍ର ମତେ ରାଇଫଲ୍ ଆଣି ଦେଖାଅ । ବିଦ୍ରୋହୀଙ୍କୁ ଗିରଫ୍ କର ।

ତେଣେ କୁରୁମଙ୍ଗିଆ ଗାଁର ମୁଖିଆ ରାଙ୍ଗ ମଲିକ ବେପରୁଆ ଭାବେ କହି ବୁଲିଲେ-ବନ୍ଧୁକ ମୋପାଖରେ ରହିଛି । ଆମ୍ଭମାନେ ସୈନ୍ୟଙ୍କୁ ଦେବନାହିଁ । ବିଦ୍ରୋହୀ ମାନଙ୍କ ହାତରେ ଦେବ । ଫିଶର୍ଙ୍କ ସେନାପତି କ୍ୟାମ୍ପବେଲ ପୂର୍ବପୂରୁ ବୋବା ବନିଗଲା । ରାଙ୍ଗ ମଲିକଙ୍କ ଘର ଉପରେ ରାତି ଅଧିଆ ଚଢ଼ାଉ ହେଲା । ତାଙ୍କୁ ଗିରଫ କରାଗଲା । କିନ୍ତୁ କମଳଙ୍କ ବିଦ୍ରୋହୀ ସାଥି

Digitized by srujanika@gmail.com

ପୋଲିସ୍ ହାତରୁ ପୁଣିଥରେ ରାଜମହାରାଜଙ୍କୁ ଛଡ଼ାଇ ଆଣିଲେ ।

କମଳଲୋଚନ ଦୋରା ବିଷୋୟି ଥିଲେ ଦକ୍ଷିଣାଞ୍ଚଳ ଶାସକ ଗୋଷ୍ଠିର ନେତୃତ୍ୱ ଏକ । ଜନ୍ମ ହୋଇଥିଲେ ଭଞ୍ଜନଗର ଠାରୁ ଦୁଇମାଇଲ୍ ଦୂର ବଞ୍ଜିଗିରି ଗାଁରେ । ବଞ୍ଜିଗିରି ଗାଁ ମୁକ୍ତି ସଂଗ୍ରାମର ଆଜ ଏକ ତୀର୍ଥ । ବଡଭାଇ ରାମସିଂହ କମ୍ପାନୀ ଶାସନ ବିରୁଦ୍ଧରେ ଲଢ଼ିବା ପାଇଁ କମଳଙ୍କୁ ହିମ୍ମତ ଦେଉଥିଲେ ।

ପାନଭାଇ ବକ୍ସି ବିଷୋୟି ଏକାଏକା ସାତଜଣ ଇଂରେଜଙ୍କୁ ଖତମ୍ କରି ମାତୃଭୂମି ପ୍ରୀତ୍ୟର୍ଥେ ଶହୀଦ୍ ହୋଇଗଲେ । ବିପ୍ଲବୀ ମଧୁ ଭଂଜ ଶତ୍ରୁ ପକ୍ଷର ଖାଦ୍ୟପେୟ ଓ ଅସ୍ତ୍ର ଶସ୍ତ୍ର ଲୁଣ୍ଠନ କରି କ୍ୟାପଟେନ୍ ବେର୍ ହାତରେ ଧରା ହେଲେ ଓ ଫାଶି ଖୁଣ୍ଟରେ ଶହୀଦ୍ ହେଲେ । ମୁକ୍ତି ସଂଗ୍ରାମର ଚିର ପ୍ରଜ୍ଜ୍ୱଳିତ ରକ୍ତ କମଳ ଦୁର୍ଜୟ ତଥା ଅଦମନୀୟ ଦୋହରା ବିଷୋୟିଙ୍କୁ ଇଂରେଜ ମାନେ ମହାବୀର ହାଇଦର ଅଲ୍ଲୀଙ୍କ ସହିତ ତୁଳନା କରି ଯାଇଛନ୍ତି । କିନ୍ତୁ ଆମ ଇତିହାସରେ ତାଙ୍କ ବିଷୟରେ ପୃଷ୍ଠାଏ ମଧ୍ୟ ଲେଖା ହେଲା ନାହିଁ ।

ଭୟଙ୍କର ଭାବେ ଘୁମୁସର ବିଦ୍ରୋହ ତେଜି ଉଠିଲା । ଇଂରେଜ ସେନାପତି କ୍ୟାମ୍ପବେଲ୍ ସ୍ୱୀକାର କରିବାକୁ ବାଧହେଲା – କନ୍ଧ ମାନଙ୍କର ବିଦ୍ରୋହ ଅତୀବ ଭୟଙ୍କର ହୋଇଉଠୁଛି । ଏହାର ମୁକାବିଲା କରିବାକୁ ଆମେ ଅକ୍ଷମ । ଦୀର୍ଘ ବାରବର୍ଷ କମଳଲୋଚନ ଦୋରା ବିଷୋୟି ଓଡ଼ିଶାର ଦକ୍ଷିଣାଞ୍ଚଳରେ ମୁକ୍ତି ମଶାଲ ଜାଳି ଇଂରେଜ ଶକ୍ତିକୁ ହତବାକ୍ କରିଦେଲେ ।

ଫିରିଙ୍ଗି ସୈନ୍ୟର ଆପ୍ରାଣ ଉଦ୍ୟମ ଫଳରେ କମଳଲୋଚନ ଧରାହେଲେ । ଗୁଡ଼ି ଜେଲରେ ଜୀବନ ବନ୍ଦୀ ରୂପେ ରହିଲେ । ଜେଲ୍ରୁ ଖଲାସ ହୋଇ ଆଜନ୍ମ ବିପ୍ଲବୀ ଦୋହରା ବିଶୋୟି ନିଜ ଜନ୍ମ ଭୂମିକୁ ଫେରିଗଲେ ଓ ରାଜ ପରିବାରରେ ମନୋମାଳିନ୍ୟ ଯୋଗୁଁ ବଞ୍ଜିଗିରିଠାରେ ନରହି ତୋରବାଡ଼ ଗାଁରେ ରହିଲେ ଓ ସେହିଠାରେ ହିଁ ପ୍ରାଣ ତ୍ୟାଗ କଲେ । ବିପ୍ଲବୀ କମଳ-ଲୋଚନ ଦୋରା ବିଷୋୟିଙ୍କ ଦେହାନ୍ତ ହେଲା । ଇଂରେଜ ମାନଙ୍କର ମୁଣ୍ଡ ବିନ୍ଧା କମିଲା । ସେ ମରି ମଧ୍ୟ ଆମଲାଗି ଅମର ମଣିଷ । ଆଜି ସୁବର୍ଣ୍ଣ ଜୟନ୍ତୀ

Digitized by srujanika@gmail.com

ମହୋତ୍ସବରେ ବିଦ୍ରୋହୀ କମଳଲୋଚନଙ୍କ ପାଦପଦ୍ମରେ ଏ ଜାତି ରକ୍ତ କମଳଟିଏ ଥାପି ନମ୍ର କୃତଜ୍ଞତା ଜଣାଉଛି ।

※ ଚକରା ବିଷୋୟୀ :—

ଓଡ଼ିଶାର ଇଷ୍ଟଇଣ୍ଡିଆ କମ୍ପାନୀ ଦକ୍ଷେ ଆଉ ଜଣେ କାଳଚକ୍ର ଥିଲେ ମହାବୀର ଚକ୍ର ବିଷୋୟୀ । ୧୮୨୩ ଶାମ୍ବ ଦଶମୀ ଦିନ ଚକରା ଜନ୍ମ ନେଇଥିଲେ ଡୋରବାଡ଼ି ଗାଁରେ । ଆଉ କେତେକ କହନ୍ତି ଚକରା ଓଙ୍ଗଲ ଗାଁରେ ଜନ୍ମ ହୋଇଥିଲେ । ପିଲାଦିନୁ ଶିଖିଥିଲେ ବଡଦଳଡ଼ଂ କୁସ୍ତି କସରତ ଓ ବାଘ ସାଙ୍ଗେ ମୁହାଁମୁହିଁ । କାକା ଦକସି ବିଷୋୟୀ ନନ୍ଦ ବିଷୋୟୀ, ଶଙ୍ଖ ବିଷୋୟୀ ଓ ମହାବୀର ଦୋରବ ବିଷୋୟୀଙ୍କ ସାନ୍ନିଧ୍ୟରେ ଅନୁପ୍ରାଣିତ ହୋଇଥିଲେ ମହାବୀର ଚକରା । ଜନ୍ମଠାରୁ ମଲାଯାଏଁ ଇଂରେଜଙ୍କୁ ଘୃଣା କରୁଥିଲେ । ପିତା ଶ୍ୟାମ ବିଷୋୟୀ ଇଂରେଜ ବିରୁଦ୍ଧରେ ସ୍ୱତନ୍ତ୍ରତା ଆନ୍ଦୋଳନ କରି ପ୍ରାଣଦଣ୍ଡ ପାଇଥିଲେ । ପ୍ରଚଣ୍ଡ ଇଂରେଜ ବିରୋଧି ମନୋଭାବଟିଏ ଥିଲା ଚକରାଙ୍କର ।

୧୮୪୪ ରୁ ୧୮୫୭ । ଏହି ବାରବର୍ଷ ମହାବୀର ଚକରା ଇଂରେଜ ଶାସକଙ୍କୁ ନାକେଦମ କରି ପକାଇଲେ । ଚନ୍ଦ୍ରଗିରି ଜଙ୍ଗଲର ଚକରା ଘାଟି ଓଡ଼ିଶାର ଆଉ ଗୋଟିଏ ରକ୍ତତୀର୍ଥ । ଚକରା ଘାଟିଥିଲା ଇଂରେଜ ଶାସକଙ୍କ ପକ୍ଷେ ତେଜଗର ସ୍ପଟ୍ । ଚକରାଙ୍କର ବନ୍ଧାସବାଙ୍ଘ ଦଳ ସେହି ଘାଟିରେ ଗୁରୁମନ୍ତ୍ର ନେଇଥିଲେ । ଟ୍ରେନିଂ ପାଇସାରିବା ପରେ ଫିରିଙ୍ଗି ପ୍ରଶାସକଙ୍କୁ ଗୁରୁ ମନ୍ତ୍ର ଦେଉଥିଲେ । ଚକରା ଘାଟି ନାଁ ଶୁଣିବା ମାତ୍ରେ ଇଂରେଜ ପ୍ରଶାସକଙ୍କର ଛାତି ଥରୁଥିଲା । ଅସମ୍ଭବ ଭାବେ ରକ୍ତସ୍ରୋତ ବଢ଼ି ଯାଉଥିଲା ।

ଖୁବ୍ ଅଳ୍ପ ବୟସରେ ଚକରା ବାହା ହୋଇଥିଲେ । ସ୍ତ୍ରୀ ତାରକା ମଧ୍ୟ ଚକରାଙ୍କର ଉପଯୁକ୍ତ ସମ୍ପୂର୍ଣ୍ଣା ସଙ୍ଗିନୀ ଥିଲେ । ତନ୍ତ୍ର ସାଧନା ଲାଭ ଉପଲବ୍ଧି ଲାଗି ସ୍ୱାମୀଙ୍କୁ ଅନେକ ସାହାଯ୍ୟ କରୁଥିଲେ । ଜନଶ୍ରୁତିରୁ ଜଣାପଡ଼େ ଚନ୍ଦ୍ରଗିରିର ରଣଚଣ୍ଡୀ ଠାକୁରାଣୀ ଚକରାଙ୍କ ମାତୃ ଭକ୍ତି ଯଜ୍ଞରେ ସନ୍ତୁଷ୍ଟ ହୋଇ ତାଙ୍କୁ ଶତ୍ରୁ ଆକ୍ରମଣର ପୂର୍ବ ସୂଚନା ଦେଉଥିଲେ । ଘଣ୍ଟି ବଜାଇ ଚକରାଙ୍କ ବିଦ୍ରୋହୀ ସାଥିମାନଙ୍କୁ ଠାକୁରାଣୀ ସତର୍କ କରି ଦେଉଥିଲେ ।

Digitized by srujanika@gmail.com

ଘୁମୁସର ସମେତ ଅନୁଗୁଳ, ସୋନପୁର, ମଦନପୁର, ରାମପୁର, କଳାହାଣ୍ଡି, ଜୟପୁର ପ୍ରଭୃତି ଅଞ୍ଚଳ ବୁଲି ବୁଲି ଚକରା ପ୍ରଚାର କରିଥିଲେ ମୁକ୍ତି ସଂଗ୍ରାମର ମହାମନ୍ତ୍ର - ଫିରିଙ୍ଗୀ ହଟାଓ, ଭାରତ ବଞ୍ଚାଓ । ବ୍ରିଟିଶ ସେନା ଛାଉଣୀ ଉପରେ ଲୁହାକୁ ଲୁହା ଚଢ଼ାଉ ହେଲା । ଅସ୍ତ୍ର ଶସ୍ତ୍ର ଲୁଟ୍ କରାଗଲା । ୧୮୫୭ ବେଳକୁ ଚକ୍ରାଙ୍କ ବିଦ୍ରୋହ ସର୍ବାଧିକ ହୋଇପଡ଼ିଲା । ଦୁର୍ଗାପ୍ରସାଦ, କଳାମାଗି ଘାଟିରେ ଅନେକ ଶତ୍ରୁ ହଣା ଖାଇଗଲେ ।

ଇଂରେଜ ସେନାପତି ମେକଫର୍ସନ ଚକରାଙ୍କ ଲୁଫାମାରି ଆକ୍ରମଣରେ ବିଚଳିତ ହୋଇ ଉପରକୁ ଲେଖିଲେ - ଶୀଘ୍ର ସାମରିକ ସାହାଯ୍ୟ ପଠାଅ, ନଚେତ୍ ଆମ ଆଶା ଶୂନ୍ୟ ।

ଖବର ପାଇବା ମାତ୍ରକେ ମାନ୍ଦ୍ରାଜଠାରୁ ଜେନେରାଲ ଡାଇ ଫୌଜ ଧରି ଘୁମୁସର ଧାଇଁଲେ । ସରକାରଠାରୁ ବାହାଦୁରୀ ପାଇବା ଲାଗି ହଜାର ହଜାର ପୋଲିସ୍, ବ୍ରିଟିଶ ଦଲାଲ ଚୋରବାଡ଼ିଠାରୁ ଚନ୍ଦ୍ରଗିରି ଯାଏ ଚକ୍ରାଙ୍କୁ ଧରିବା ଲାଗି ଚକ୍କର ଲଗାଇଲେ । କିନ୍ତୁ ବିଶ୍ୱ ବିପ୍ଳବୀ ଚକରା ବିଶୋୟୀଙ୍କୁ କବ୍ଜା କରିବା ଲାଗି ବିଶ୍ୱରେ ଜଣେ ହେଲେ ପୁଅ ମିଳୁ ନ'ଥିଲା ।

ପରେ ବଡ଼ଲାଟ୍ ଦମ୍ଭୋକ୍ତି ପ୍ରକାଶ କରି କର୍ତ୍ତୃପକ୍ଷଙ୍କୁ ଲେଖିଲେ - ଚକ୍ରା ନିଶ୍ଚୟ ଆମ ହାତରେ ଧରାପଡ଼ିବ । କିନ୍ତୁ ବଡ଼ଲାଟ୍ଙ୍କ ଚକ୍କର ସେଦିନ ପାଣି ଫୋଟକା ହୋଇଗଲା । ଦୀର୍ଘ ଦୁଇ ଦଶନ୍ଧି ଘୁମୁସର ମାଟି ଶତ୍ରୁ ରକ୍ତରେ ରଞ୍ଜିତ ହୋଇଗଲା । ଚକରାଙ୍କ ଧରିବା ଲାଗି ଇଂରେଜ ଶିବିରରେ ଯୋଜନା ଉପରେ ଯୋଜନା ହେଲା । କିନ୍ତୁ କାର୍ଯ୍ୟ କ୍ଷେତ୍ରରେ ମିଳିଲା ଗୋଟାଏ ବଡ଼ ଘୋଡ଼ା ଡ଼ିମ୍ବ ।

ଚକରାଙ୍କ ବିଦ୍ରୋହରେ ଅନୁପ୍ରାଣିତ ହେଲେ ସହସ୍ରାଧିକ ବିପ୍ଳବୀ ପୁରୁଷ ଓ ସ୍ତ୍ରୀ । ରାମପୁରର (କଳାହାଣ୍ଡି)ର ରେଢ଼ାଖୋମାଝି, ଡ଼ୁଡ଼ୁମାଝି ଚାଇଲାର ରାଧାକୃଷ୍ଣ ଦଣ୍ଡ ସେନା ଓ ଅନୁଗୁଳର ନବଘନ କୁଁଅର ନିଜ ନିଜ ଅଞ୍ଚଳରେ ବିପ୍ଳବ ଆରମ୍ଭ କରିଦେଲେ । ରାଧାକୃଷ୍ଣ ଦଣ୍ଡସେନା ଧରାପଡ଼ି ଫାଶି ପାଇଲେ । ବିପ୍ଳବୀ ନବଘନ କୁଅଁର ଆତ୍ମସମର୍ପଣ କଲେ । ଉତ୍କଟ ଅର୍ଥୀତ ଅନାଟନ ଯୋଗୁଁ ଚକରା ଘୋର ଅସୁବିଧାର ସମ୍ମୁଖୀନ ହେବେ ମଧ୍ୟ ଶତ୍ରୁ

Digitized by srujanika@gmail.com

ଟାଙ୍ଗେ ମୁଣ୍ଡ ନୁଆଇଁଲେ ନାହିଁ । ଚକରା କାହା ସହିତ ସାଲିସ୍ କରିନଥିଲେ । କାହାକୁ ମାଲିସ୍ ମଧ୍ୟ କରିନଥିଲେ । କିନ୍ତୁ ଏହି କ୍ରାନ୍ତିକାରୀଙ୍କୁ ଆମ ଇତିହାସରେ ଉପଯୁକ୍ତ ସ୍ଥାନ ମିଳିନାହିଁ । ଓଡ଼ିଆ ପିଲେ ବିପ୍ଳବୀ ଚକରା ବିଷୋୟୀଙ୍କ ରକ୍ତରଞ୍ଜିତ ଇତିହାସ ପଢ଼ିବାର ସୁଯୋଗ ପାଇଲେ ନାହିଁ । ଆମ ସ୍କୁଲ୍, କଲେଜ ବହିରେ ଚକରାଙ୍କ ଅଗ୍ନିବର୍ଷୀ ଜୀବନୀରୁ ପୃଷ୍ଠାଏ ମଧ୍ୟ ଲେଖା ହେଲା ନାହିଁ ।

ଚକରା ବିଷୋୟୀ ଲଢ଼ିଥିଲେ ମାତୃଭୂମିର ସ୍ୱାଧୀନତା । ତାଙ୍କ ନିଜର କିଛି ସ୍ୱାର୍ଥ ନ'ଥିଲା । ଚକରାଙ୍କ ବିଦ୍ରୋହ ଦମନ ଲାଗି ଅନେକ ଦେଶଦ୍ରୋହୀ ଫିରିଙ୍ଗି ସହିତ ହାତ ମିଳାଇଲେ । ସେମାନଙ୍କ ମଧ୍ୟରେ ଥିଲେ ଜନାବ୍ ବାବୁ ଖାଁ, ସୁନ୍ଦର ସିଂହ, ତତ୍କାଳୀନ ତହସିଲଦାର ଘନବନ୍ଧୁ ପଟ୍ଟନାୟକ ଓ ଗଡ଼ଜାତ-ରାଜାଗଣ । ମାଟି ମାଆର ତ୍ରାଣକର୍ତ୍ତା ମାନଙ୍କୁ ନିଃଶେଷ କରିଦେବା ଲାଗି ସେମାନେ ଶତ୍ରୁ ପକ୍ଷକୁ ଅକୁଣ୍ଠ ସାହାଯ୍ୟ ଦେଇଥିଲେ । ପିଲାଦିନୁ ଯିଏ ବାଘଛୁଆ ସଙ୍ଗେ ସୁନ୍ଦର ଭାବେ ଖେଳୁଥିଲେ ପରବର୍ତ୍ତୀ କାଳରେ ଇଂରେଜ ସହିତ ସିଏ ବାଘପରି ଜମାଣିଆ ଖେଳ ଖେଳିଥିଲେ । ଗୋଟାଏ ବିଦ୍ରୋହୀ ପରିବାରରେ ଭୂମିଷ୍ଠ ହୋଇ ଚକରା ବିଷୋୟୀ ଓଡ଼ିଆ ଜାତିର ଚିର ନମସ୍ୟ ହୋଇଗଲେ ।

ଚକରାଙ୍କ କଥା ବିଲାତ ପାର୍ଲାମେଣ୍ଟରେ ମଧ୍ୟ ଥରେ ଝଡ଼ ସୃଷ୍ଟି କରିଥିଲା । ଅଥଚ ଆମ ଇତିହାସରୁ ତାଙ୍କ ବ୍ଲାକ ଆଉଟ୍ କରାଗଲା । ସାବାସ ଚକରା ବିଷୋୟୀ ! ସାବାସ କ୍ରାନ୍ତିକାରୀ !! କୋଟି କୋଟି ପ୍ରଣାମ ଆପଣଙ୍କ ପାଦକୁ ।

* ଶହୀଦ୍ ରେଣ୍ଡୋ ମାଝି :—

କନ୍ଧମାଳର ବେଲଘର । ପାଖରେ ବହିଯାଉଛି ନଈଟିଏ । ନାଁ ତା'ର ଗୁଞ୍ଜିନାଲା । କୁଳୁକୁଳୁ ହୋଇ ଗୁଞ୍ଜିନାଲାର ପାଣି ଗାଇଯାଉଛି ଓଡ଼ିଆ ଶହୀଦ୍‌ମାନଙ୍କର ତାଜା ରକ୍ତ ତର୍ପଣର ଗାଥା । କୁଇ ଭାଷାରେ ସେଇ ଗାଥାଟି—

ଏଡ୍ରୁ ସାଜନେ କୁଡ୍ରୁ ସାଜନେ
ସ୍ୱାଟ୍ରୁ ତେନାଞ୍ଜା ଗିରିକ...........

Digitized by srujanika@gmail.com

(ଏଇ ନଈ ବନ୍ଧାଯାଇଛି ସମୁଦ୍ରକୁ । ସେଇଁଠାରେ ଫିରିଙ୍ଗୀମାନେ ଅଛନ୍ତି । ସେଉଁମାନେ ସାପ, ବେଙ୍ଗ ଓ ଏଣ୍ଡୁଅ ଖାଆନ୍ତି । ସେହି ଅମଣିଷ ଗୁଡ଼ାକ ଆମ ଦେଶରୁ ଚାଲି ଯାଆନ୍ତୁ ।)

୧୮୪୧ ମେ ମାସ । କନ୍ଧ ନେତା ରେନ୍ଦୋ ମାଝି, ଉଦ୍ଧବ ମାଝି, ନୂଆ ମାଝି, ଟ୍ରାଙ୍ଗ ମାଝି ଆରମ୍ଭ କରିଦେଲେ ରକ୍ତ ରଙ୍ଗୀ ଲଢେଇ । ସିଂହ ଓ ବାଘ ଭିତରେ ଲଢ଼େଇ । କଳା ଲୋକେ ଗୋରା ଲୋକଙ୍କର ଅଧିକାରକୁ ଚୁରମାର କରିଦେଲେ । ଅନେକ ଇଂରେଜ ସିପାହୀ ବାଟରେ ଘାଟରେ ହଣାଖାଇଲେ । ଗୁଞ୍ଜିନାଳର ପାଣି ଶତ୍ରୁ ରକ୍ତରେ ରଙ୍ଗୀନ ହୋଇଗଲା । ବେଣୀପଞ୍ଚିଠାରେ କଲେକ୍ଟରର ଡାହାଣ ହାତ ବୋଲାଉ ଥିବା ଇଂରେଜ ଭକ୍ତ କଳାହମୁଣ୍ଡକୁ ବିଦ୍ରୋହୀମାନେ ହାଣି ଦୁ'ଗଡ଼ କରିଦେଲେ ।

କନ୍ଧମାଳର କନ୍ଧ ମେଳି ସଙ୍ଗୀନ ହୋଇଗଲା । ବିଦ୍ରୋହ ଦମନ ଲାଗି ମାନ୍ଦ୍ରାସଠାରୁ ମେକଫରସନ୍ ଧାଇଁ ଆସିଲା । ଫୁଲବାଣୀ, ବାଲିଗୁଡ଼ା, କୋଟଗଡ଼, ସୁବର୍ଣ୍ଣଗିରି, ରାମପୁର, ବନ୍ଦରି ଗାଆଁରେ ବିଦ୍ରୋହର ନିଆଁ ଜଳିଲା । ମେକଫରସନ୍ ମୁଣ୍ଡ ଖରାପ, କ'ଣ କରିବ ? ତହସିଲଦାର ଭାବେ ଅନୁଗୁଳିଆ ଧନବନ୍ଧୁ ପଟ୍ଟନାୟକଙ୍କୁ ନିଯୁକ୍ତି ମିଳିଲା ।

ରେନ୍ଦୋ ମାଝିଙ୍କ ଉତ୍ସରେ କନ୍ଧମେଳି ୧୮୫୫ ଯାଏ ଚାଲିଲା । ଅନନ୍ୟୋପାୟ ହୋଇ କମ୍ପାନୀ ସରକାର କନ୍ଧମାଳର ପ୍ରତ୍ୟକ୍ଷ ଶାସନ ଦାୟିତ୍ୱ ହାତକୁ ନେଲେ । ମେଳିଆ ସର୍ଦ୍ଦାର ରେନ୍ଦୋ ମାଝିଙ୍କୁ ଗିରଫ କରାଗଲା । ଫାଶୀ ମଞ୍ଚରେ ଠିଆ ହୋଇ ରେନ୍ଦୋ ମାଝି ଗର୍ଜିଉଠି କହିଲେ ମୋ ଭାରତ ମହାନ୍…………

ସାବାସ୍ ରେନ୍ଦୋ ! ସାବାସ୍ ଦେଶପ୍ରେମୀ ! ! ଆଜି ତୁମକୁ ଶତ ସହସ୍ର ପ୍ରଣତି ଜଣାଉଛୁ ।

❋ ସୋମନାଥ ସିଂହ ଜଗଦେବ :

ପ୍ରଚଣ୍ଡ ଦେଶଭକ୍ତ ତଥା ଅନୁଗୁଳର ଯୁବରାଜ ସୋମନାଥ ସିଂହ ମର୍ଦ୍ଦରାଜ ବାବୁଙ୍କର ଜଗଦେବଙ୍କୁ ୧୮୧୪ ମସିହା ବେଳକୁ ଷୋଳବର୍ଷ ଚାଲୁଥାଏ । କିଶୋର ପ୍ରଶାସକ । ରାଜ୍ୟ ଶାସନ ଲାଗି ଅପରିପକ୍ୱ । ତଥାପି

Digitized by srujanika@gmail.com

ଗୋରା ସାହେବଙ୍କୁ ଭୟ କଲାଏ । ଆଖି ଦେଖାଇ ସୋମନାଥ ଶାସନ କରୁଥିଲେ । ଅନୁଗୁଳକୁ ହାତେଇ ନେବା ଲାଗି ଫନ୍ଦ ଫିକର ଆଜମ୍ଭ ସରକାରୀ ସ୍ତରରେ ହୋଇଥିଲା ।

ସୋମନାଥ ଥିଲେ ଚତୁର, ଜାଣି ଓ ଜିଦ୍‌ଖୋର । କାହା ହୁକୁମ ତାମିଲ କରିବା ସେ ଶିଖି ନଥିଲେ । ବିଦେଶୀଙ୍କ ଠକିଆମିକୁ ସେ ସହୁ-ନଥିଲେ । ବାରମ୍ବାର କମ୍ପାନୀ ଶାସନର ହୁକୁମ୍‌କୁ ବେଖାତିର କରିବାରୁ ଇଂରେଜ ପକ୍ଷର ରାଗ ବଢ଼ିଲା । ସୋମନାଥଙ୍କ ମୁହଁ ବନ୍ଦ କରିଦେବା ଲାଗି ବହୁ ଚେଷ୍ଟା ଚାଲିଲା ।

୧୮୩୧ । ଯୁବରାଜ ସୋମନାଥଙ୍କ ନାଁରେ କମ୍ପାନୀ ସରକାର ଗୋଟାଏ ମିଛ ଅଭିଯୋଗ ଆଣିଲା । ଅନୁଗୁଳର ପଡ଼ୋଶୀ ରାଜ୍ୟ ଦଶପଲ୍ଲାର କେତେକ ଗାଁ । ସୋମନାଥ ଲୁଟ୍ କରିଛନ୍ତି ବୋଲି କମ୍ପାନୀ ପକ୍ଷରୁ ପ୍ରଚାର କରାଗଲା । ଏଥିପାଇଁ ରଜାଙ୍କୁ ଅର୍ଥଦଣ୍ଡ ଦେବାଲାଗି ନିର୍ଦ୍ଦେଶ ଦିଆଗଲା । କିନ୍ତୁ ଯୁବରାଜ ଏହାକୁ ବେପରବାୟ ଭାବେ ହସରେ ହସରେ ଉଡ଼ାଇ ଦେଲେ ।

ଏହା ଭିତରେ ପାଞ୍ଚବର୍ଷ ଚାଲିଗଲା । କମ୍ପାନୀ ଶାସକ ଆଉ କିଛି ଉପାୟ ପାଇଲେ ନାହିଁ । କିନ୍ତୁ ପାଞ୍ଚବର୍ଷ ପରେ ପୁଣିଥରେ ତାଙ୍କୁ ବଦନାମ୍ କରିବାକୁ ଚେଷ୍ଟା କରାଗଲା । ଘୁମୁସର ବିଦ୍ରୋହୀ ଦୋରା ବିଷୋୟି ଓ ଚକରା ବିଷୋୟିଙ୍କୁ ଅନୁଗୁଳ ରାଜା ଆଶ୍ରୟ ଦେବା ଓ ସବୁ ପ୍ରକାର ସାମରିକ ତଥା ବେସାମରିକ ସାହାଯ୍ୟ ଦେବା ଅଭିଯୋଗରେ ତାଙ୍କୁ ସାକ୍ଷାତ ଲାଗି ଡ଼କରା ପଡ଼ିଲା । କିନ୍ତୁ କମ୍ପାନୀ ପକ୍ଷର ଏ ସମସ୍ତ ମିଛ ଅଭିଯୋଗ ଓ ତୁଚ୍ଛା ଫୁଟାଣିକୁ ଯୁବରାଜ ସୋମନାଥ ଫୁତ୍‌କାର ହସରେ ହସରେ ଉଡ଼ାଇ ଦେଲେ । ଅନୁଗୁଳର ଗୋରା ଶାସକଙ୍କ ନାଲି ମୁହଁ ଗୁଡ଼ାକ ଲୋକ ଲଜ୍ଜାରେ କଳା ପଡ଼ିଗଲା ।

୧୮୪୭ ଡ଼ିସେମ୍ବର । ଜବରଦସ୍ତ ଯୋଦ୍ଧା ସୋମନାଥଙ୍କ ନାଆଁରେ କମ୍ପାନୀ ପକ୍ଷରୁ ଜାମିନ୍ନା ବିହୀନ ପରଓ୍ୱାନ ଜାରି କରାଗଲା । ତାଙ୍କୁ ରାଜଗାଦିରୁ ବହିଷ୍କାର କରାଗଲା । ତଥାପି ବଳୁଆ ସୋମନାଥ ସେ ସବୁକୁ ଫୁତ୍‌କାରରେ ଉଡ଼ାଇ ଦେଲେ । ତାଙ୍କ ଜିଦ୍‌ଖୋର ମନୋଭାବ ଓ ଟାଣପଣ ଯୋଗୁଁ ଗୋରାଶାସକ ତାଙ୍କ ପାଖକୁ ଚିଠି ଲେଖିଲା । କେବେ ଲେଖୁଥିଲେ – ମେହେରବାନ୍·········ଦୋସ୍ତାନ୍·········

Digitized by srujanika@gmail.com

ମେଣ୍ଟଡ଼ ଓଡ଼ିଆ ଲୋକାର ଆଖି ଦେଖା ମାତ୍ରକୁ ଫିରିଙ୍ଗି ସେନାପତି କ୍ୟାମ୍ପବେଲ ହତ୍ପାଶ ନ'ଥିଲା । ଦଳବଳ ନେଇ ଅନୁଗୁଳର ବନ୍ଦୀ ସାମନ୍ତଙ୍କ ଘାଟି ଉପରେ ଆକ୍ରମଣ କରାଗଲା । ସୋମନାଥ ମଧ୍ୟ ଚତୁରରୁ ଚତୁର ଥିଲେ ।

କୃଷ୍ଣଚନ୍ଦ୍ର ଦୁର୍ଗ ଥିଲା ସୋମନାଥ ଦେବଙ୍କ ପ୍ରଥମ ଓ ପ୍ରଧାନ ଦୁର୍ଗ । ସେହି ଦୁର୍ଗର ରକ୍ଷକ ଥିଲେ ମଣିସାମନ୍ତ । ରକ୍ତାର୍ଥୀ ଓଡ଼ିଶାର ଆଉ ଏକ ମଣି । ସେନାପତି ସିଦ୍ଧୁ ଗଡ଼ନାୟକ, ନୀଳକଣ୍ଠ ବିଦ୍ୟାଧର ଓ ବହୁଳା ରେବତୀ ମଙ୍ଗରାଜ ପ୍ରଭୃତି ରଣରଙ୍କ ବୀରପୁଙ୍ଗବ ରାଜାଙ୍କୁ ହିମ୍ମତ ଦେଇ କହିଥିଲେ - ପ୍ରାଣ ଦେଉ ଦେବୁ, ମାନ ତଳେ ପକାଇବୁ ନାହିଁ । ଅନୁଗୁଳ ମାଟିରେ ଆରମ୍ଭ ହୋଇଗଲା । ରକ୍ତ ରଙ୍ଗ ବ୍ରିଟିଶ ଓଡ଼ିଆ ଲଢ଼େଇ ।

ସେନାପତି କ୍ୟାମ୍ପବେଲ ସମ୍ବଲପୁର, ମାନ୍ଦ୍ରାଜ ଓ ରାମଗଡ଼ ବାଟା-ଲିୟନ ଆଣି ଅନୁଗୁଳ ବିଦ୍ରୋହ ଦମନ କରିବା ଲାଗି ପ୍ରାଣାନ୍ତକ ଉଦ୍ୟମ କଲା । ଏହି ମିଳିତ ସେନା ବାହିନୀର ନାମ ରଖାଗଲା - ଅନୁଗୁଳ ଫିଲଡ୍ ଫୋର୍ସ । (A.F.F.)

ରାଜା ସୋମନାଥଙ୍କ ବିଦ୍ରୋହ ବାହିନୀରେ ସାମିଲ ହେଲେ ମଣି ସାମନ୍ତରାୟ, ଜଗନ୍ନାଥ ସିଂହ, ଲାଙ୍ଗ ଠେପଣ, ସିଦ୍ଧୁ ଗଡ଼ନାୟକ ଓ ରେବତୀ ମଙ୍ଗରାଜ, କୃଷ୍ଣଚନ୍ଦ୍ର ଗଡ଼ ଆଗରେ ରାମ-ଲକ୍ଷ୍ମଣ କମାଣ ଦୁଇଟି ଶତ୍ରୁ ସଂହାର ଲାଗି ସଦା ସର୍ବଦା ପ୍ରସ୍ତୁତ ଥିଲ । ମାତୃଭୂମିର ସୁରକ୍ଷା ଲାଗି ଅନୁଗୁଳର ଚରମ ମାତୃ ଭକ୍ତ ନିଜ ନିଜ ମୁଣ୍ଡକୁ ଉତ୍ସର୍ଗ କରିଦେଲେ । ସେହି ସବୁ ବୀର ପୁରୁଷଙ୍କ ରକ୍ତ ବିଜଡ଼ିତ କୀର୍ତ୍ତିରାଜି ଯୁଗ ଯୁଗକୁ ଅମରାକ୍ଷରରେ ଲିପିବଦ୍ଧ ହୋଇ ରହିଛି ।

୧୮୪୮ ଫେବୃୟାରୀ ମାସରେ ବହୁଳ ରଜା ସୋମନାଥଙ୍କୁ ଗିରଫ କରାଗଲା । ତାଙ୍କ ବିଦ୍ରୋହକୁ ବନ୍ଧୁକ ମୁନରେ ବନ୍ଦ କରାଗଲା । ସେହି ବର୍ଷ ଡ଼ିସେମ୍ବର ମାସରୁ କମ୍ପାନୀ ଶାସକ ଅନୁଗୁଳର ପ୍ରତ୍ୟକ୍ଷ ଦାୟିତ୍ୱ ବହନ କଲେ । ମହାବୀର ସୋମନାଥଙ୍କୁ ନଜର ବନ୍ଦୀ ରଖାଗଲା । ରକ୍ତାର୍ଥୀ ଓଡ଼ିଶାର ଜବରଦସ୍ତ ପ୍ରେମିକ ରଜା ସୋମନାଥ ସିଂହ ଜଗଦେବଙ୍କ ଅନ୍ତିମ ଜୀବନ ଅତୀବ ଦୁଃଖମୟ ଥିଲା ।

Digitized by srujanika@gmail.com

ବାତବ୍ୟାଧି ପୀଡ଼ିତ ସୋମନାଥ ଅନେକ ଦୁଃଖକଷ୍ଟ ଭୋଗ କରିଥିଲେ । ତେଣେ ଇଂରେଜ ଶାସକ ରାଜକୁମାର ଲୋକନାଥ ସିଂହ ସାମନ୍ତଙ୍କୁ ହାତକରି ପିତା ପୁତ୍ର ମଧ୍ୟରେ ପାଚେରୀ ଠିଆ କରିଦେଲେ । ହା-ହତାଶ ହୋଇ ପରମ ଦେଶଭକ୍ତ ରାଜା ସୋମନାଥ ସିଂହ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଶତ୍ରୁ ପାଖେ ମୁଣ୍ଡ ନୁଆଁଇ ନ'ଥିଲେ ।

✽ ଶହୀଦ୍ ମଣି ସାମନ୍ତରାୟ :

ରକ୍ତତୀର୍ଥ ଅନୁଗୁଳ । ରକ୍ତତୀର୍ଥ କୃଷ୍ଣଚନ୍ଦ୍ର ଗଡ଼ । ଗଡ଼ ସାମ୍ନାରେ ଚନ୍ଦ୍ରମା ପୁଆର । ଦ୍ୱାର ମୁହଁରେ ଥାଏ ଦୁଇଟି ଶକ୍ତିଶାଳୀ କମାଣ ନାଁ'ଥିଲା ରାମ-ଲକ୍ଷ୍ମଣ । ଦୁର୍ଗର ରକ୍ଷକ ଥିଲେ ଦେଶ ଭକ୍ତ ମଣିସାମନ୍ତ ।

ଗୋରା ସେନାପତି କ୍ୟାମ୍ପବେଲ ନିର୍ଦ୍ଦେଶରେ କୃଷ୍ଣଚନ୍ଦ୍ର ଉପରେ ପ୍ରଚଣ୍ଡ ଆକ୍ରମଣ କରାଗଲା । ଠିକ୍ ସମୟରେ ଦୁର୍ଗ ରକ୍ଷୀ ମଣିସାମନ୍ତ କମାଣ ଦୁଇଟିରେ ନିଆଁ ଧରାଇଥିଲେ । କିନ୍ତୁ କି ଦୁର୍ଭାଗ୍ୟ ? କମାଣ ମୁହଁରୁ ନିଆଁ ବଦଳରେ ପାଣି ବୋହୁଥିଲା । ମଣି ସାମନ୍ତଙ୍କ ଜଳନ୍ତା ଆଖି ଦୁଇଟାରୁ ଧାର ଧାର ଲୁହ ପାଣି ଝରି ପଡୁଥିଲା । ହାତରେ ତାଙ୍କର ଲୁହାକଡ଼ି ଲାଗିଲା ।

ସେଦିନ ରାମ ଲକ୍ଷ୍ମଣ କମାଣ ଯଦି କାର୍ଯ୍ୟକାରୀ ହୋଇଥାନ୍ତା ତେବେ ବିଶାଳ ଇଂରେଜ ସେନାମାନେ ତୁଳା ପରି ଉଡ଼ି ଯାଇଥାନ୍ତେ । କିନ୍ତୁ ଫିରିଙ୍ଗି ପକ୍ଷ ଆମରି ଭାଇମାନଙ୍କୁ ହାତକରି ଆଗରୁ କମାଣରେ ପାଣି ଭର୍ତ୍ତି କରିଥିଲେ । ଦୁର୍ଗରକ୍ଷୀ ମଣିସାମନ୍ତର ମୁଣ୍ଡ ତଳକୁ କଲେ । ନୀରବରେ ଲୁହ ଗଡ଼ାଇଲେ ।

ହସି ଉଠିଥିଲା ପିଶାଚ କ୍ୟାମ୍ପବେଲ । ତାଚ୍ଛଲ୍ୟ କରି ମଣିଙ୍କୁ ପଚାରିଲା ମିଃ. ସାଣ୍ଟା ! କମ୍ପନୀ ସଙ୍ଗେ ଟକ୍କର ଚଳାଇଲେ ରେଜଲ୍ଟ୍ କନ୍ ହୁଏ ଜାଣିଲ ? ଗର୍ଜିଉଠି ମଣି ସାମନ୍ତ କହିଲେ - ସାହେବ୍ ! ମୁଁ କ୍ଷତ୍ରିୟ ପିଲା । ବିଦେଶୀ ଜାନୁଆର୍‌ଙ୍କୁ କିଛି କହିପାରିବ ନାହିଁ ।

ହ୍ୱାଟ୍ ! ଆମେ ଜାନୁଆର୍ ? ହଁ, ହଁ ତୁମେ ଜାନୁଆର୍, ତୁମେ ନମକ୍ ହାରାମ୍ ପଶୁ । ବେପାର ନାଁରେ ଭାରତର ରାଜା ବନିଛ । ଛିଃ ତୁମ ମୁହଁ ଛିଃ.........

ଫାୟାର୍............

Digitized by srujanika@gmail.com

ଗୁଡୁମ୍, ଗୁଡୁମ୍ ଆଓ୍ୱାଜରେ କୃଷ୍ଣଚନ୍ଦ୍ରର ପଞ୍ଜରା ଥର ଉଠିଲା । ଏମ ଲକ୍ଷ୍ମଣ କମାଣ ଚାଟଥିବା ଚନ୍ଦ୍ରମାଦ୍ୱାର ବକ୍ଷ ଉପରେ ଗର୍ବୋନ୍ନତ ମୁର୍ତ୍ତି ରଖି ସେ ଇଚ୍ଛ ଇଥିଲେ ଏ ମାଟିର ପରମ ମାତୃଭକ୍ତ ଶହୀଦ୍ ମଣି ଏାମନ୍ତ ରଘୁ । ମାଆ ମାଟି ତାଙ୍କୁ କୋଳେଇ ନେଲା ।

※ ଶହୀଦ୍ ଭୈରବନୀ ମଙ୍ଗରାଜ :—

ବାପା ବୀର, ପୁଅ ମହାବୀର । ନୀଳକଣ୍ଠ ବୀରାର ଓ ଭୈରବନୀ ମଙ୍ଗରାଜ । ଏ ମାଟିର ବୀରଶ୍ରେଷ୍ଠ ପିତା ପୁତ୍ର । ଦୁହେଁ ଯାକ ସ୍ୱରାଜ ଲାଗି ଲଢ଼େଇ କଲେ । ବାପା ରହିଲେ ଅନୁଗୁଳ ଜେଲରେ । ପୁଅ ଶତ୍ରୁ ସେନା ହାତରେ ଧରାପଡ଼ି କଟକ ଜେଲରେ ପଶିଲେ । ଯେଉଁ ଜାତି ପରାଧିନତା ଜାଣିନଥାଏ ଲୁହା ଜାଲି ଭିତରେ ତାକୁ ବାନ୍ଧି ରଖିବା କ'ଣ ଏତେ ସହଜ ?

ଭୈରବନୀ ମଙ୍ଗରାଜଙ୍କ ସହିତ ଆଉ କେତେଜଣ ଦେଶଭକ୍ତ ମଧ୍ୟ ଜେଲ୍ ଭିତରେ ଥିଲେ । ସୁଯୋଗ ଦେଖି ଥରେ ଜେଲ କର୍ମଚାରୀଙ୍କୁ କେତେ ବାଧା ମାର ଚମ୍ପଟ୍ ଦେଲେ । ପୋଲିସ୍ ସେମାନଙ୍କୁ ଫଲୋ କରିଥିଲା । କାଠଯୋଡ଼ି ନଈ କୂଳରେ ମୁହାଁମୁହିଁ ହୋଇଗଲେ ।

ଓଡ଼ିଆ ବିପ୍ଳବୀ ଭୈରବନୀ ମଙ୍ଗରାଜ ସେଦିନ ଇଂରେଜ ପକ୍ଷର ସାତଜଣଙ୍କୁ ମାରି ଶେଷରେ ସେଇଠାରେହିଁ ସହୀଦ୍ ହୋଇଗଲେ । ଫିରଙ୍ଗି ସେନାପତି କ୍ୟାମ୍ବେଲେ ଶୁଣିଲା-ଭୈରବନୀ ମଙ୍ଗରାଜ ମରିଗଲେ । ଖୁସି ଖୁସି ହେଲା । ଭୁମ୍ଭି ଭୁଫାନ୍ ଆରମ୍ଭ କରିଦେଲା । ସୁମସ୍ତ ରାମଦୋରାକୁ ପାଖକୁ ଡ଼ାକି କହିଲା- ମିଃ : ଦୋରା ଆଇ.ମିନ୍ ମଙ୍ଗରାଜ ମରିଗଲା······ହାଃ·········ହାଃ····· କ୍ୟାମ୍ବେଲ ହସରେ ତାଳଦେଇ ରାମଦୋରା ମଧ୍ୟ ହସି ଉଠି କହିଲା ସାର୍ ମୁଁ କହୁଛୁ କମ୍ପାନୀ ସାଙ୍ଗେ ବାଜି ମାରିବା ଅର୍ଥ ହାରିବା···ହାରିବା···ହାରିବା ।

ଖବରରେ କ୍ୟାମ୍ବେଲେ ଛାତିଟା ବେଲୁନ ପରି ଫୁଲି ଉଠିଲା । ରାମ ଦୋରାଙ୍କୁ ପଠାଇ ଶହୀଦ୍ ଭୈରବନୀ ମଙ୍ଗରାଜଙ୍କ ବେକଠାରୁ ମୁଣ୍ଡ କାଟି ଆଣିବାକୁ ନିର୍ଦ୍ଦେଶ ଦେଲା କ୍ୟାମ୍ବେଲେ । ଚାଟୁକାରିଆ ରାମଦୋରା ମଧ୍ୟ ନିର୍ଦ୍ଦେଶ ପାଳନ କରିଥିଲା । ଶହୀଦ ଭୈରବନୀ ମଙ୍ଗରାଜଙ୍କ କଟାମୁଣ୍ଡ ଧରି

Digitized by srujanika@gmail.com

କ୍ୟାମ୍ବେଲଙ୍କୁ ଆଣି ଦେଖାଇଲେ, ସେଦିନ ବୁଢ଼େ ମିଶି ବୋତଲ ବୋତଲ ମଦ ପିଇଲେ । କଟା ମୁଣ୍ଡ ଧରି ଜେଲରେ ଏବା ଗ୍ରେବଙ୍କ ବାପା ମାଳକଣ୍ଠ ବଧାରଙ୍କ ନିକଟକୁ ଗଲେ । ପୁଅର ସଦ୍ୟ କଟାମୁଣ୍ଡ ଥାଳିରେ ରଖି ତା ଉପରେ ଗୋଟିଏ କନା ଘୋଡ଼ାଇ ଦେଲେ ।

କ୍ୟାମ୍ବେଲ ସେଦିନ ମାଳକଣ୍ଠଙ୍କୁ କହିଲେ - ମିଃ ବଧାର ! ଆମ କମ୍ପାନୀ ପକ୍ଷରୁ ତୁମ ଲାଗି ଗୋଟାଏ ପ୍ରେଜେଣ୍ଟେସନ୍ ଆଣିଛି········ଚମକି ଉଠିଲେ ମାଳକଣ୍ଠ । ମୋ ଲାଗି ପୁରସ୍କାର ? ଉତ୍ସୁକ ହୋଇ ଥାଳିକୁ ଅନାଇ ଦେଲେ ମାଳକଣ୍ଠ ବଦ୍ୟାଧର । ଥାଳି ଉପରୁ କନାଟି କାଢ଼ି ଦିଆଗଲା । ଚମକି ପଡ଼ିଲେ ମାଳକଣ୍ଠ । ଆଖି ଦଇଟା ଡାଉ ଡାଉ ଜଳି ଉଠିଲା । କ୍ୟାମ୍ବେଲ ଓ ସମଦୋର ଏକକାଳିନ ଖୁବ୍ ଜୋରରେ ହସି ଉଠିଲେ । ହସ ବନ୍ଦ ହେବାପରେ ଆଶ୍ଚର୍ଯ୍ୟ ହୋଇ କ୍ୟାମ୍ବେଲ ମାଳକଣ୍ଠଙ୍କୁ ପଚାରିଲେ - ମିଃ ବଧାର୍ ତୁମେ କାନ୍ଦୁନାଅଁ ?

ଗର୍ଜି ଉଠି ମାଳକଣ୍ଠ କହିଲେ - ସାହେବ ! ଅନୁଗୁଳ ପିଲା କାନ୍ଦି ଜାଣେ ନାହିଁ । ପୁଅ ମୋର ମୃତ୍ୟୁଞ୍ଜୟୀ । ତା' ମୃତ୍ୟୁରେ ମୁଁ କାନ୍ଦିବ କାହିଁକି ? ବାସ୍ ସେତିକି ।

ସେଇ କେତେ ପଦ କଥା କହି ମାଳକଣ୍ଠ ମାଟି ମାଆ ଉପରେ ଶୋଇଗଲେ । ରକ୍ତଶିର୍ଷ ଓଡ଼ିଶାର ରକ୍ତ ଶିଖା ଭିତରୁ ଆଉ ଗୋଟିଏ ଶିଖା ଲିଭିଗଲା ।

* ସୁରେନ୍ଦ୍ର ସାଏ :—

ସୁରେନ୍ଦ୍ର ସାଏ, ସୁଣନ୍ଦର ସାଏ, ସୁନ୍ଦରସାଏ ଯାହାକୁ ଫିରଙ୍ଗି କହୁଥିଲେ ସରେଣ୍ଡର୍ ନଟ୍ ସାଏ । ପଇଁତିରିଶ ବର୍ଷ ସେଇ ସୁରେନ୍ଦ୍ର ସାଏ ଓ ତାଙ୍କ ସନ୍ତ୍ରାସବାଦୀ ଭାଇ ବନ୍ଧୁ, ସାଥି ସାଙ୍ଗ ଓଡ଼ିଶାର ବ୍ରିଟିଶ ଶାସନ ସତ୍ତାକୁ ସନ୍ତ୍ରାସ କରି ରଖିଥିଲେ ।

ଯେତେବେଳେ ଭାରତରେ ଇଂରେଜ ଶାସନର ପ୍ରଚଣ୍ଡ ମଧ୍ୟାହ୍ନ, ଲର୍ଡ଼ ଡ୍ଲେହାଉସୀଙ୍କ ରାଜ୍ୟ ସର ଲୋପନୀତି ବଳବତ୍ତର ଥାଏ ଠିକ୍ ସେତିକି-

Digitized by srujanika@gmail.com

ହେଲେ ପଶ୍ଚିମ ଓଡ଼ିଶାର ମହାବୀର ସୁରେନ୍ଦ୍ର ସାଏ ମଧ୍ୟାହ୍ନ ସୂର୍ଯ୍ୟ ଭଳି ଜଳିଉଠିଲେ ଓ ଓଡ଼ିଶାର ବ୍ରିଟିଶ ଶାସନ ସଂସ୍ଥାକୁ ଜାକି ଦେଲେ ।

ସମ୍ବଲପୁରର ଅପୁତ୍ରିକ ରାଜା ମହାରାଜା ସାଏଙ୍କ ମୃତ୍ୟୁ ହୁଏ ୧୮୨୭ ମସିହାରେ । ଓଡ଼ିଶାର କମ୍ପାନୀ ଶାସକଙ୍କୁ ଆଉ ଗୋଟାଏ ଚୌକା ପିଟିବାକୁ ସୁଯୋଗ ମିଳିଗଲା । ସମ୍ବଲପୁର ଅକ୍ତିଆର ଲାଗି ପ୍ଲାନ କରାଗଲା । ସମ୍ବଲପୁର ରାଜଗାଦି ସୁରେନ୍ଦ୍ରଙ୍କୁ ନଦେଇ ପ୍ରଥମେ ବିଧବା ରାଣୀ ମୋହନ କୁମାରୀ ତା ପରେ ବଣାଇଠାରେ ହଳଦୀ ବେପାର କରୁଥିବା ବୃଦ୍ଧ ନାରାୟଣ ସିଂହଙ୍କୁ ପ୍ରଦାନ କରାଗଲା । କିନ୍ତୁ ରାଜଗାଦିର ପ୍ରକୃତ ଉତ୍ତରାଧିକାରୀ ସୁରେନ୍ଦ୍ରଙ୍କୁ ଉପେକ୍ଷା କରାଗଲା ।

ରାଣୀ ମୋହନକୁମାରୀ ଓ ଜମିଦାର ନାରାୟଣ ସିଂହଙ୍କ ରାଜୁତି କାଳରେ ଅରାଜକତା ବ୍ୟାପିଲା । ଆଦିବାସୀ ଜନସାଧାରଣଙ୍କୁ ଉପେକ୍ଷା କରାଗଲା । କରଭାର ଆକାଶ ଛୁଇଁଲା । ଜନଅସନ୍ତୋଷ କୁହୁଳି ଉଠିଲା

ସ୍ୱରଖଣ୍ଡ ସ୍ୱରେ ସୁରେନ୍ଦ୍ର ସାଏ । ଭୂମିଷ୍ଠ ହୋଇଥିଲେ ଖିଣ୍ଡା ଗାଁରେ ବାପା ଧରମ୍ ସିଂହ ସାନ ଭାଇ ଉଦନ୍ତ, ଧ୍ରୁବ, ଉଜ୍ଜଳ, ଜାଜଲ, ଛବିଲ ଓ ମେଦିନୀ ସାଏ । ସମସ୍ତେ ପିଲାଦିନୁ ଶିଖିଥିଲେ ଖୁନ୍ କା ବଦଲେ ଖୁନ୍ । ରକ୍ତ ବଦଳରେ ରକ୍ତ । ଶିକ୍ଷା ଗୁରୁ ଥିଲେ ପିତୃବ୍ୟ ବଳରାମ ସିଂହ (ସାଏ) ।

ଖୋସାମତ୍ ନାହିଁ । ତୋଷାମତ୍ ମଧ୍ୟ ନାହିଁ । ଜବରଦସ୍ତ ବ୍ରିଟିଶ କେଶରୀର କେଶର ଦଳି ଦେବାକୁ ହେବ । ଦାଦାଗିରିକୁ ଚୁନି ଦେବାକୁ ପଡ଼ିବ । ଫିରିଙ୍ଗିର ଦାଦାଗିରି, ସମ୍ବଲପୁରରେ ଅସ୍ଥିରତା ଏବଂ ମାତୃଭୂମିର ଦୁରବସ୍ଥା ପରମ ମାତୃଭକ୍ତ ମାନଙ୍କୁ ସୁହାଇଲା ନାହିଁ । ଆରମ୍ଭ ହେଲା ମହାବୀର ସୁରେନ୍ଦ୍ର ସାଏଙ୍କ ରକ୍ତାକ୍ତ ଉଲଗୁଲାନ (ବିଦ୍ରୋହ) । ଖୋର୍ଦ୍ଧା, କୁଜଙ୍ଗ, ପାରଳା, ଘୁମୁସରର ରକ୍ତରଞ୍ଜିତ ଗଣବିଦ୍ରୋହ ପରେ ପରେ ପଶ୍ଚିମ ଓଡ଼ିଶାର ମହାବୀରଙ୍କ ଯୁଦ୍ଧଂ ଦେହି ହୁଙ୍କାର ସାରା ଭାରତକୁ ପ୍ରକମ୍ପିତ କରି ପକାଇଲା ।

ସୁରେନ୍ଦ୍ରଙ୍କୁ ସହାୟତା ଦେଲେ ସମସ୍ତ ଦାନବୀର, ପଶ୍ଚିମ ଓଡ଼ିଶାର ଜମିଦାର ଗଣ, ଆଦିବାସୀ ଗାଁ । ମୁଖିଆ (ଗୌନ୍ତିଆ) ସର୍ବୋପରି ମୁକ୍ତିକାମୀ

Digitized by srujanika@gmail.com

ପ୍ରତ୍ୟେକ ପଶ୍ଚିମ ଓଡ଼ିଶାବାସୀ । ଖଣଆର ଠାରୁ ବନ୍ଦ୍ରା । ନୂଆଗଡ଼ ଜୁନାଗଡ଼ ଠାରୁ ଜୟପୁର ମାଟିରେ ମହାବୀରଙ୍କର ବିଦ୍ରୋହ ନିଆଁ ଜଳି ଉଠିଲା ।

ଝାରଘାଟି, ବରପାଲି, ଡେବ୍ରିଗଡ଼, ମାଣିକ ଗୋଡାଠାରେ ବିଦ୍ରୋହୀ ଘାଟି ମୁଣ୍ଡ ଟେକିଲା । ଉକ୍ତସ୍ଥାର୍ଥ ଡେବ୍ରିଗଡ଼ । ବିଦ୍ରୋହୀ ମାନଙ୍କର ମୁଖ୍ୟ କାର୍ଯ୍ୟାଳୟ । ଅତର୍କିତ ଭାବେ ଡେବ୍ରିଗଡ଼ଠାରେ ଫୌଜ୍ ସୈନ୍ୟ ଦେଶଭକ୍ତ ବଳଭଦ୍ର ଦାଓଙ୍କୁ ହତ୍ୟାକଲେ । ବିଦ୍ରୋହୀ ବଳଭଦ୍ର ଦାଓଙ୍କ ମୃତ୍ୟୁ ପ୍ରତ୍ୟେକ ବିଦ୍ରୋହୀଙ୍କୁ ଅସହ୍ୟ ଦୁଃଖ ଦେଲା ।

ସେସବେଳ ଖୁବ୍ ଜୋରରେ ନାମ ଉଠିଥିଲା ରାମପୁରର ଦେଶଦ୍ରୋହୀ ଜମିଦାର ଦୁର୍ଜୟ ସିଂହ । ତାଙ୍କ ସହରେ ତାଳ ମିଶାଇ ହସିଉଠିଲା ସୁରେନ୍ଦ୍ରଙ୍କ ଅବଶିଷ୍ଟ କର୍ମବୃନ୍ଦ ଫେତୁ ଗଣ୍ଡ ଏ ଦୁହେଁ ଇଂରେଜମାନଙ୍କୁ ମାହାର ଦେଉଥିଲେ ।

କ୍ରାନ୍ତିକାରୀଙ୍କର ହିଟ୍ ଲିଷ୍ଟରେ ଦୁର୍ଜୟ ସିଂହ ନାଁ । ଚଟାପଟ୍ ରେକର୍ଡ-ଭୁକ୍ତ ହୋଇଗଲା । ଦେଶଦ୍ରୋହୀର ଫଇସଲା ଜରୁର୍ ଦରକାର ପଡ଼ିଲା । ଭଗବାନ ମଧ୍ୟ ସୁଯୋଗ ଦେଇଥିଲେ । ହଠାତ୍ ରାମପୁର ଜମିଦାରଙ୍କ ଘରେ ବିଦ୍ରୋହୀ ସୈନ୍ୟ ପଶିଗଲେ । ଜଙ୍ଗଲି ମାଡରେ ଦୁର୍ଜୟଙ୍କୁ ଖୁନ୍ କଲେ । ଖାଲି ଦୁର୍ଜୟ ନୁହେଁ ତାଙ୍କ ବାପା ମଧ୍ୟ ହଲାଲ୍ ହୋଇଗଲେ ବିଦ୍ରୋହୀଙ୍କ ଜଙ୍ଗଲି ମାଡରେ । ଦୁର୍ଜନ ଦୁର୍ଜୟର ଆକାଉଣ୍ଟ୍ କ୍ଲୋଜ ହୋଇଗଲା ।

ବଳଭଦ୍ର ଦାଓଙ୍କ ହତ୍ୟାର ବଦଲା ନିଆଗଲା । ରକ୍ତ ବଦଳରେ ରକ୍ତ ସ୍ଲୋଗାନ ସାର୍ଥକ ହେଲା । ଯେଉଁ ଦୁର୍ଜୟ ମୁଣ୍ଡରେ ଖାଲି ଦୁର୍ବୁଦ୍ଧି ଖୁନ୍ଦା ହୋଇଥିଲା ସେଇ ମୁଣ୍ଡଟା ଦୁଃଖ ଦାୟକ ଭାବେ ପିଣ୍ଡା ତଳେଥିବା ଦୁର୍ଗନ୍ଧ ନାଳ ଭିତରକୁ ଗଡ଼ି ପଡ଼ିଥିଲା ।

ଦୁର୍ଜୟ ସିଂହର ମର୍ଡର କମ୍ପାନି ସରକାରଙ୍କୁ ଆଉ ଗୋଟାଏ ସାଙ୍ଘାତିକ ଧକ୍କା ଦେଲା । ଶତ୍ରୁ ପକ୍ଷରୁ କର୍ଣ୍ଣେଲ ଓଟ୍ସଙ୍କ ଅଧୀନରେ ବିଦ୍ରୋହୀ ଘାଟି ଉପରେ ବାରମ୍ବାର ଚଢ଼ାଉ କରାଗଲା । ସୁରେନ୍ଦ୍ର, ଉଦନ୍ତ କାକା ବଳରାମ ସିଂହ ଧରାପଡ଼ିଲେ । ସମସ୍ତଙ୍କୁ ହଜାରିବାଗ୍ ଜେଲରେ ରଖାଗଲା ।

Digitized by srujanika@gmail.com

ନେହରୁଠାରେ ହିଁ ବଳରାମ ସାଏଙ୍କର ଦେହାନ୍ତ ହେଲା । ସାଏ ଭାଇ-ମାନଙ୍କର ଶିକ୍ଷାଗୁରୁ ବିଦାୟ ନେଲେ । ସମସ୍ତଙ୍କୁ ବାଧିଲା, ତଥାପି ଆଜାଦ୍ ହିନ୍ଦ୍‌ର ସ୍ୱପ୍ନ ସାକାର ଲାଗି ସମସ୍ତେ ପ୍ରତୀକ୍ଷା କରିଥିଲେ । ବର୍ଷେ ନୁହେଁ, ଦଶ ବର୍ଷ ନୁହେଁ । ପଞ୍ଚ ସତେଇଶି ବର୍ଷ । ୧୮୨୭ ଠାରୁ ୧୮୫୪ । ଏକ୍ରସ୍ୱାତ ସତେଇଶି ବର୍ଷ । ମହା ବିଦ୍ରୋହୀର ମହାବିଦ୍ରୋହ ପ୍ରଥମ ପର୍ଯ୍ୟାୟ ଏଠାରେ ହିଁ ଶେଷ ହେଲା ।

୧୮୫୭ ବେଳକୁ ଫିରିଙ୍ଗିମାନେ ଭାରତୀୟ ସିପାହୀଙ୍କୁ ଘୃଣା'ରେ କହୁଥିଲେ - ସୁଅରର ବା ମୂଷତ୍ର । ଇଷ୍ଟ ଇଣ୍ଡିଆ କମ୍ପାନୀ ଅଧୀନରେ ଯେଉଁମାନେ ସିପାହୀ ଚାକିରୀ କରୁଥିଲେ ସେମାନଙ୍କୁ ବସ୍ତୁତଃ ଦୁଇ ଭାଗରେ ବିଭକ୍ତ କରାଯାଇଥିଲା । ଦେଶୀ ସିପାହୀମାନେ ଥିଲେ ଗରିବ କିନ୍ତୁ ବିଦେଶୀ ସିପାହୀ ଥିଲେ ଧନୀ । ଚାକିରୀ ଏକା । ଦରମା ଅଲଗା । ଏଇ ବର୍ଣ୍ଣ ଭେଦ ନୀତି'ର ଯୋଗୁଁ ସୃଷ୍ଟି ହେଲା ୧୮୫୭ର ମହା ବିଦ୍ରୋହ । ଦେଶୀୟ ସିପାହୀମାନେ ଫିରିଙ୍ଗିର ଅରାଜକତା ଓ କୁଶାସନ ବିରୁଦ୍ଧରେ ସ୍ୱରୋତ୍ତୋଳନ କଲେ । ସାରା ଭାରତରେ ୧୮୫୭ର ସିପାହୀ ବିଦ୍ରୋହ ବେଶ୍ ପ୍ରଭାବ ପକାଇଲା । କମ୍ପାନୀ ହାତରୁ ଭାରତ ଶାସନ ଦାୟିତ୍ୱ କାଢ଼ିନେଇ ଖୋଦ୍ ବିଲାତ ସରକାରଙ୍କ ଅଧୀନରେ ରଖାଗଲା । ବାଃ ! କି ଚମତ୍କାର ? ଚୋରର ହାତରୁ ଶାସନ କାଢ଼ିନେଇ ଡାକୁ ହାତରେ ଦିଆଗଲା ।

୧୮୫୭ ଜୁଲାଇ ତିରିଶି । ହଜାରିବାଗ୍ ଜେଲକୁ ବିଦ୍ରୋହୀ ଦେଶୀୟ ସିପାହୀ ଭାଙ୍ଗି ଦେଲେ । ଓଡ଼ିଶାର ବତିଶି ଜଣ ବନ୍ଦୀ ଜେଲରୁ ଖସି ଆସିଲେ । ସେମାନଙ୍କ ଭିତରେ ଥିଲେ ମହାବୀର ସୁରେନ୍ଦ୍ର । ପୁଣିଥରେ ଝାଡ଼ଖଣ୍ଡରୁ ବିଦ୍ରୋହର ପଦଧ୍ୱନି ଶୁଣାଗଲା । ପିଲାଦିନୁ ଯିଏ ନିଆଁ ସଙ୍ଗେ ଖେଳିଥିଲା ବୟସ ବଢ଼ିବା ସହିତ ତାଙ୍କର ସେ ଖେଳ ବେଶ୍ ଜମି ଉଠିଲା ।

କ୍ୟାପଟେନ୍ ଲି' ଥିଲେ ସମ୍ବଲପୁରର ତତ୍କାଳୀନ ଆସିଷ୍ଟାଣ୍ଟ କମିଶନର । ସେ ମଧ୍ୟ ରାମଗଡ଼ ବାଟାଲିୟନର ସୁପ୍ରିମୋ ଥିଲେ । ହଜାରି-ବାଗ୍‌ରୁ ଖସି ଆସି ମହାବୀର ସୁରେନ୍ଦ୍ର ପ୍ରଥମେ ସାକ୍ଷାତ୍ କରିଥିଲେ ଏଇ ଲି' ସାହେବଙ୍କୁ ।

Digitized by srujanika@gmail.com

ଚହଲ ସାକ୍ଷାତରେ ହିଁ ସୁରେନ୍ଦ୍ର ଲି' ଙ୍କୁ ଚୋପା ବଦେଇ ଦେଲେ । ମମକ୍ ଦେଇ କହିଲେ - ସାହେବ୍ ଆମ ରାଜ୍ୟ ଛାଡ଼ି ଚାଲିଯାଅ ।

ଚମକି ପଡ଼ିଲେ ଲି' । ମୁଚ୍କୁରି ହସ ହସି କହିଲେ - ମି. ସୁରେନ୍ଦ୍ର ! ଆପଣ ସମ୍ବଲପୁରରେ ନଜରବନ୍ଦୀ ବା କଟକଠାରେ ରହିବେ । ଆମକୁ ଟିକେ ଶାନ୍ତିରେ ରହିବାକୁ ଦେବେ ବୋଲି ମୁଁ ଆଶା କରୁଛି ।

ମହାବୀର ସୁରେନ୍ଦ୍ରଙ୍କ ଆଖି ହଇଟାରୁ ସତେ ଅବା ରକ୍ତନିଆଁ ଗୁଡ଼ାଏ ଖସିପଡ଼ିଲା । ଗର୍ଜନ କରି କହିଲେ - ଲି' ସାହେବ ସାତ ସମୁଦ୍ର ସେପାରିରୁ ଆସି ତୁମେ ଆମକୁ ଶାସନ କରିବ ? ଅଥଚ ଆମେ ଆମ ଜନ୍ମ ଭୂମିରେ ରହିପାରିବୁ ନାହିଁ ବାଃ ଚମତ୍କାର । ଦେଖିବୁ ଏଇଲେ ଏକା ଝାସରେ ତୋ ବନ୍ତଣି ଦାନ୍ତ ଭାଙ୍ଗି ଦେବି ।

ସୁରେନ୍ଦ୍ରଙ୍କ ଜଳନ୍ତା ଆଖି ଗର୍ଜନ ତର୍ଜନ ଶୁଣି କ୍ୟାପଟେନ୍ ଲି' ଥରିଗଲେ । ଗୁଲବାଜ କରି ସୁରେନ୍ଦ୍ରଙ୍କ ନିଜ ଗାଁ ଖିଣ୍ଡାରେ ସୁରେନ୍ଦ୍ରଙ୍କୁ ନଜର ବନ୍ଦୀ କରିଦେଲେ । ସେଇ ନଜରବନ୍ଦୀ ଅବସ୍ଥାରୁ ହିଁ ଅକ୍ଟୋବର ଏକତିଶ ଦିନ ସୁରେନ୍ଦ୍ର ସାଏ ଚମ୍ପଟ୍ କଲେ । ପୁଣି ଥରେ ବିଦ୍ରୋହୀ ଘାଟି ଗୁଡ଼ିକ ସକ୍ରିୟ ହୋଇଉଠିଲା । ମାଟି ମାଆର ମେସିହା (ତ୍ରାଣକର୍ତ୍ତା)ଙ୍କୁ ସମର୍ଥନ ଦେଲେ ସମଗ୍ର ପଶ୍ଚିମ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାର ସହସ୍ରାଧିକ ମୁମୁକ୍ଷୁ ଜନସାଧାରଣ । କୁଜମାଟ୍ଠାରୁ ଜୟପୁର ସବୁଠାରେ ଭକ୍ତର ତେଜ ଉଠିଲା ।

ସମ୍ବଲପୁର ସହିତ ସମସ୍ତ ଯୋଗାଯୋଗ ସମ୍ପର୍କ ବିଚ୍ଛିନ୍ନ କରିଦିଆଗଲା । ଶତ୍ରୁ ସୈନ୍ୟ ବାହାରୁ ସାମରିକ ଓ ବେସାମରିକ ସାହାଯ୍ୟ ପାଇଲେ ନାହିଁ । ଖାଲି ଯୁଦ୍ଧ ଆଉ ଯୁଦ୍ଧ ।

୧୮୬୭ରୁ ୧୮୬୦ । ଇତି ମଧ୍ୟରେ ଡେଙ୍କିଗଡଠାରେ ବଳଭଦ୍ର ସିଂହ ଦାଓ ନିହତ ହୋଇସାରିଥିଲେ । ତାଙ୍କ ହତ୍ୟାର ପ୍ରତିଶୋଧ ସ୍ୱରୂପ ଦୁର୍ଜୟ ସିଂହ ମଧ୍ୟ ହଣା ହେଲେ । ରାମପୁରଗଡ ଯୁଦ୍ଧରେ ଜମିଦାର ନରହରି ଗଉତିଆଙ୍କ ସମେତ ତାଙ୍କ ଭାଇ ଓ ନାତି ଶହୀଦ୍ ହୋଇଗଲେ । ୧୮୪୦ରେ ଦେହେରିପାଲି ଯୁଦ୍ଧରେ ସୁରେନ୍ଦ୍ର ପରାଜିତ ତଥା ବନ୍ଦୀ ହେଲେ । ୧୮୫୭ ଝାରଘାଟି ଯୁଦ୍ଧରେ ଅନେକ ମାତୃଭକ୍ତ ପ୍ରାଣବଳୀ ଦେଲେ । ସମ୍ବଲପୁର ଖଣ୍ଡ

Digitized by srujanika@gmail.com

ଯୁଦ୍ଧରେ ଶୁଣିଜଣ ସାମ୍ରାଜ୍ୟବାଦ ପ୍ରାଣବଳୀ ଦେଲେ । ଗୁଡ଼ୋପାଲି ଗାଁ ଯୁଦ୍ଧରେ ମହାବୀର ଛବିଲସାଏଙ୍କ ସମେତ ତେତିଶ ଜଣ ଦେଶଭକ୍ତ ସହିଦ୍ ହେଲେ ।

୧୮୫୮ ଖ୍ରୀ ରଘାଟି ସଂଘର୍ଷରେ ବହୁ ବିପ୍ଳବୀ ପ୍ରାଣତ୍ୟାଗ କଲେ । ଘେସ୍ସ-ବର୍ଦ୍ଧ କୋଲାବିରା ଜମିଦାରଙ୍କ ସମେତ ତେରଜଣ ଦେଶଭକ୍ତ ଫାଶି ପାଇଲେ । ୧୮୫୮ର ଡେଗ୍ରିଗଡ଼ ଯୁଦ୍ଧରେ କ୍ୟାପଟେନ ଉଡ଼ ପରାସ୍ତ ହେଲେ । ପାହାଡ଼ ଶ୍ରୀଗିଡ଼ା ସଂଘର୍ଷରେ କ୍ୟାପଟେନ ଉଡ଼୍ବ୍ରିଜ୍ ନିହତ ହେଲେ । ୧୮୬୦ରେ ଦେଓରି ଖଣ୍ଡମୁଣ୍ଡାରେ ଦେଓରି ଜମିଦାର ମହାରାଜ ସାଏ ଶହୀଦ୍ ହେଲେ ।

ତଥାପି ମହାବୀର ସୁରେନ୍ଦ୍ର ସାଏ ଇଷ୍ଟ୍ ଇଣ୍ଡିଆ କମ୍ପାନୀର ଔଦ୍ଧତ୍ୟ ତଥା ସାମ୍ରାଜ୍ୟବାଦ ନୀତିକୁ ଚୂର୍ମାର କରିଦେଲେ । ଶତସହସ୍ର ମାତୃଭକ୍ତ ଶତ୍ରୁ ସୈନ୍ୟ ଆକ୍ରମଣରେ ପ୍ରାଣ ହରାଇଲେ । ବିଦ୍ରୋହୀ ଘାଟି ଗୁଡ଼ିକ ଶତ୍ରୁ ପକ୍ଷ କବ୍ଜାକୁ ଚାଲିଗଲା । ଝାରଖଣ୍ଡ ରକ୍ତଖଣ୍ଡରେ ପରିଣତ ହେଲା ।

ସୁରେନ୍ଦ୍ରଙ୍କ ମହାବିଦ୍ରୋହକୁ ବନ୍ଦ କରିଦେବା ଲାଗି କ୍ୟାପଟେନ ଉଡ଼ଙ୍କ ସ୍ଥାନରେ କର୍ଣ୍ଣେଲ ଫଷ୍ଟର୍ ଆସିଲେ । ପୋଡ଼ହାଟ ବିଦ୍ରୋହ ଦମନ କରି ଫଷ୍ଟର ସାହେବ ପୂର୍ବରୁ ରେକର୍ଡ କରିଥିଲା । ନିରୀହ ଜନସାଧାରଣଙ୍କୁ କୋର୍ଟ ମାର୍ଶାଲ ବଳରେ ସଙ୍ଗେ ସଙ୍ଗେ ବିଚାର କରାଯାଇ ନିର୍ମମଭାବେ ଫାଶି ଦିଆଗଲା । ତଥାପି ଝାରଖଣ୍ଡ ବିଦ୍ରୋହ ବନ୍ଦ ହେଲନାହିଁ ।

ବାସ୍ତବିକ ପରି ସୁରେନ୍ଦ୍ର ଥିଲେ ପ୍ରାଣପ୍ରିୟ ଦେଶପ୍ରେମୀ । ଅନେକ ଜାଗାରେ ମାଆ, ମାଉସୀମାନେ ତାଙ୍କ ସଂଗ୍ରାମବାହିନୀ ଦଳକୁ ସମୁହ ରନ୍ଧନ କରି ଖାଦ୍ୟ ଯୋଗାଉଥିଲେ । ସରକାରୀ ପକ୍ଷରୁ ଏସ. ଏନ୍. ଆର. ବ୍ରୁକି ରେଜିମେଣ୍ଟର ଅନେକ ସୈନ୍ୟ ମଧ୍ୟ ସୁରେନ୍ଦ୍ରଙ୍କୁ ଖୋଲା ଖୋଲି ସମର୍ଥନ ଦେଉଥିଲେ । ମେଜର ଇମ୍ପେ ଓ କ୍ୟାପଟେନ ଉଡ଼ ଭଳି ଇଂରେଜ ପ୍ରଶାସକ ମଧ୍ୟ ମହାବୀରଙ୍କୁ ଅତ୍ୟନ୍ତ ସ୍ନେହ ଓ ସମ୍ମାନ କରୁଥିଲେ ।

ବୟସାଧିକ, ଶାରୀରିକ ଦୁର୍ବଳତା, ପ୍ରତିକୂଳ ପରିବେଶ ବିଦ୍ରୋହୀ ଦୋସ୍ତଙ୍କର ଅପମୃତ୍ୟୁ ତଥା ଆତ୍ମସମର୍ପଣ ଇଂରେଜ ପକ୍ଷରେ ପ୍ରଭୂତ ସୈନ୍ୟ ସମାବେଶ, ଆମ ଭାଇମାନଙ୍କର ଉଗାର ପଣିଆ ଯୋଗୁଁ ମୁକୁଟ ବିହୀନ ସମ୍ରାଟ ସୁରେନ୍ଦ୍ର ସାଏ ଆତ୍ମ ସମର୍ପଣ ଲାଗି ଚିନ୍ତା କଲେ । ମହାବୀରଙ୍କ ମୁଣ୍ଡରେ

Digitized by srujanika@gmail.com

ପଣି ଦଶଟା ଉକାସ୍ତଙ୍କର ବୋଝ ଲଦିଦେଲେ ଓଡ଼ିଶାର ଇଂରେଜ ପ୍ରଶାସକ । ସବୁ ଦିଗରୁ ତାଙ୍କୁ ଚକ୍ଷାଘାତ କରିଦେବା ଲାଗି ହାତ ମିଳାଇଲେ । ଗଭର୍ଣ୍ଣ ଜେନେରାଲ କମର୍‌ଲେଜ୍, ଏସ୍. ପି ବେଣଲ୍ ଓ ଓଡ଼ିଶା ତଥା ମଧ୍ୟପ୍ରଦେଶର ଇଂରେଜ ପ୍ରଶାସକ । ତାଙ୍କୁ ଖୋରାକ୍ ଯୋଗାଉଥିଲେ ଆମରି ମାଟିର୍ କେତେ ପାଦଚଟା ଚାଟୁକାର ଯେଉଁମାନେ ମାଆକୁ ପରପାଖେ ବନ୍ଧା ରଖି ସୈତାନର ଭୂମି ହସିଥିଲେ ।

୧୮୬୩ ଜାନୁୟାରୀ ତେଇଶି । ପୌଷ ପୂର୍ଣ୍ଣିମା ରାତି । ସମ୍ବଲପୁରର ବିଶ୍ୱାସଘାତକ ବହେତା ଦୟାନିଧି ମେହେର ମାଆ ସମଲେଶ୍ୱରୀଙ୍କ ପ୍ରସାଦ କହି ସୁରେନ୍ଦ୍ରଙ୍କୁ ବିଷ ଖାଇବାକୁ ଦେଲେ । ଶାକ୍ତ ସୁରେନ୍ଦ୍ର ଦେବୀ ପ୍ରସାଦ ମନେ କରି ଉତ୍କଟ ବିଷ ପାନ କଲେ । ଅଚେତ ଅବସ୍ଥାରେ ପୋଲିସ ଏସ୍. ଆଇ. ମୋହନ ସିଂହ ସୁରେନ୍ଦ୍ରଙ୍କୁ ଗିରଫ କଲେ । ମହାନାୟକର ମହାର୍ଘ ଜୀବନରେ ପ୍ରଥମ ଓ ଶେଷ ପରାଜୟ ହେଲା । ଛତିଶଗଡ କମିଶନର ଲେଫଟନାଣ୍ଟ ଜେ. ଡାଲମେନଙ୍କ ଇଜଲାସରେ ଠିଆହେଲେ ବୀର ସୁରେନ୍ଦ୍ର ସାଏ । ସେଦିନ ଉଦ୍ଦାମ୍‌କେସରୀ ଭଳି ମହାବୀର ସୁରେନ୍ଦ୍ର ଗୋରା ଜଜ୍‌କୁ କହିଲେ - "ମୁଁ ଯାହା କରିଛି ମୋ ମାତୃଭୂମିର ଇଜ୍ଜତ୍ ରକ୍ଷା ଲାଗି କରିଛି ।"

ବିଚାର ଅଭିନୟର ସମ୍ପୂର୍ଣ୍ଣ ଅବସର ହେଲା । ଏଇ ଐତିହାସିକ ବିଚାରର ନମ୍ବର ଥିଲା - S.T - NO - 3 OF 1864.

ଜୋମ୍ସ ବିଗ୍ସପେଲ ତାଙ୍କ ରାୟ ଶୁଣାଇ କହିଲେ - ମହାରାଣୀଙ୍କ ଶାସନ ବିରୁଦ୍ଧରେ ବିଦ୍ରୋହ କରିଥିବା ହେତୁ ସୁରେନ୍ଦ୍ର ସାଏ ଭାରତୀୟ ପିନାଲ କୋର୍ଡର ୧୨୨ ଧାରା ଅନୁଯାୟୀ ଯାବଜ୍ଜୀବନ କାରାଦଣ୍ଡ ପାଇବେ । ତାଙ୍କ ସହିତ ତେରଜଣ ଦେଶଭକ୍ତ ମଧ୍ୟ ଯାବଜ୍ଜୀବନ ଜେଲ୍‌ରେ ରହିବେ ।

ଆସୀରଗଡ଼ ଦୁର୍ଗ ଭିତରେ ବନ୍ଦୀ ହେଲେ ମହାବୀର ସୁରେନ୍ଦ୍ର । ବର୍ଷେ ନୁହେଁ ଦୁଇ ବର୍ଷ ନୁହେଁ ପୂର୍ଣ୍ଣ କୋଡ଼ିଏ ବର୍ଷ । ସେଇ ଜେଲ ଭିତରେ ନିଜର ବହୁ ମୂଲ୍ୟବାନ ଆଖି ଦୁଇଟି ହରାଇ ସମ୍ପୂର୍ଣ୍ଣ ଅନ୍ଧ ହେଲେ ବୀର ସୁରେନ୍ଦ୍ର ସାଏ । ଚିର ଅନ୍ଧକାରକୁ ସାଥିକରି ମହା ବଳସ୍ୱାର ସେଦିନ ଆମକୁ ଆଲୋକର ରାସ୍ତା ଦେଖାଇଦେଲେ ।

Digitized by srujanika@gmail.com

ସୁରେନ୍ଦ୍ର ସାଏଙ୍କ କୋଠରୀ ପାଖକୁ ରହୁଥିଲେ ଏଗାର ଜଣ ଆରବୀୟ ଜଳଦସ୍ୟୁ । ପାରସ୍ୟ ଉପସାଗରରେ ଦସ୍ୟୁ ବୃତ୍ତି କରି ସେମାନେ ଜେଲ୍ ଯାଉଥିଲେ । ଜଳଦସ୍ୟୁମାନେ ପ୍ରତିଦିନ ନମାଜ କରୁଥିଲେ ମଧ୍ୟ ମହାବୀର ସୁରେନ୍ଦ୍ର ନିକଟବର୍ତ୍ତୀ ମନ୍ଦିରକୁ ଯିବାଲାଗି ଅନୁମତି ପାଇନଥିଲେ । ଅନ୍ଧୋରୀ ଏକ ଚୋଳିସ ଜଗୁଆଳ ମଧ୍ୟରେ ସ୍ୱାସ୍ଥ୍ୟଖଣ୍ଡର ସ୍ୱାସ୍ଥ୍ୟ କାଳ କାଟିଲେ ।

୧୮୮୪ ଫେବୃୟାରି ଅଠେଇଶି । ରକ୍ତ ଲୋହିତ ଅପରାହ୍ଣରେ ହିନ୍ଦୁସ୍ଥାନର ମହାନ୍ ସ୍ୱାଧୀନତା ସଂଗ୍ରାମୀ ସୁରେନ୍ଦ୍ର ସାଏ ଓରଫ୍ ସୁରେଣ୍ଡ୍ରର ନଟସାଏ ଆସିରଗଡ ଦୁର୍ଗରେ ଶେଷ ନିଶ୍ୱାସ ତ୍ୟାଗ କଲେ । ଡାକ୍ତରୀ ରିପୋର୍ଟରୁ ଜଣାପଡ଼ିଲା – ଅତ୍ୟଧିକ ଦୁର୍ବଳତା ହେତୁ ମହାନାୟକର ମହାପ୍ରୟାଣ ହେଲା । କିନ୍ତୁ ଆଶ୍ଚର୍ଯ୍ୟର କଥା ଆସିରଗଡ ଜେଲ୍ ରେକର୍ଡରେ ମହାବୀରଙ୍କର ନାମ ଜାରି ହୋଇନଥିଲା । ଫର୍ଜରି କରାଯାଇ ମହାବୀରଙ୍କୁ ଇଂରେଜ ଦଲାଲ୍ ନିଃଶେଷ କରିଦେଲା । ରକ୍ତରଞ୍ଜିତ ମହାନାଟକର ଶେଷ ଯବନିକା ନଇଁ ଆସିଲା । ବହୁ ପ୍ରସିଦ୍ଧ ସ୍ୱାଧୀନତାଙ୍କର ଦେହାବସାନ ହେଲା ।

ଯାହାପାଇଁ ସୁରେନ୍ଦ୍ର ଅର୍ଦ୍ଧ ଶତାବ୍ଦୀ ଶତ୍ରୁ ସାଙ୍ଗେ ଟକ୍କର୍ ଦେଇଥିଲେ ସେ ମାଟିରୁ ଜଣେ ହେଲେ ଭାଇ ତାଙ୍କ ମୃତ୍ୟୁ ଖବର ପାଇଲେ ନାହିଁ । ପୁଅ ବୋହୂ ପରିବାର ଲୋକେ ମୃତ୍ୟୁ ଶଯ୍ୟା ନିକଟରେ ପହଞ୍ଚି ପାରିଲେ ନାହିଁ । ଖବର କାଗଜରେ ବଡ ବଡ ଅକ୍ଷରରେ ମହାନାୟକର ମହାପ୍ରୟାଣ ଖବର ପ୍ରକାଶ ପାଇନଥିଲା । ମହାବୀରଙ୍କର ଶେଷ ଇଚ୍ଛା ଥିଲା ପିଲାଦିନର ସାଥି ମହାନଦୀ କୂଳରେ ପୋଡ଼ାହେବେ । କାରଣ ସେହି କୂଳ ପ୍ରତ୍ୟେକ ଓଡ଼ିଆ ଲାଗି ଶୁଦ୍ଧ, ସୁବର୍ଣ୍ଣ ଓ ପବିତ୍ର ।

ବୋଧହୁଏ ବୀର ସୁରେନ୍ଦ୍ରଙ୍କ ମଲା ଶବକୁ ମଧ୍ୟ ଓଡ଼ିଶାର ଫିରିଙ୍ଗି ପ୍ରଶାସକ ଭୟ କରିଥିଲେ ତେଣୁ ତାଙ୍କ ଅନ୍ତିମ ଅଭିଳାଷ ଅପୂରଣୀୟ ରହିଗଲା । ସୁଦୂର ଆସିର ଗଡ଼ ଜେଲ୍ ଭିତରେ ଅତି ଗୋପନୀୟ ଭାବେ ମହାବୀରଙ୍କର ଶବ ସତ୍କାର କରାଗଲା । ରକ୍ତସ୍ନାତ ଓଡ଼ିଶା ଇତିହାସରୁ ଗୋଟାଏ ରକ୍ତ ଝଳଝଳ ଇତିହାସ [illegible] । ତପ୍

SIKSHA SANDHAN
ACC No......................
BBSR
Digitized by srujanika@gmail.com

କମିଶନର୍ ଭାରତ ସରକାରକୁ ଚିଠି ଲେଖି ଜଣାଇଦେଲେ - ହିନ୍ଦୁସ୍ଥାନର ସମ୍ବଲପୁର ଜିଲ୍ଲା ହିଁ ଶେଷଜିଲ୍ଲା ଯେଉଁଠାରେ ୧୮୫୭ ବିଦ୍ରୋହର ନିଆଁକୁ ଆମେ ଲିଭାଇ ଦେଲୁ । ସେଦିନ ପ୍ରତ୍ୟେକ ଓଡ଼ିଆ ଆଖିରୁ ଅସରା ଲୁହ ଝରି ପଡ଼ିଲା । ସେଇ ଲୁହ ଥିଲା ସେଇ ଦେଶ ପ୍ରେମୀଙ୍କ ଲାଗି ସର୍ବଶ୍ରେଷ୍ଠ ସମ୍ମାନ ।

ଦେଶ ସ୍ୱାଧୀନ ହେଲା । ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ କଲେ । ରାଜକୋଷରୁ ପ୍ରଚୁର ଟଙ୍କା ଖର୍ଚ୍ଚ ହେଲା । କିନ୍ତୁ ଓଡ଼ିଆ ବୀର ସୁରେନ୍ଦ୍ର ସାଏଙ୍କୁ ଏଯାବତ୍ ଜାତୀୟ ସ୍ତରରେ ପ୍ରତିଷ୍ଠିତ କରଯାଇ ପାରିନାହିଁ । ନବେ ବର୍ଷର ସାଇତିଶ୍ ସ୍ଥାନ ଜୀବନ କାଳ ଭିତରେ ଇଂରେଜ ବିରୁଦ୍ଧରେ ନିରବଚ୍ଛିନ୍ନ ସଂଗ୍ରାମ କରି ସଂଗ୍ରାମୀ ସୁରେନ୍ଦ୍ର କ'ଣ ଭୁଲ କରିଥିଲେ ? ନିଜେ ଅନ୍ଧାରକୁ ସାଥି କରି ଆମକୁ ଆଲୋକ ରାସ୍ତା ଦେଖାଇ ସେ କ'ଣ ଅନ୍ୟାୟ କରିଥିଲେ ? ଆମ ମହାବୀରଙ୍କ ପ୍ରତି ଆମର କଣ କିଛି ନୈତିକ କର୍ତ୍ତବ୍ୟ ନାହିଁ ।

ଏହାର ଉତ୍ତର ଆମେ ଚଟାପଟ୍ ପାଇପିବା । ସୁରେନ୍ଦ୍ର ସାଏଙ୍କ ଦାୟାଦ ଭାବେ ଆମେ ତାଙ୍କ ଜଣକୁ ନେଇ ରାଜନୀତି ଆରମ୍ଭ କରିଦେଲୁ । ତାଙ୍କ ମନ ଛୋଟ ଥିଲାକି ବଡ଼ଥିଲା କମ୍ବା ଆଦୌ ନଥିଲା ଏଇ ନିରର୍ଥକ କଥା ଉପରେ ବାଦ ବିବାଦ କରି ନିଜେ ନିଜକୁ ବିଶ୍ୱ ଦରବାରରେ ଅପମାନିତ କରାଇଲୁ ।

✱ ଶହୀଦ୍ ଛବିଲ୍ ସାଏ :—

ଊଲି ଜଲି ଜଲି
  କୁଡୋପାଲିର ମାଟି ଖାଲି
    ଛବିଲ ସାଏକୋ ବାକିଲା ଗୁଲି ।

୧୮୫୭ ଡ଼ିସେମ୍ବର ୩୧ଶ । ପଦ୍ମପୁର ପାପଙ୍ଗା ପାହାଡ଼ । ବିଦ୍ରୋହୀଙ୍କ ଆଖଡ଼ାଶାଳ । ପାଦଦେଶରେ କୁଡୋପାଲି ଗାଁ । ସେଇ ଗାଁ ମଝିରେ ହିଁ ସେଦିନ ରକ୍ତର ବନ୍ୟା ଛୁଟିଲା । କ୍ୟାପ୍ଟେନ ଉଡ୍ ଦଳବଳ ଧରି ଛବିଲ୍ଙ୍କ ଘାଟି ଉପରେ ଅତର୍କିତ ଆକ୍ରମଣ କଲା କୁଡୋପାଲି ଗାଁ ଭିତରେ ଗୋଟିଏ ଦଳ ସୈନ୍ୟ ରଖି ଆଉ ଗୋଟିଏ ଦଳ ନେଇ ପାହାଡ଼କୁ ଉଠିଗଲା ।

Digitized by srujanika@gmail.com

ଏ କଥା ଛବଳକୁ ମାଲୁମ୍ ନଥିଲା । ବିଦ୍ରୋହୀ ସର୍ଦ୍ଦାର ଛବିଲ୍ ସାଏ ଶତ୍ରୁ ଆସୁଥିବା ଶୁଣି ଦଳବଳ ନେଇ ପାହାଡ଼ ଉପରୁ ତଳକୁ ଚାଲି ଆସିଲେ । ଠିକ୍ ଗାଁ ମଝିରେ ଲଢ଼ିଗଲେ ଛବିଲଙ୍କ ବିପ୍ଳବୀ ଦଳ । ଗାଁର ଗୃହପଟ୍ଟ ଘର୍ ସୈନ୍ୟ ଘେରି ଗଲେ । ପାହାଡ଼ ଉପରୁ ଫିରିଙ୍ଗି ସୈନ୍ୟ ଫାୟାରିଂ କଲେ । ସେଦିନ ଛଅବୀସ ଜଣ ଓଡ଼ିଆ ଯୁବକ ଫିରିଙ୍ଗି ଗୁଳିରେ ଆଖି ବୁଜିଲେ । ମାଆ ମାଟିକୁ ପ୍ରଣାମ କଲେ । ଅଦ୍ୱିତୀୟ ଦେଶଭକ୍ତ ଛବିଲ ସାଏ । ମହାବୀର ସୁରେନ୍ଦ୍ରଙ୍କ ମାନସିକ । ପାପଙ୍ଗା ପାହାଡ଼ ଉପରେ ବିଦ୍ରୋହୀମାନଙ୍କର ଆଡ୍ଡା ପଡ଼ିଥିଲା । ସେଠାରେ ଛବିଲ ସମସ୍ତଙ୍କୁ ଶିକ୍ଷାଦେଉଥିଲେ । ଅବ୍ୟବହିତ କୁଦୋପାଲି ଗାଁ ମଝିରେ ସମସ୍ତେ ସହିଦ୍ ହୋଇଗଲେ ।

କୁଦୋପାଲି ସଂଘର୍ଷ ପରେ କ୍ୟାପଟେନ ଉଡ୍‌ର ଭୟ ଖୁବ୍ ବଢ଼ିଗଲା । ଉଡ୍‌ବ୍ରିଜ୍‌କୁ ବନ ମାର୍ଗରେ ନେଇ ପାହାଡ଼ ଶିଖିରା ଉପରେ ଆକ୍ରମଣ କରିବ ବୋଲି ମନସ୍ଥ କରିଥିଲା । କିନ୍ତୁ ମହାବୀର ସୁରେନ୍ଦ୍ରଙ୍କ ସନ୍ନାସବାଦୀ ଦଳ କ୍ୟାପଟେନ୍ ଉଡ୍‌ବ୍ରିଜର ମୁଣ୍ଡ ହାଣିଦେଇ ଫେରାର ହୋଇଗଲେ । ଏ ଖବର ଶୁଣି କ୍ୟାପଟେନ୍ ଉଡ୍‌ର ହୃତ୍‌କମ୍ପନ ହେଲା । ଜୀବନ ବିକଳରେ ଲୁଚି ଲୁଚି ଫେରାର୍ ହୋଇଗଲା । ସହୀଦ୍ ଛବିଲ ସାଏଙ୍କ ମୃତ୍ୟୁର ଜବାବ୍ ଦିଆଗଲା । ଚିଫ୍ କମିଶନର ଜ. ଏଫ୍ କବର୍ଣ୍ଣର ରକ୍ତଚାପ ମଧ୍ୟ ବଢ଼ିଗଲା ।

ଉଡ୍‌ବ୍ରିଜ ମର୍ଡରର ଦୁଇଦିନ ପରେ ଏନ୍‌ସିନ୍ ଓ୍ୱାଲେର୍ ମର୍ଡର ସ୍ଥାନ ଦେଖିବା ଲାଗି ଆସିଲେ । ଉଡବ୍ରିଜଙ୍କ କବନ୍ଧ ଶରୀରଟା ଅତି ଦୟନୀୟ ଭାବେ ମାଟି ଉପରେ ଗଡ଼ୁଥିଲା । ମୁଣ୍ଡଟା ଗାଏବ ହୋଇଯାଇଥିଲା । ମାଛି ଗୁଡ଼ାକ ଭଣ ଭଣ ହେଉଥିଲେ । ଓ୍ୱାଲେର୍ ମନେ ମନେ ଭାବିଲ୍ - ଆମେ ଯେଉଁମାନଙ୍କୁ ପୋକମାଛି ପରି ଶାସନ କରୁଛୁ ସେମାନଙ୍କ ହାତରେ ପୋକମାଛି ହୋଇ ମରିବୁ ନାହିଁ ତ କିଏ ମରିବ ?

❋ ବିପ୍ଳବୀ ଉମରାହ ସାହୁ :—

ବୀରବର ସୁରେନ୍ଦ୍ରଙ୍କ ଡାହାଣ ହାତ ଥିଲେ ବନ୍ଧୁ । ନୂଆଗଡ଼ ରାଜା ଉମରାହ ସାହୁ । ଖୋଲ୍‌ଖୋଲା ଇଂରେଜଙ୍କୁ ବୈର - ତାଙ୍କୁ କହିବା ତାଙ୍କର ଝୁଙ୍କ । ଯେତେବଡ଼ ହାକିମ ହେଲେ ମଧ୍ୟ ବେପରବାୟ ଭାବେ ମୁହେଁ ମୁହେଁ

Digitized by srujanika@gmail.com

ଜବାବ୍ ଦେଉଥିଲେ ବସ୍ତୁତଃ ଉମରାବ ସ୍ୱାଧୀନ । ଏଥିପାଇଁ ଗୋରା କର୍ମଚାରୀ ତାଙ୍କ ଉପରେ କିଛି କହୁନଥିଲେ । ମନେମନେ ଉମରାଵଙ୍କୁ ସମ୍ଭ୍ରମ କରୁଥିଲେ । ମହାବୀର ସୁରେନ୍ଦ୍ର ଏହା ସୁଯୋଗ ନେଇ ଉମରାବଙ୍କ ରାଜ୍ୟରେ ଆତ୍ମଗୋପନ କଲେ । ସୁରେନ୍ଦ୍ର ମଧ୍ୟ ଖୋଲାଖୋଲି ଭାବରେ ଉମରାବ ଓ ତାଙ୍କ ସନ୍ନ୍ୟାସବାହିନୀ ଦଳକୁ ହାତଖୋଲ ସାହାଯ୍ୟ ଦେଲେ ।

ଯାହା ଶାସନ କାଳରେ ବାଘ ଛେଳି ଏକା ଘାଟରେ ପାଣି ପିଉଥିଲେ ବସ୍ତୁତଃ ଉମରାବଙ୍କ ଚଳଚଳନ କଥାବାର୍ତ୍ତା ବ୍ରିଟିଶର୍ଙ୍କୁ ସୁହାଇଲାନାହିଁ । ସରକାର ପକ୍ଷରୁ ତାଙ୍କୁ ବାରମ୍ବାର ତାଗିଦ୍ କରାଗଲା । କିନ୍ତୁ ସେପରି ଭବ ସ୍ୱଭାବ ଉମରାବ ସେସବୁ ତାଗିଦ୍ ଏଡେଇଗଲେ ।

ସୁରେନ୍ଦ୍ରଙ୍କୁ ନିଜ ରାଜ୍ୟରୁ ବହିଷ୍କାର କରିବା ଲାଗି ସରକାରୀ ଦପ୍ତରରୁ ଉମରାବଙ୍କୁ ବାରମ୍ବାର ହୁକୁମ ମିଳୁଥିଲେ ମଧ୍ୟ ଉମରାବ କହିଲେ ପାରିବ-ନାହିଁ । ମୁଁ ମହାବୀରଙ୍କୁ ମୋ ରାଜ୍ୟରେ ରଖିଛୁ ଓ ରଖିବ ? କିଏ ମୋର କଣ କରିବ ଦେଖିବା ।

ଫଷ୍ଟର ସାହେବ ଭଳି କଡ଼ା ମିଜାଜୀ ଲୋକର ଭଳି ଭଳିକା କଡ଼ା ନିର୍ଦ୍ଦେଶଙ୍କୁ ମଧ୍ୟ ଉମାରାବ ହସରେ ହସରେ ଉଡ଼ାଇ ଦେଲେ । ବ୍ରିଟିଶ ପକ୍ଷର ଦୁର୍ଦ୍ଦାନ୍ତ ଦଲାଲ୍ଙ୍କୁ ମଧ୍ୟ ଉମରାଵ ନାକୁକ ମାଡ଼ ଚଢ଼ାଇଲେ । ସରକାରୀ ପକ୍ଷରେ ରାଗ ବଢିଲା ।

ଉମରାବଙ୍କୁ ରାଜଗାଦିରୁ ହଟାଇବା କିମ୍ବା କଠିନ ଦଣ୍ଡଦେବା ଲାଗି ସମ୍ବଲପୁରର ଇଂରେଜ ପ୍ରଶାସକ ବାରମ୍ବାର ଉପରକୁ ସୁପାରିଶ କରିଥିଲେ ମଧ୍ୟ କିଛି ଫଳ ଦେଲାନାହିଁ । ବଡ଼ ଦେବତାଙ୍କୁ ଘଣ୍ଟି ବାନ୍ଧିବା ଲାଗି ଓଡ଼ଗାର ସବୁ ଧନାମୂଷା ଉପୁକିଲେ । ଅବଶ୍ୟ ଏକଥା ସତ୍ୟ ମହା ବଳୁବରରେ ମିଶି-ଥିବାରୁ ତାଙ୍କୁ ସାମାନ୍ୟ କିଛି ଅର୍ଥଦଣ୍ଡ ଦେବାକୁ ହେଉଥିଲା । କିନ୍ତୁ ସୁରେନ୍ଦ୍ରଙ୍କୁ ସାହାଯ୍ୟ ନଦେବା ଲାଗି ବ୍ରିଟିଶ ଭାରତରୁ ଚିଠି ଜାରି ହେଲେ ମଧ୍ୟ ତାଙ୍କୁ ବାରଣ କରିପାରି ନାହିଁ ।

Digitized by srujanika@gmail.com

* ଶହୀଦ୍ ଲୋକନାଥ ଗଡତିଆ :

ସୁରେନ୍ଦ୍ର ସାଏଙ୍କ ରଚିତ ମହାନାଟକର ଅନ୍ୟତମ ସାଇଡ୍ ହିରୋ ଥିଲେ ରାମପୁର ଜମିଦାର୍ ଲୋକନାଥ ଗଡତିଆ । ବାଲ୍‌ମେନଙ୍କ କୋର୍ଟରେ ଦଣ୍ଡିତ ହୋଇ ଆସିରଗଡ଼ ଦୁର୍ଗରେ ରହିଲେ । ଜେଲ କର୍ମଚାରୀ ତାଙ୍କ ଦେହରେ ତତଲା ଲୁହା ଛଡ଼ରେ ଚେଙ୍କ ଦେଲେ । ଅସହ୍ୟ ଯନ୍ତ୍ରଣାରେ ଚିତ୍କାର କଲେ ବପୁଡ଼ା ଲୋକନାଥ । ତଥାପି ଶତ୍ରୁ ପାଖେ ନତ ସ୍ୱୀକାର କଲେ ନାହିଁ । ବିଦ୍ରୋହରେ ମିଶିଥିବା ହେତୁ ଉଦ୍ଧର ଜମିଦାରୀ ହରାଇଲେ । ତଥାପି ତିଳେମାତ୍ର ଦୁଃଖ ନଥିଲା । କାରଣ ମାତୃମୁକ୍ତି ଯଜ୍ଞରେ ସବୁକିଛି ଆହୂତି ଦେଇଦେବା ଦରକାର ।

୧୮୭୯ ସେପ୍ଟେମ୍ବର ଉଣେଇଶି । ଆସିରଗଡ଼ ଦୁର୍ଗରେ ଶହୀଦ୍ ହେଲେ ଲୋକନାଥ ଗଡ଼ତିଆ । ମଲାବେଳେ ତାଙ୍କ ହାତ ମୁଠାରେ ରହିଥିଲା ସମ୍ବଲପୁରର ମୁଠାଏ ମାଟି । ଜନ୍ମଭୂମିର ମାଟି । ସ୍ୱର୍ଗଠାରୁ ବଡ ।

ଜନ ଅସନ୍ତୋଷ ଭୟରେ ଓଡ଼ିଶାର ଗୋରା ଶାସକ ତାଙ୍କ ମୃତ୍ୟୁ ସମ୍ବାଦ ଖବର ଦୁଇମାସ ଚାପି ଦେଲେ । ଦୁଇମାସ ପରେ ଡେପୁଟି କମିଶନର ଦ୍ୱାରା ତାଙ୍କ ପୁଅକୁ ମୃତ୍ୟୁ ଖବର ଦେଇଥିଲେ । ସାବାସ୍ ବୀରପୁଙ୍ଗବ ! ତୁମକୁ କୋଟିଏ ପ୍ରଣାମ ।

* ଶହୀଦ୍ ମଧୁ ଗୌନ୍ତିଆ :

ବଡପାଟି ଘାଟିର ରକ୍ଷକ କୁଜୁମାର ଗାଁର ଗୋଟିଏ ସୁନ୍ଦର ମଧୁର ନାମ – ମଧୁ ଗୌନ୍ତିଆ ।

୧୮୫୭ ନଭେମ୍ବର ଷୋଳ ତାରିଖ । ଇଷ୍ଟଇଣ୍ଡିଆ କମ୍ପାନୀର ଅନେକ ସୈନ୍ୟ ସମ୍ବଲପୁର ଠାରେ ଅସୁସ୍ଥ ହେଲେ । ଅସୁସ୍ଥ ସୈନ୍ୟଙ୍କୁ ସୁସ୍ଥ କରିବା-ଲାଗି ଗଞ୍ଜାମ ଠାରୁ ଦୁଇଜଣ ଡ଼ାକ୍ତର ଧାଇଁ ଆସିଲେ । ସେମାନେ ଥିଲେ ଡାକ୍ତର ମୁର୍ ଓ ଡାକ୍ତର ହାନସନ୍ । ସାଙ୍ଗରେ ଥିଲା କିଛି ଡ଼ାକ୍ତରୀ ଔଷଧ ଓ ନିଜର ଆସବାବ ପତ୍ର ।

ରାମପୁରଠାରେ ଡାକ୍ତରଦୁହେଁ ପହଞ୍ଚିବା ମାତ୍ରକେ ପଛପଟୁ ଶୁଭିଲା ବିକଟ ଚିତ୍କାର – ହେ ଡୋ··· ··· ···ମାରେ··· ··· ··· ତମକ ପଡ଼ିଲେ

Digitized by srujanika@gmail.com

ଡାକ୍ତରଙ୍କୁ ମାରିଦେବାକୁ । ପଛକୁ ଗୃଷ୍ଟିବା ଆଗରୁ କାହାର ଧାରୁଆ ଫାର୍ଶା ଗ୍ରେଟରେ ଡାକ୍ତର ମୁର୍‌ଙ୍କ ମୁଣ୍ଡ ଗଣ୍ଡି ଅଲଗା ଅଲଗା ହୋଇଗଲା । ଡାକ୍ତର ହାମ୍‌ସନ୍ ଜୀବନ ବଳକରେ ଖସି ପଳାଇଲା । ଅବଶ୍ୟ ମାନବିକତା ଦୃଷ୍ଟିରୁ ଶତ୍ରୁମାନଙ୍କୁ ହତ୍ୟା କରିବା ଅନ୍ୟାୟ । କିନ୍ତୁ ଫିର୍ଙ୍ଗିମାନଙ୍କର ଶୋଷଣ କଷଣ ବିରୁଦ୍ଧରେ ଫିରିଙ୍ଗି ସରକାରକୁ ଏହା ଥିଲା ଓଡ଼ିଶାବାସୀଙ୍କ ସାମାନ୍ୟତମ ପ୍ରୀତି ଉପହାର । ହିକନ୍‌ସ, ଓ୍ୱିଲକିନସନ ଓ କର୍ଣ୍ଣେଲ ଫଷ୍ଟର ହୀରାଖଣ୍ଡଙ୍କୁ ଯେପରି ଲକ୍ଷ୍ୟରେ କରିଥିଲେ ତାର ଉପଯୁକ୍ତ ପ୍ରତିଶୋଧ ଥିଲା - ଡାକ୍ତର ମୁର୍‌ର ହତ୍ୟା ହତ୍ୟାକାରୀ ଥିଲେ ମଧୁ ଗୈାନ୍ତିଆ ।

ସୁରେନ୍ଦ୍ରଙ୍କ ଡାହାଣ ହାତ ମଧୁ ଗୈାନ୍ତିଆ । ବିପ୍ଳବୀ ବାହିନୀର ଛାଣୁଆ ବିପ୍ଳବୀ ମଧୁ ଗୈାନ୍ତିଆ । ତାଙ୍କୁ ଧରିବା ଲାଗିକି ମାମା ପକ୍ଷରୁ ପ୍ରଚୁର ଇନାମ୍ ଘୋଷିତ ହେଲା । ଉପଦ୍ରୁତ ସମ୍ବଲପୁରରୁ ଖୋଦ୍ କମିଶନର୍‌ଙ୍କ ଅଧିନରେ ରଖାଗଲା । ଚନ୍ଦ୍ରଗୁଳିଆ ଦଳକୁ ହାତ କରାଗଲା ।

ଥରେ କ୍ୟାପ୍‌ଟେନ ଲି' ଫୁଟାଣି ଦେଖାଇ ତିରିଶ ଜଣ ସୈନ୍ୟ ଧରି ଜୁଜୁମାର ଗାଁ ଭିତରେ ପଶିଲା ବିପ୍ଳବୀ ମଧୁ ଗୈାନ୍ତିଆଙ୍କୁ ଆରେଷ୍ଟ କରିବ । କିନ୍ତୁ ମଧୁଙ୍କୁ ଆରେଷ୍ଟ କରିବା ପୂର୍ବରୁ ବାଇଶଜଣ ଗୋରା ସୈନ୍ୟ ବିଦ୍ରୋହୀଙ୍କ ହାତରେ ହଣାଖାଇଲେ । ପଶ୍ଚିମାଞ୍ଚଳ କମ୍ପାନୀ ଶାସନ ଏକରକମ ଭୁଷୁଡ଼ି ପଡ଼ିଲା । ପରବର୍ତ୍ତୀ କାଳରେ ଦେଶଦ୍ରୋହୀଙ୍କ ସହାୟତାରେ ମଧୁ ଗୈାନ୍ତିଆଙ୍କୁ ଧରାଯାଇ ଫାଶି ଦିଆଗଲା ।

ଫାଶି ମଞ୍ଚରେ ଠିଆ ହୋଇ ବିପ୍ଳବୀ ମଧୁ କହିଲେ - ମୋ ଭାରତ ମହାନ୍ - ମୋ ଭାରତ ମହାନ୍ ।

** ଶହୀଦ୍ କରୁଣାକର ଗଡତିଆ :

ଇଂରେଜ ପ୍ରତି ଯାହାର ସାମାନ୍ୟତମ କରୁଣା ନ'ଥିଲେ ସେପରି ଜଣେ ବିପ୍ଳବୀ ଥିଲେ କରୁଣାକର ଗଡତିଆ, କୋଲାବିରାର ବିଦ୍ରୋହୀ ଜମିଦାର । ଝଁରଘାଟିର ରକ୍ଷକ ସୁରେନ୍ଦ୍ରଙ୍କ ବାହିନୀର ସଫଳ ଛାନ୍ତ୍ରନାୟକ ।

୧୮୫୭ ନଭେମ୍ବର ସାତ । କ୍ୟାପଟେନ ଜେ. ବି. ନକର କୋଲାବିରା ଆକ୍ରମଣ କଲେ । କିନ୍ତୁ ବିଦ୍ରୋହୀ ଜମିଦାରଙ୍କ ପତ୍ତା ମିଳି ନ'ଥିଲା । ଘରଖଣ୍ଡିକ

Digitized by srujanika@gmail.com

ମାଦ୍ରାଜ ଇନ୍‌ଫାଣ୍ଟ୍ରି ସାହାଯ୍ୟରେ ନିର୍ମୂଳୀଭୂତ କରିଦିଆଗଲା । ତଥାପି କରୁଣାକର ବିଚଳିତ ହେଲେନାହିଁ ।

୧୮୫୮ରେ ପୁଣିଥରେ ମେଜର ବେଟସ୍ ଫରେଷ୍ଟ ସୈନ୍ୟବାହିନୀ ଆଣି କୋଲାବିରା ଜଙ୍ଗଲ ଘେରିଲା । ସମୁଦାୟ ଗାଁ ପୋଡିଗଲା, ଭସ୍ମସ୍ତୂପ ହେଲା । କରୁଣାକର ପୋଲିସ୍ ଦ୍ୱାରା ଧରାପଡ଼ିଲେ ଓ ଫୌଜି ଅଦାଲତରେ ବିଚାର ହେଲା । ବିଚାରରେ ଜେଲଦଣ୍ଡ ମିଳିଲା । ଜେଲରୁ ମୁକ୍ତି ପାଇଲେ ।

୧୮୭୭ ମସିହାରେ ଝାଡ଼ଖଣ୍ଡ ବିଦ୍ରୋହର ସମସ୍ତ ବିଦ୍ରୋହୀଙ୍କୁ ସର୍ବକ୍ଷମା ପ୍ରଦାନ କରାଯିବାର ଘୋଷଣା କରାଗଲା । ବିଦ୍ରୋହୀ କରୁଣାକର ନିଜର ଛତିଶି ଜଣ ବିଦ୍ରୋହୀ ସାଥୀଙ୍କ ସହିତ ଆତ୍ମସମର୍ପଣ କଲେ । ସେମାନଙ୍କ ଭିତରେ ଥିଲେ ନିଜ ଭାଇ ଖଗେନାୟକ ଓ ପୁତୁରା କହ୍ନାଇ ନାୟକ । ସମସ୍ତେ ସୁରେନ୍ଦ୍ର ସାଏଙ୍କ ମହାସଂଗ୍ରାମକୁ ଅନେକ ସାହାଯ୍ୟ କରିଥିଲେ ।

ବିଦ୍ରୋହୀ ମାନଙ୍କୁ ସର୍ବକ୍ଷମା ଦେବାର ଓ୍ୱାରେଣ୍ଟି ମିଳିଥିଲେ ମଧ୍ୟ ଅମାନୁଷିକ ଭାବେ ସେମାନଙ୍କୁ ଫାଶି ଦିଆଗଲା । ଫାଶି ମଞ୍ଚରେ ଠିଆହେଲେ କରୁଣାକର । ଗର୍ଜନ କରି କହିଲେ - ଆକାଶରେ ସୂର୍ଯ୍ୟ, ଚନ୍ଦ୍ର ଯେବେ ସତ ହୋଇଥିବ ତେବେ ମୋ ଦେଶ ଦିନେନା ଦିନେ ନିଶ୍ଚୟ ସ୍ୱାଧୀନ ହେବ ।

✱ ଶହୀଦ୍ ବଳଭଦ୍ର ସିଂ ଦାଓ :

ଲଖନପୁରରେ ଗଣ୍ଡ ଜମିଦାର ବଳଭଦ୍ର ସିଂ ଦାଓ ଥିଲେ ଆମ ମୁକ୍ତି ସଂଗ୍ରାମର ଅନ୍ୟତମ ମହାନ୍ ଯୋଦ୍ଧା । ସୁରେନ୍ଦ୍ର ସାଏଙ୍କ କ୍ରାନ୍ତିବାହିନୀର କ୍ରାନ୍ତିକାରୀ । ମହାବୀରଙ୍କର ମୁଖ୍ୟ ପୃଷ୍ଠପୋଷକ ତଥା ଉତ୍ସାହ ଦାତା ।

୧୮୫୭ ଖରାଦିନ । ମହାବୀର ସୁରେନ୍ଦ୍ର ଓ ବଳଭଦ୍ର ସିଂ ଦାଓ ବାର-ପାହାଡର ଡେବ୍ରିଗଡ ଦୁର୍ଗରେ ବିଶ୍ରାମ ନେଉଥିଲେ । ଅଚାନକ ସମ୍ବଲପୁରର ଜମିଦାର ଦେଶଦ୍ରୋହୀ ହରିଆର ସିଂହ (ଦୁର୍ଜୟ ସିଂହ)ଙ୍କ ସୈନ୍ୟ ଡେବ୍ରିଗଡ ଘାଟିରେ ପଶି ନିର୍ମମ ଭାବେ ବଳଭଦ୍ର ଦାଓଙ୍କୁ ହତ୍ୟାକରିଥିଲେ । ଗୁରୁତର ଭାବେ ଆହାତ ହେଲେ ମହାବୀର ସୁରେନ୍ଦ୍ର ସାଏ । ସୌଭାଗ୍ୟ ବଶତଃ ସେଠାରୁ ଖସି ଚାଲିଗଲେ ।

Digitized by srujanika@gmail.com

ଏହି ଅମାନୁଷିକ ହତ୍ୟାକାଣ୍ଡରେ ସମସ୍ତ ବିଦ୍ରୋହୀ ବିଚଳିତ ହୋଇ-ପଡ଼ିଥିଲେ । ଦେଶଦ୍ରୋହୀ ଦୁର୍ଜୟ ସିଂହର ଫଏସଲ ତାଡ଼ାତାଡ଼ି ଦରକାର ପଡ଼ିଥିଲା । ସୁରେନ୍ଦ୍ରଙ୍କ ବିଦ୍ରୋହୀ ସୈନ୍ୟ ମେପୁରର ଅଭିଶସ୍ତ ଜମିଦାର ଦୁର୍ଜୟ ସିଂହଙ୍କ ଘରେ ପଶିଗଲେ । ଧାରୁଆ ଫାର୍ଶା ଚୋଟରେ ଦୁର୍ଜୟଙ୍କର ଦୁର୍ଯୋଗ ଘଟିଲା । ଶୋଚନୀୟ ଭାବେ ଦୁର୍ବୃତ୍ତି ଯୁକ୍ତ ମୁଣ୍ଡଟା ଦୁର୍ଗଦ୍ୱାର ଭିତରକୁ ଗଡ଼ି ପଡ଼ିଥିଲା ।

* ଶହୀଦ୍ ଖଗେଶ୍ୱର ସିଂହ ଦାଓ :—

ଲଖନପୁରର ବିଦ୍ରୋହୀ ଜମିଦାର ବଳଭଦ୍ର ସିଂ ଦାଓଙ୍କ ବଡ଼ପୁଅ ଥିଲେ ବିଦ୍ରୋହୀ ଖଗେଶ୍ୱର । ଜମିଦାର ବଂଶରେ ସମ୍ଭୂତ । ମୁହେଁ ମୁହେଁ ଜବାବ୍ ଦେବା ଲୋକ । ପୃଥିବୀରେ କାହାକୁ ଡରୁନଥିଲେ । ଶତ୍ରୁକୁ ଦେଖାଡ଼ିର କରିବା ଥିଲା ଜନ୍ମଗତ ଅଭ୍ୟାସ । ବାପ ପୁଅ ମହାବୀର ସୁରେନ୍ଦ୍ରଙ୍କ ପ୍ରଚଣ୍ଡ ସମର୍ଥକ ଥିଲେ । ଯୁଦ୍ଧ ସମର ବିଶାରଦ ଥିଲେ ପିତା-ପୁତ୍ର । ଅନ୍ୟାୟ ଅନୀତି ହୁକାପିଟା ଇଂରେଜ ଶାସନକୁ ଘୋର ବିରୋଧ ଥିଲେ ଦାଓ ପରିବାର ଲୋକମାନେ ।

୧୮୬୨ । ସୁରେନ୍ଦ୍ରଙ୍କ ସହିତ ଆତ୍ମସମର୍ପଣ କଲେ ବିଦ୍ରୋହୀ ଖଗେଶ୍ୱର । ଲଖନପୁର ଜମିଦାରୀ ଖଣ୍ଡିକ ହରାଇଲେ । ତଥାପି ବିଦ୍ରୋହ ରାସ୍ତାରୁ ପଛଘୁଞ୍ଚା ଦେଇନଥିଲେ । କକା କମଲସିଂ ଦାଓଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ଖଗେଶ୍ୱର ବ୍ରିଟିଶଙ୍କୁ ମହା ଅସୁବିଧାରେ ପକାଇଲେ ।

୧୮୬୪ ଜାନୁଆରୀ ୨୪ ତାରିଖ ଦିନ ପୁଣିଥରେ ଖଗେଶ୍ୱର ସିଂ ଦାଓ ଗିରଫ ହେଲେ । ସେସନ୍ସ ଜଜ୍ ଲେଫଟାଣ୍ଟ ବାଲମେନ୍ଙ୍କ କୋର୍ଟରେ ତାଙ୍କର ବିଚାର ହେଲା । ବିଚାରରେ ଯାବଜ୍ଜୀବନ ଜେଲଦଣ୍ଡ ଭୋଗିବାକୁ କୋର୍ଟ ରାୟ ଦେଲା । ଆସିରଗଡ଼ ଦୁର୍ଗରେ ବନ୍ଦୀ ହେଲେ ବଳଭଦ୍ର ସିଂ ଦାଓ । ସେହି ଜେଲଖାନା ଭିତରେ ହିଁ ଖଗେଶ୍ୱର ପ୍ରାଣ ତ୍ୟାଗ କଲେ । ମାତୃଭୂମିର ସର୍ବଶ୍ରେଷ୍ଠ ସେବକ ଖଗେଶ୍ୱର ଏ ଜାତିର ନମସ୍ୟ ହୋଇ ରହିଲେ ।

Digitized by srujanika@gmail.com

✲ କମଲ ସିଂ ଦାଓ :

ସୁପ୍ରିମ୍ କମାଣ୍ଡର୍ ସୁରେନ୍ଦ୍ର ସାଏଙ୍କ ରେଜିମେଣ୍ଟରେ ଅନମନୀୟ ସେନାଧକ୍ଷ ଥିଲେ ଲଖନପୁର ଗଡ଼ ଜମିଦାର୍ 'ହିରୋ' କମଲ ସିଂହ ଦାଓ । ଇଂରେଜମାନେ ଯାହାର ନାଁ ଶୁଣିଲେ ଅଚେତ ହୋଇ ଯାଉଥିଲେ ସେହି ବିକ୍ରମୀ ପୁରୁଷ ଥିଲେ – କମଳ ଲୋଚନ ସିଂ ଦାଓ । କମଲ୍‌ଙ୍କ ବାହିନୀରେ ଥିଲେ ପାଞ୍ଚଶହ ଖାଣ୍ଟି ଦାଉ । ସମସ୍ତେ ତାଗଡ଼ା ଟୋକା । କେହି ତାହାକୁ କମ୍ ନଥିଲେ । ଧର କହିଲେ ବାନ୍ଧି ଆଣୁଥିଲେ ।

ପୃଷ୍ଠ ଭଳି ଥିଲା ସମୁଦ୍ର ପତ୍ତନ ଠାରୁ ୨୨୭୭ ଫୁଟ ଉଚ୍ଚ ବାରହାଦାଉର ଡେବ୍ରିଗଡ଼ । ଡେବ୍ରିଗଡ଼ ଚୂଡ଼ାରେ ଉଡ଼ୁଥିଲା – ବିପ୍ଳବୀ ଧ୍ଵଜା । ଦୁର୍ଗ ଭିତରେ ଥିଲା କାଠକାଠି ଗମ୍ଭୁଜ ଓ ସୁଡ଼ଙ୍ଗ ରାସ୍ତା । ଗଡ଼ ପାହାଡ଼ ଓ ମାଣିକ ଘୋଡ଼ା ଉପତ୍ୟାକାର ରକ୍ଷକ ଥିଲେ ବିପ୍ଳବୀ କମଳ ଲୋଚନ । ବାପା ବଳଭଦ୍ର ସିଂ ପ୍ରଚଣ୍ଡ ଦେଶଭକ୍ତ ଥିଲେ ବଡ଼ଭାଇ ଖଗେଶ୍ଵର ମଧ୍ୟ ଦେଶଲାଗି ଶହୀଦ୍ ହୋଇଥିଲେ । ମଝିଆଁ ଭାଇ ନିଳାମ୍ବର ମଧ୍ୟ ଅନ୍ୟତମ ସଫଳ ନାୟକ ଥିଲେ ।

୧୮୩୭ ରେ ଇଂରେଜ ଶତ୍ରୁ କମଳଙ୍କ ପିତା ବଳଭଦ୍ରଙ୍କୁ ନିର୍ମମଭାବେ ହତ୍ୟାକରିଥିଲେ । ପିତୃ ହତ୍ୟାର ଚରମ ପ୍ରତିଶୋଧ ନେଇଥିଲେ ଖଗେଶ୍ଵର ନିଳାମ୍ବର ଓ କମଳ । ସୁରେନ୍ଦ୍ରଙ୍କ ମହାବିପ୍ଳବକୁ ମହିମ୍ବାନ କରିଥିଲେ ଦାଓ ପରିବାରର ତିନିଭାଇ । ସେମାନଙ୍କ ଯୋଗୁଁ ପଶ୍ଚିମ ଓଡ଼ିଶାର ଇଂରେଜ ଶାସନ ଅଚଳ ହୋଇଗଲା ।

ସେତବେଳକୁ ସୁରେନ୍ଦ୍ରଙ୍କ ମୁମୂର୍ଷୁ ଫୌଜର ପ୍ରାୟ ସମସ୍ତ ଫୌଜ ଫାଶି କଳାପାଣିରେ ନିଃଶେଷ ହୋଇଥିଲେ ଅନେକ ବିଦ୍ରୋହୀ ଆତ୍ମସମର୍ପଣ କରିଥିଲେ । କିନ୍ତୁ କମଳ ସିଂ ଦାଓ ଥିଲେ ରକ୍ତ ମାଂସର ହୃଷ୍ଟପୁଷ୍ଟ ରକ୍ତ କମଳ । ୧୮୭୬ ପର୍ଯ୍ୟନ୍ତ କମଳଥିଲେ ଅମନନୀୟ ତଥା ଦୁର୍ଜୟ ।

୧୮୬୨ ମସିହାର, କମଳ ଓ କୁଞ୍ଜେଲଙ୍କ କାରଣ ସତ୍ତ୍ୱେ ମହାବୀର ସୁରେନ୍ଦ୍ର ମେଜର୍ ଇମ୍ପେଙ୍କ ଇଜଲାସ୍‌ରେ ଆତ୍ମ ସମର୍ପଣ କରିଥିଲେ ।

Digitized by srujanika@gmail.com

ସେଦିନ ଇମ୍ପେ ସାହେବ ସୁରେନ୍ଦ୍ରଙ୍କୁ ଦେଇଥିଲେ ଷାଠିଏ ଟଙ୍କାର ଖଣ୍ଡିଏ ଶାଲ ଓ ସୈନ୍ୟ ମାନଙ୍କ ପାଇଁ ମାତ୍ର ପାଞ୍ଚଶହ ଟଙ୍କା । ସେ ଟଙ୍କାତକ ସୁରେନ୍ଦ୍ର ପଠାଇଦେଲେ ଢ଼େଙ୍କିଗଡ଼ର କମଳ ସିଂ ଦାଓଙ୍କ ନିକଟକୁ ।

ଶତ୍ରୁ ପକ୍ଷର ଟେନସନ୍ ବଢ଼ିଲା । ଗୁମଗୁମ୍କୁ ହାତ କରାଗଲା । ଦିଲ୍ଲୀ ଦରବାରରୁ କମଳଙ୍କ ମୁଣ୍ଡ ପାଇଁ ଦୁଇହଜାର ଟଙ୍କା ଇନାମ୍ ଘୋଷିତ ହେଲା । ଥରେ ସମର ଦ୍ୱନ୍ଦ୍ୱରେ କ୍ଳାନ୍ତ ହୋଇ ଶୋଇଥିଲା ବେଳେ ବିଦ୍ରୋହୀ କମଳଙ୍କୁ ହତ୍ୟା କରାଗଲା । ବିଶ୍ୱାସଘାତକର ଜଣେ ଇଂରେଜ ଭକ୍ତ ତାଙ୍କ ମୁଣ୍ଡ କାଟିନେଲା । ହତ୍ୟାସ୍ଥାନରେ ମୁଣ୍ଡ ଟେକଲା - ମୁଣ୍ଡକାଟିଗାଁ । ହତ୍ୟାକାରୀ ସରକାରଙ୍କ ଠାରୁ ଦୁଇଟି ଗାଁ ଜାଗିରୀ ପାଇଥିଲେ । ଅନ୍ୟ ଏକ ତଥ୍ୟ କହୁଥାଏ ସାରଙ୍ଗଗଡ଼ ରାଜ୍ୟରେ କମଳ ଫକିର ବେଶରେ ଆତ୍ମଗୋପନ କରିଥିଲା ବେଳେ ସେଠାକାର ଶାସକ ବିପ୍ଳବୀ କମଳଙ୍କୁ ଫିରିଙ୍ଗି ହାତରେ ଧରାଇ ଦେଇଥିଲେ ଓ ଦୁଇ ହଜାର ଟଙ୍କା ପୁରସ୍କାର ପାଇଥିଲେ ।

ବିପ୍ଳବୀ କମଳଙ୍କ ମୁଣ୍ଡହୀନ ଶରୀରକୁ ସଭ୍ୟ ଇଂରେଜ ମାନେ ଗୋଟିଏ ପିପଳ ଗଛରେ ଟାଙ୍ଗିଥିଲେ । ଲୋକମାନଙ୍କ ମନରେ ଭୟ ସଞ୍ଚାର କରିବା ଓ ଫିରଙ୍ଗି ବିରୁଦ୍ଧରେ ବିଦ୍ରୋହ ନକରିବା ଲାଗି ଏପରି ଅମାନୁଷିକ କାର୍ଯ୍ୟ କରାଯାଇଥିଲା । କିନ୍ତୁ ସେଦିନର ସେହି ମସ୍ତକ ବିହୀନ ଶରୀର ପାଲଟି ଥିଲା ସମସ୍ତଙ୍କର ଦେବତା । ନର ହେଲେ ନାରାୟଣ ।

* ଶହୀଦ୍ ବଳରାମ ସାଏ :

ମହାବଳସ୍ତ୍ୱାର ବଳରାମ ସାଏ (ସିଂହ) ଥିଲେ ସୁରେନ୍ଦ୍ର ସାଏଙ୍କର ମୁଖ୍ୟ ପରାମର୍ଶ ଦାତା । ତେଜ ସିଂହଙ୍କର ପୁଅ । ସବୁବେଳେ ତେଜଆନ୍ । ଧରମ ସିଂହଙ୍କ ବଡ଼ଭାଇ । ଚେଣ୍ଡୁ ମହାଶ୍ୱର ସୁରେନ୍ଦ୍ର ସାଏଙ୍କ ପରିବାରର ମୁଖିଆ । ମହା ବିପ୍ଳବର ସୂତ୍ର ଧର । ଯାନ୍ ପଛକେ ଯାଉ ମାନ୍ ଥାଉ ଏହା ହିଁ ଥିଲା ବଳରାମ ସାଏଙ୍କର ମତ ।

୧୮୨୭ ମସିହାରେ ରାଣୀ ମୋହନ କୁମାରୀ ସମ୍ବଲପୁର ରାଜଗାଦିରେ ବସିଲେ । ସେତେବେଳେ ବଳରାମ ସାଏ ଥିଲେ ତାଙ୍କ ଦେୱାନ୍ । କିନ୍ତୁ

Digitized by srujanika@gmail.com

ବର୍ତ୍ତମାନ ସରକାର ଓ ସର୍ଦ୍ଦାରଙ୍କର ସ୍ୱେଚ୍ଛାଚାର ଯୋଗୁ ବଳରାମ ବାବୁଙ୍କ ଶାସନ ପଦ ତ୍ୟାଗ କଲେ । ଜନ୍ମ ଭୂମିର ଦୁରବସ୍ଥା ଦେଖି ତାଙ୍କ ଛାତି ଫାଟିଗଲା ।

୧୮୪୦ । ବଳରାମ, ସୁରେନ୍ଦ୍ର ଓ ଉଦ୍ଦନ୍ତ ଯାଉଥିଲେ ପାଟଣାଗଡ଼ । ଉଦ୍ଦେଶ୍ୟ ଥିଲା ମଧ୍ୟ ବିପ୍ଳବ ଲାଗି ସୈନ୍ୟ ଓ ଅସ୍ତ୍ର ଶସ୍ତ୍ର ସଂଗ୍ରହ କରାଯିବ । ହଠାତ ଦେଶଦ୍ରୋହୀ ରାଜା ନାରାୟଣ ସିଂହଙ୍କ ସୈନ୍ୟ ଓ ଫିରିଙ୍ଗି ସୈନ୍ୟ ଏମାନଙ୍କ ଉପରେ ଆକ୍ରମଣ କଲେ ।

ସମ୍ବଲପୁର ସହରଠାରୁ ଅଳ୍ପ ଦୂର ଦେବହରପାଲି ଠାରେ ଏହି ମାରାତ୍ମକ ଘଟଣା ଘଟିଲା । ସମସ୍ତ ବିଦ୍ରୋହୀ ଶତ୍ରୁ ହାତରେ ଧରା ପଡ଼ିଗଲେ । ଲେଫ୍‌ଟେନାଣ୍ଟ୍ କର୍ଣ୍ଣେଲ ଓସ୍ଲେ ଦେଶପ୍ରେମୀଙ୍କର ବିଚାର କଲେ । ବିଚାରରେ ବୀର ବଳରାମଙ୍କୁ ଯାବଜ୍ଜୀବନ କାରାଦଣ୍ଡ ମିଳିଥିଲା । ସୁରେନ୍ଦ୍ରଙ୍କୁ ପାଞ୍ଚବର୍ଷ ଓ ଉଦ୍ଦନ୍ତଙ୍କୁ ସାତବର୍ଷ ଜେଲ୍ ଭୋଗିବାକୁ ପଡ଼ିଥିଲା ।

ମହାବୀର ବଳରାମ ରହିଲେ ହଜାରିବାଗ ଜେଲରେ । ମାତୃଭୂମି ପାଇଁ ଅସହ୍ୟ ଦୁଃଖ ଯାତନା ସହି ସେହିଠାରେ ସହୀଦ୍ ହୋଇଗଲେ ।

❋ ଶହୀଦ୍ ଗଣେଶ ଉପାଧ୍ୟାୟ :

ମହାବୀର ସୁରେନ୍ଦ୍ରଙ୍କ ଝାଣ୍ଡତଳରେ ଥିଲେ ବ୍ରାହ୍ମଣ ଠାରୁ କଉନ୍ଧ, ହରିଜନ ଠାରୁ ଗିରିଜନ ଓ ଧନୀ ଠାରୁ ନିର୍ଦ୍ଧନ । ସମସ୍ତେ ଶିଖିଥିଲେ-ଜନନୀ ଜନ୍ମ ଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ । ତାର ସୁରକ୍ଷା ଜରୁର୍ ଦରକାର ।

ଗଣେଶ ଉପାଧ୍ୟାୟ ଥିଲେ ସୁରେନ୍ଦ୍ରଙ୍କ ବାହିନୀର ଜଣେ ବ୍ରାହ୍ମଣ ସେନାନୀ । ଘର ସିଂହ ବଗା । କେବଳ ଗଣେଶ ନୁହଁନ୍ତି ତାଙ୍କ କୁଳପୁରୋହିତ ପୁରୁଷୋତ୍ତମ ଓ ପ୍ରସାଦ ମଧ୍ୟ ସୁରେନ୍ଦ୍ରଙ୍କର ମହାନ୍ ସମର୍ଥକ ଥିଲେ ।

ଥରେ ପୋଲିସ ହାତରେ ବିପ୍ଳବୀ ଗଣେଶ ଧରାପଡ଼ିଲେ ବିପ୍ଳବୀଙ୍କ ମିଶିଥିବା ହେତୁ ପୋଲିସ ତାଙ୍କୁ ତଳେ ପକାଇ ଘୋଡାରେ କୁଦାଇଦେଇଗଲେ । ଗୁଲ୍ ବାଡ଼ରେ ଶକ୍ତ ପ୍ରହାର ଦେଲେ । ଦୁଇ ବିଦ୍ରୋହୀ ପୁଅଙ୍କର ଠିକଣା ମାଗିଲା ।

Digitized by srujanika@gmail.com

ଠୋ ଠୋ ହସି ଉଠିଲେ ଗଣେଶ । ପୋଲିସ୍‌କୁ ଜବାବ୍ ଦେଲେ - ତୁମେ ମୋତେ ମାରମାର ମାରିଦିଅ ପଛେ ବିଦ୍ରୋହ କଥା କଦାପି କହିପାରିବ ନାହିଁ ।

ଅତ୍ୟାଚାରର ମାତ୍ରା ବଢ଼ିଲା । ପିଠି ଫାଟି ରକ୍ତ ଝରିଲା । ପାଟିରୁ ଫେଣ ବାହାରିଲା । ତଥାପି ମହାବିଦ୍ରୋହର ଏଇ କଥା ମଧ୍ୟ ତାଙ୍କ ପାଟିରୁ ବାହାରି ନଥିଲା ଯେତେବେଳେ ବେକରେ ଫାଶି ଦଉଡ଼ା ଲାଗିଲା ସେତେବେଳେ ଗଣେଶଙ୍କ ମୁହଁରୁ ଶୁଭିଥିଲା - ଆକାଶରେ ଯଦି ସୂର୍ଯ୍ୟ ଚନ୍ଦ୍ର ସତ ହୋଇଥିବ ମୋ ଦେଶ ନିଶ୍ଚୟ ସ୍ୱାଧୀନ ହେବ - ହେବ - ହେବ ।

* ଶହୀଦ୍ ଜନାର୍ଦ୍ଦନ ଗଡ଼ତିଆ :

ବାହାଡ଼ ଶ୍ରୀଗିଡ଼ାର ବିଦ୍ରୋହୀ ଜମିଦାର ତଥା ଦେଶପ୍ରେମୀ ଯୁଦ୍ଧ ପରିଚାଳକ ଥିଲେ ଜନାର୍ଦ୍ଦନ ଗଡ଼ତିଆ । ମହାବୀର ସୁରେନ୍ଦ୍ରଙ୍କ ବାହିନୀର ସର୍ବ-ଶ୍ରେଷ୍ଠ ସେନାନୀ ଥିଲେ ଜନାର୍ଦ୍ଦନ । ତାଙ୍କ ହାତମୁଠାରେ ଥିଲେ ଏକ ହଜାରରୁ ଅଧିକ ଦୁର୍ଦ୍ଧର୍ଷ ଗଣ୍ଡ ଆଦିବାସୀ ସମସ୍ତେ ଥିଲେ ଗୋଟିଏ ଗୋଟିଏ ଶକ୍ତିଶାଳୀ ସିଂହାଇଲ୍ । ମାତୃଭୂମିକୁ ସମସ୍ତେ ମନଭରି ଭଲପାଉଥିଲେ ।

୧୮୫୮ ଫେବୃୟାରୀ ୧୨ । କ୍ୟାପଟେନ୍ ଉଡ୍‌ବ୍ରିଜ୍ ରାମଗଡ଼ ବାଟା-ଲିୟନ୍ ଧରି ଶ୍ରୀଗିଡ଼ା ଉପରେ ଚଢ଼ାଉ କଲା । ଶତ୍ରୁ ସୈନ୍ୟ ଆସିବା ମାତ୍ରକେ ଜନାର୍ଦ୍ଦନଙ୍କ ସୈନ୍ୟ ମାରିମାରି ସେମାନଙ୍କୁ ପଛକୁ ହଟାଇଦେଲେ । ଲକ୍ଷଣ ପଥର ଫିଙ୍ଗି ଅନେକ ସୈନ୍ୟଙ୍କୁ ନିହତ କଲେ । ରାମଗଡ଼ ବାଟା-ଲିୟନକୁ ସେଦିନ ଧୂଳିସାତ୍ କରିଦିଆଗଲା ।

ବହୁସ୍ମା ଜନାର୍ଦ୍ଦନ ଗଡ଼ତିଆ ହାତରେ କ୍ୟାପ୍‌ଟେନ ଉଡ୍‌ବ୍ରିଜ୍‌ର ମୁଣ୍ଡ ବାଳ ଧରି ଖୁବ୍ ଜୋରରେ ହସିଉଠିଲେ । ପଚାରିଲେ - କ'ଣ ସାହେବ୍ ... ମନ ... ଲା ?

Digitized by srujanika@gmail.com

ଉତ୍ତବ୍ରିଜର ଗର୍ଜନ ଉପରେ ଜନାର୍ଦ୍ଦନଙ୍କ ଫାଶୀ ବାଜବା ପୂର୍ବରୁ ଜୀବନ ବଦଳରେ ଉତ୍ତବ୍ରିଜ୍ କହିଲା - ମତେ କ୍ଷମାକର ଜନାର୍ଦ୍ଦନ, ପ୍ଲିଜ୍ ଏକ୍‌ସକ୍ୟୁଜ୍ ମି...... କିନ୍ତୁ ମାତୃହନ୍ତାର କ୍ଷମାନାହିଁ । ଉତ୍ତବ୍ରିଜ୍‌ର ମୁଣ୍ଡ ଗଣ୍ଡି ଅଲଗା ହୋଇଗଲା । ଦୁଇଦିନ ପରେ ଏନ୍‌ସିନ୍ ଓ୍ୱାର୍ଲେ ମୃତ ଶରୀରକୁ ଆବିଷ୍କାର କଲେ ।

ଜନାର୍ଦ୍ଦନ ଗଡ଼ଜାତର ରକ୍ତତୀର୍ଥର ଅନ୍ୟତମ ବନ୍ଦିତ ଶହୀଦ୍ । ମାତୃ-ମୁକ୍ତି ପଥରେ ବଳିଦାନ କରି ଚିରନମସ୍ୟ ହୋଇଗଲେ ।

※ ଶହୀଦ୍ ମନୋହର ସିଂହ :

କୋଲାବିରାର ବିଦ୍ରୋହୀ ଜମିଦାର ମନୋହର ସିଂହ ଥିଲେ ମୁକ୍ତି ସଂଗ୍ରାମର ଦୁରନ୍ତ ବିଦ୍ରୋହୀ । ମନୋହରଙ୍କ ପିତା ଅବଧୂତ ସିଂହ ମଧ୍ୟ ଥିଲେ ଜଣେ ଦେଶପ୍ରେମୀ । ରାଣୀ ମୋହନକୁମାରୀଙ୍କ କୁ ଶାସନ ତଥା ଇଂରେଜ ସରକାରର ଔଦ୍ଧତ୍ୟକୁ ମନେ ହର ପ୍ରଥମରୁ ବିରୋଧ କରିଥିଲେ । ବାପାଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ମନୋହର ସୁରେନ୍ଦ୍ର ସାଏଙ୍କୁ ସମର୍ଥନ ଦେଲେ ।

୧୮୫୮ ମସିହାରେ କର୍ଣ୍ଣେଲ ଫଷ୍ଟର ମନୋହରଙ୍କ ଭିତର ଜମିଦାରୀ ଉପରେ ଚଢ଼ାଉ କଲା । ନିଜର ଅନ୍ୟ ଛଜଣ ସମର୍ଥକଙ୍କ ସମେତ ମନୋହର ଶତ୍ରୁ ହାତରେ ଧରାପଡ଼ିଲେ । ଆସିରଗଡ଼ ଦୁର୍ଗରେ ବନ୍ଦୀ ହେଲେ । ୧୮୭୬ ମସିହାରେ ସେଇ ଦୁର୍ଗ ଭିତରେ ହିଁ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ।

※ ଶହୀଦ୍ ମୋହନ ସିଂହ :

ମୋହନ ସିଂହ ଥିଲେ ସୋହେଲାର ବିଦ୍ରୋହୀ ଜମିଦାର । ସୁରେନ୍ଦ୍ର ସାଏଙ୍କର ସାଥି ଓ ସାରଥି । ଅନେକ ଦିନ ମହାରାଜାଙ୍କର ଜମାଦାର ଥିଲେ । ବିଦ୍ରୋହୀ ମନୋଭାବ ହେତୁ ସମସ୍ତ ଜମିବାଡ଼ି ମଧ୍ୟ ହରାଇଲେ । ତଥାପି ମନରେ ଦୁଃଖ ନଥିଲା । ମାଆ ଆଗ ଆଉ ସବୁ ପଛ ।

Digitized by srujanika@gmail.com

୧୮୬୧ ମସିହାରେ ମହାବୀର ସୁରେନ୍ଦ୍ରଙ୍କ ସହିତ ଆତ୍ମସମର୍ପଣ କଲେ । ମେଜର ଇମ୍ପେ ବିଦ୍ରୋହୀଙ୍କୁ ଦେଉଥିବା ପ୍ରତିଶ୍ରୁତି ପାଳନ କରିନଥିଲା । ମୋହନ ସିଂହଙ୍କୁ ଖଣ୍ଡ୍ ବାଧିଲା । ଶତ୍ରୁ କବଳରୁ ଖସିଯାଇ ଯୋଗଦେଲେ କମଳ ସିଂହ ଦାଓଙ୍କ ବିଦ୍ରୋହୀ ସେନାବାହିନୀରେ । ୧୮୬୬ରେ ଦେଶପାଇଁ ଶହୀଦ୍ ହେଲେ ।

✱ ଶହୀଦ୍ ମାଧୋ ସିଂହ :

ଘେଇଁସ ଗାଁ । ଖୁବ୍ ଛୋଟ ଗାଁ ଏଟି ପ୍ରାନଙ୍କର କମ୍ପା ... ନାମ ନାହିଁ । ସେଇ ଗାଁ ମାଟି ଥିଲା ସମ୍ବଲପୁର ଓ ତାର ଆଖପାଖ ସମସ୍ତ ଅଞ୍ଚଳ । ସେଇ ସବୁ ଅଞ୍ଚଳ ମଧ୍ୟରୁ ଘେଁସ ଜମିଦାରୀ ଥିଲା ଅନ୍ୟତମ । ମାଧୋ ସିଂହ ଥିଲେ ଘେଁସର ବିପ୍ଳବୀ ଜମିଦାର ଓ ମହା ନାୟକର ସହ ନାୟକ । ନିଜର ତିନି ନାତି ହଟେ, (ହାଟି) କୁଞ୍ଜଲ ଓ ବୈରି ସିଂହଙ୍କୁ ନେଇ ମାଧୋସିଂହ କମ୍ପାନୀ ସରକାର ସହିତ ଯୁଦ୍ଧର ଖେଳ ଖେଳିଲେ । କେବଳ ତିନି ନାତି ନୁହଁନ୍ତି ଝିଅ ପୂର୍ଣ୍ଣିମା କୁଞ୍ଜଲଙ୍କ ସ୍ତ୍ରୀ ଗୋବିନ୍ଦ ସିଂହ ଓ ସମ୍ବନ୍ଧ ନାରାୟଣ ସିଂହ ମଧ୍ୟ ଓଡ଼ିଶାର ବ୍ରିଟିଶ ସରକାରଙ୍କୁ ଥରହର କରି-ପକାଇଲେ । ସମସ୍ତଙ୍କର ଲକ୍ଷ୍ୟ ଥିଲା ଏକ ଓ ଅଭିନ୍ନ । ରକ୍ତ ବଦଳରେ ରକ୍ତ । ଉପୁର ପ୍ରଶ୍ନ ନାହିଁ । ଯିଏ ଆମ ସ୍ୱାଧୀନତା ଉଠାଇ ନେଇଛି ଆମେ ତା ସାମ୍ରାଜ୍ୟକୁ ଚୂରମାର କରିଦେବୁ ।

ବିଶ୍ୱ ପ୍ରସିଦ୍ଧ ଗୋଟାଏ ବିପ୍ଳବୀ ଓଡ଼ିଆ ପରିବାର । ମହାରାଷ୍ଟ୍ରର ସଭର-କର ପରିବାର ତୁଲ୍ୟ । କିନ୍ତୁ ବିଦ୍ରୋହୀ ଜମିଦାର ମାଧୋ ସିଂହଙ୍କ ଦାୟାଦ ମାନେ ଆଜି ଦାରିଦ୍ର୍ୟର ଶିକାର ।

୧୮୫୭ ରେ ମହାବୀର ସୁରେନ୍ଦ୍ର ହଜାରି ବାଗ୍ ଜେଲରୁ ଚମ୍ପଟ ଦେଇଥିଲେ । ପୁଣିଥରେ ସମ୍ବଲଖଣ୍ଡରେ ମହାବିଦ୍ରୋହର ନିଆଁ ଜଳିଉଠିଲା । ସିଂଘୋଡା ଘାଟିକୁ ଜଗି ରହିଲେ ଜମିଦାର ମାଧୋ ସିଂହଙ୍କ ସମେତ ତିନି ନାତି ହଟେ, କୁଞ୍ଜଲ ଓ ବୈରି । ୧୮୫୭ ଡିସେମ୍ବର ଅଠାଇଶି ତାରିଖରେ କ୍ୟାପ୍ଟେନ ଉଡ୍ ନାଗପୁରଠାରୁ ଫୌଜ ଧରି ଘାଟି ଉପରେ ଆକ୍ରମଣ କଲା ଓ ଘାଟି ଅଧିକାର ମଧ୍ୟ କଲା । ମାତ୍ର ଅଳ୍ପଦିନ ଭିତରେ ପୁଣି ବିଦ୍ରୋହୀଙ୍କ

Digitized by srujanika@gmail.com

ମାତ୍ର ଧୈର୍ଯ୍ୟଗୁଣକୁ ମାଡ଼ ବସିଲା । ତେଜେଜ ନାଷ୍ଟ ମଜାଦାର୍ କାମ ଦେଖାଇଲେ ।

ଏହି ଅଠର ବର୍ଷ ସିଂଘୋଡ଼ ଘାଟି ମାଧୋସିଂହଙ୍କ ହାତରେ ରହିଲା । ବିଶ୍ବର କେତେଜଣେ ଫିରିଙ୍ଗି ସିଂଘୋଡ଼ାର ଘାଟିକୁ ମୁକ୍ତ କରିନଥିଲେ । ଫିରିଙ୍ଗିର ସମସ୍ତ ସାମରିକ ଓ ବେସାମରିକ ସାହାଯ୍ୟକୁ ନଷ୍ଟ କରାଗଲା । ସେହିଭଳି ଘାଟିରେ ବୈରୀ ସିଂହ ବୈରୀ ଦମନ କରିଥିଲେ ।

୧୮୫୮ ଜାନୁୟାରୀ । ଶତ୍ରୁ ସୈନ୍ୟ ସିଂଘୋଡ଼ା ଉପରେ ଜୋରଦାର୍ ଚଢ଼ାଉ କଲେ । ନେତୃତ୍ୱ ନେଲେ କ୍ୟାପ୍ଟେନ୍ ଲେକସ ପିଅର । ଜମିଦାର ମାଧୋ ଇଂରେଜ ଶକ୍ତିକୁ ମଧ୍ୟ ଚଖାଇ ଦେଲେ । ବିଦ୍ରୋହୀ ହଟେସିଂହଙ୍କ ଛାତିରେ ଶତ୍ରୁ ପକ୍ଷର ଗୋଟିଏ ପଥର ବାଜିଲା । ସେ ଗୁରୁତର ଆହତ ହେଲେ । କିନ୍ତୁ ବିଦ୍ରୋହୀ ସାଙ୍ଗମାନେ ହଟେଙ୍କୁ ଜଙ୍ଗଲ ଭିତରକୁ ଟେକି ନେଇଥିଲେ ।

ସେଦିନ ଏଗାରଜଣ ବିପ୍ଳବୀ ଖଣ୍ଡ ଯୁଦ୍ଧରେ ଶହୀଦ୍ ହୋଇଗଲେ । ସିଂଘୋଡ଼ା ପାଲଟିଥିଲା ଓଡ଼ିଶାର ଭକ୍ତତୀର୍ଥ । ଦେଶଦ୍ରୋହୀ ଧନବନ୍ଧୁ ପଟ୍ଟନାୟକ ସହାୟତାରେ ପରମ ବିପ୍ଳବୀ ମାଧୋ ସିଂହ ଶତ୍ରୁ ହାତରେ ଧରା ପଡ଼ିଲେ । ଫାଶି ଦଉଡ଼ାକୁ ସ୍ୱାଗତ ଜଣାଇ ଶହୀଦ୍ ମାଧୋ କହିଥିଲେ- ମୋ ଦେଶ ମହାନ୍ ।

* ଶହୀଦ୍ ହଟେ ସିଂହ :

ସୁରେନ୍ଦ୍ରଙ୍କ ବାହିନୀରେ ସମସ୍ତେ ଥିଲେ ସଚ୍ଚା । କେହିଜଣେ ହେଲେ ମଧ୍ୟ କମ୍ ନଥିଲେ । ସଭିଏଁ ସ୍ୱାଧୀନ ମାଟି ପାଇଁ ଶପଥ ନେଇଥିଲେ - ମରିବୁ ପଛେ ମାଟି ମାଆ କୁ ତାରିବୁ । ସେଇ ସବୁ ମାତୃଭକ୍ତ ମାନଙ୍କ ଭିତରେ ଥିଲେ ହଟେ ସିଂହ ବା ହାତୀ ସିଂହ । ଘେଁସ ଜମିଦାର ମାଧୋ ସିଂହଙ୍କ ବଡ଼ନାତି । ଜନଶାଇ ପଶ୍ଚିମ ଓଡ଼ିଶାର ସାମ୍ରାଜ୍ୟ ଲିପ୍ସୁ ଇଂରେଜ ମାନଙ୍କୁ ଗୋଡ଼େଇ ଗୋଡ଼େଇ ପିଟିଲେ । ଏହି ଅଠର ବର୍ଷ ସିଂଘୋଡ଼ ଘାଟିକୁ ଜଗି ରହିଥିଲେ ବିଶ୍ବର ପରମ ମାତୃ ଭକ୍ତ ଜମିଦାର ।

Digitized by srujanika@gmail.com

୧୮୫୮ କ୍ୟାପଟେନ୍ ସେକ୍‌ସପିଅର ସିଂଘୋଡ଼ା ଉପରେ ଅଶ୍ୱାରୋହୀ ଆକ୍ରମଣ କଲେ । ବୀରକେଶରୀ ହାଟେ ସିଂହଙ୍କ ଛାତିରେ ଶତ୍ରୁପକ୍ଷର ଛର୍ରା ବାଜିଲା । ସେ ଆହତ ହୋଇଗଲେ ମୁହଁରୁ ରକ୍ତ ବାହାରିଲା । ତଥାପି ପରୱାୟ ନଥିଲା । ମାଆ ଲାଗି ରକ୍ତ ଦାନ କରି ହାଟେ ସିଂହ ନିଜ ଜୀବନକୁ ସାର୍ଥକ କଲେ । ଅନ୍ୟ ବିଦ୍ରୋହୀ ମାନେ ଆହତ ହାଟେ ସିଂହଙ୍କୁ ଘୋର ଜଙ୍ଗଲ ଭିତରକୁ ନେଇଗଲେ ଓ ସେବା ଶୁଶ୍ରୂଷା କରି ଭଲ କଲେ ।

ପରେ ବୀରକେଶରୀ ହାଟେ ସିଂହ ୧୮୬୨ ମସିହା ରେ ଶତ୍ରୁ ପାଖରେ ଆତ୍ମସମର୍ପଣ କଲେ । ୧୮୬୪ ମସିହାରେ ସମ୍ବଲପୁରର ସହକାରୀ କମିଶନର କମ୍ବରଲେଜ ତାଙ୍କୁ ଗିରଫ କଲେ । ବିଚାର ହେଲା । ବିଚାରରେ ହାଟେ ସିଂହଙ୍କୁ କଳାପାଣି ଦଣ୍ଡ ହେଲା । ମହାରାଣୀଙ୍କ ଶାସନ ବିରୁଦ୍ଧରେ ବିଦ୍ରୋହ କରିଥିବା ହେତୁ ହୀରାଖଣ୍ଡର ବୀରକେଶରୀ ହାଟେ ସିଂହ ଗଲେ କଳାପାଣି । ଆଣ୍ଡାମାନ ଦ୍ୱୀପପୁଞ୍ଜରେ ଅବସ୍ଥିତ ସେହି କୁଖ୍ୟାତ ସେଲୁଲାର୍ ଜେଲ୍‌ରେ ବୀରକେଶରୀ ହାଟେ ସିଂହ ଶହୀଦ୍ ହୋଇଗଲେ ।

ସବା ସାନଭାଇ ବୈରୀ ସିଂହ ମଧ୍ୟ ୧୮୬୪ରେ ଗିରଫ ହୋଇ ସମ୍ବଲପୁର ଜେଲରେ ରହିଲେ ଓ ସେହିଠାରେ ଶହୀଦ୍ ହେଲେ ।

* ଶହୀଦ୍ କୁଞ୍ଜେଲ ସିଂହ :

ସମ୍ବଲପୁର ବିଦ୍ରୋହ ଦମନ ଲାଗି ବ୍ରିଟିଶ ଶାସିତ ଅଞ୍ଚଳରୁ ଅଧିକ ସୈନ୍ୟ ମଗାହେଲା । ନାଗପୁର କମିଶନର୍ ଇ. କେ ଏଲଏଟ୍ ଖୁବ୍ ଦମ୍ଭରେ କହିଲେ - ଗୋବିନ୍ଦ ସିଂହ ମୁଣ୍ଡ ଲାଗି କମ୍ପାନୀ ସରକାର ପାଞ୍ଚଶହ ଟଙ୍କା ଓ ବୀରକେଶରୀ କୁଞ୍ଜେଲଙ୍କ ମୁଣ୍ଡ ଲାଗି ଅଢେଇ ଶହ ଟଙ୍କା ପୁରସ୍କାର ଦେବ । କିନ୍ତୁ କମିଶନରଙ୍କ ଘୋଷଣା ଖାଲି କାଗଜ ପତ୍ରରେ ରହିଗଲା । କାର୍ଯ୍ୟ କ୍ଷେତ୍ରରେ ଶୂନ । କମିଶନରଙ୍କ ଚ୍ୟାଲେଞ୍ଜ୍ ବିଦ୍ରୋହୀଙ୍କୁ ମଜାଦାର ଖୋରାକ୍ ଯୋଗାଇଲା ।

ବୀରକେଶରୀ କୁଞ୍ଜେଲ୍ ସିଂହ । ଘେଁସ ଜମିଦାର ମାଧୋ ସିଂହଙ୍କ ନାତି ଭଗତ ସିଂହଙ୍କ ପୁଅ । ସିଂଘୋଡ଼ା ଘାଟିର ରକ୍ଷକ । ସୁନାବେଡ଼ା (କଳାହାଣ୍ଡି) ଉପତ୍ୟକାରେ ରହି ନିଜ ଭାଇ ହାଟେ ସିଂହଙ୍କ ସହିତ ମିଶି

Digitized by srujanika@gmail.com

ବାମଣ୍ଡା, ଗାଙ୍ଗପୁର ଓ ସମ୍ବଲପୁର ପ୍ରଭୃତି ଇଂରେଜ ଶାସିତ ଅଞ୍ଚଳରେ କୋଳୁଆ ଭୟ ଖେଳାଇ ଦେଲେ । ନିଜ ଝିଅକୁ ବାହା ଦେଲେ ସୋନାଖାନ୍ ଜମିଦାର ଗୋବନ୍ଦ ସିଂହଙ୍କ ସହିତ । ଶଶୁର ଓ ଜ୍ୱାଇଁ ମିଶି ଦେଓର ଜମିଦାର ଦେଶଦ୍ରୋହୀ ମହାବଜା ସାଏର ମୁଣ୍ଡ କାଟି ନେଲେ । ଦେଓର ଘଟଣା ପରେ ଫିରଙ୍ଗି ସାମ୍ରାଜ୍ୟ ହୁଲୁ ସ୍ଥୁଲୁ ହୋଇଗଲା । କିନ୍ତୁ କୁଞ୍ଜେଲ ନେଫାଡ଼ି ।

୧୮୬୨ ସାଏ କୁଞ୍ଜେଲ ଆତ୍ମସମର୍ପଣ କରିନଥିଲେ । ସେଥିଲାଗି କ୍ୟାପଟେନ ଲୁସି ସ୍ମିଥ୍ ଖୁବଶ କ୍ଷୁବ୍ଧ ହୋଇ ବଷୋ ଦ୍ୱାର କରିଥିଲା । ସର୍ବ ଦିନ ଆତ୍ମଗୋପନ କରି ୧୮୬୫ରେ କୁଞ୍ଜେଲ ନିଜର ବିଦ୍ରୋହୀ ସାଥି ସାଲକ୍ ରାମସିଂହ ବରିହାଙ୍କ ସହିତ ପୋଲିସ ଦ୍ୱାରା ଧରାପଡ଼ି ସମ୍ବଲପୁର ଜେଲରେ ଫାଶି ପାଇଲେ । ଫାଶି ମଞ୍ଚରେ ହସି ହସି କୁଞ୍ଜେଲ କମିଶନର ଏଲିଏଟଙ୍କୁ ଲକ୍ଷ୍ୟ କରି ପଚାରିଲେ - କଣ କମିଶନର ସାହେବ୍ ! କୁଞ୍ଜେଲର କମାଲ୍ ଦେଖିଲତ ତୁମ ଚ୍ୟାଲେଞ୍ଜ୍ କେତେଦୂର କାର୍ଯ୍ୟକାରୀ ହୋଇଛି ଜାଣିଲ । ଛି, ସେ ମୁହଁ । କୁଞ୍ଜେଲଙ୍କ କଥାଶୁଣି କମିଶନର୍ ମୁଣ୍ଡ ତଳକୁ କଲେ ହସି ଉଠିଲେ ବହୁଲା କୁଞ୍ଜେଲ । ଫାଶି ଦୌଡ଼ାରେ ବେକରଖି ଝୁଲିବା ପୂର୍ବରୁ ଶୁଣାଯାଇଥିଲା - ବନ୍ଦେ ମାତରମ୍ ବନ୍ଦେ ମାତରମ୍ ।

❋ ଶହୀଦ୍ ଶାଳିକ୍ ରାମ ସିଂହ ବରିହା :

ଶହୀଦ୍ କୁଞ୍ଜେଲ ସିଂହଙ୍କ ବିଦ୍ରୋହୀ ସାଥି ଥିଲେ ଶାଳିକ୍ ରାମ ସିଂହ ବରିହା । ୧୮୫୭ ରୁ ୧୮୬୩ । ଛଅ ବର୍ଷ କାଳ ଘେଁସ ଜମିଦାର ମାଧୋ ସିଂହ ଓ ତାଙ୍କ ନାତି ମାନଙ୍କୁ ଅନେକ ସାହାଯ୍ୟ ଦେଇଥିଲେ ଶାଳିକ୍ ରାମ ଓଡ଼ିଶାର ରକ୍ତ ରଞ୍ଜିତ ମୁକ୍ତି ବିଦ୍ରୋହରେ ଶାଳିକ୍ ରାମଙ୍କ ଭୂମିକା ଏବଂ ଅଧିକ ସ୍ୱପ୍ରକାଶ ଓ ଜ୍ୱାଳାମୟ ହୋଇଥିଲା । ପାଟଣାଗଡ଼ ଅଞ୍ଚଳରେ ଥିବା ସମସ୍ତ ଫିରଙ୍ଗି ଶତ୍ରୁଙ୍କୁ ଶାଳିକ୍ ରାମ ନିଜ ହାତ ମୁଠାରେ ରଖିଥିଲେ । ବାରମ୍ବାର ଶତ୍ରୁ ଘାଟି ଗୁଡ଼ିକ ଉପରେ ଆକ୍ରମଣ କରି ଓ ଅଧିକ ଶତ୍ରୁ ସୈନ୍ୟଙ୍କୁ ନିହତ କରି ଶାଳିକ୍ ରାମ ଫିରଙ୍ଗି ପକ୍ଷେ ମୁଣ୍ଡ ବ୍ୟଥାର କାରଣ ହୋଇଥିଲେ । ବିଦ୍ରୋହୀ ସାଥି କୁଞ୍ଜେଲଙ୍କ ସହିତ ହାତ ମିଳାଇ ଶାଳିକ୍ ରାମ

Digitized by srujanika@gmail.com

ବ୍ରିଟିଶ ଶକ୍ତିକୁ ମହା ଝାମେଲାରେ ପକାଇଲେ । ୧୮୬୫ରେ ବିଦ୍ରୋହୀ ସାଥି କୁଞ୍ଜଲ ଧରାପଡିଲେ ଓ ଶାଳକ୍ରାମ ଧରାପଡ଼ ସମ୍ବଲପୁର ଠାରେ ଫାଶି ପାଇଲେ ।

ଝାଡ଼ଖଣ୍ଡ ବିଦ୍ରୋହ ଧ୍ୱଂସ ବିଦ୍ରୋହ ଦମନ ହେବା ପରେ ପଶ୍ଚିମାଞ୍ଚଳ ଓଡିଶାର ଇଂରେଜ ପ୍ରଶାସକ ମାନେ ଶାନ୍ତିରେ ନିଶ୍ୱାସ ମାରିଲେ ।

✱ ଶହୀଦ୍ ନାରାୟଣ ସିଂହ :

ସୋନାଖାନ୍‌ର ପ୍ରଖ୍ୟାତ ଜମିଦାର ପରିବାରରେ ଭୂମିଷ୍ଠ ହୋଇଥିଲେ ବିଦ୍ରୋହୀ ନାରାୟଣ ସିଂହ । ୧୮୫୭ ମହା ବିଦ୍ରୋହରେ ନିଜକୁ ସାମିଲ କଲେ । ନିଜ ପୁଅ ଗୋବିନ୍ଦ ସିଂହଙ୍କୁ ବିଦ୍ରୋହୀ ଜମିଦାର କୁଞ୍ଜଲ ସିଂହଙ୍କ ଝିଅକୁ ବାହା ଦେଲେ । ଓଡ଼ିଶା ଇତିହାସରେ ଦୁଇ ବିଦ୍ରୋହୀ ସମ୍ବନ୍ଧୀ (ସମୁଦି) ଥିଲେ ନାରାୟଣ ଓ କୁଞ୍ଜଲ୍ ।

୧୮୫୭ ନଭେମ୍ବର । ବ୍ରିଟିଶ ଶାସିତ ରାୟପୁର ଅଧିକାର ଲାଗି ଜମିଦାର ନାରାୟଣ ସିଂହ ଆଗେଇ ଗଲେ । ସାଙ୍ଗରେ ଥିଲେ ଦେଶବତ୍ସଳ ପ୍ରାଣପ୍ରିୟ ସହସ୍ରାଧିକ ପ୍ରଜା । ରାୟପୁରର ଆସିଷ୍ଟାଣ୍ଟ କମିଶନର ଲୁସି ସ୍ମିଥ୍‌ଙ୍କ ଫୌଜ ସହିତ ମୁକାବିଲା ହେଲା । ଦେଶପ୍ରେମୀ ନାରାୟଣ ବୀର ଦର୍ପରେ ଫେରିଆସିଲେ ସୋନାଖାନ୍ । ଶତ୍ରୁ ହାତରେ ଧରାପଡ଼ି ଫାଶି ପାଇଲେ ।

✱ ଶହୀଦ୍ ଗୋବିନ୍ଦ ସିଂହ :

୧୮୫୭ ବେଳକୁ ସୁରେନ୍ଦ୍ରଙ୍କର ନୂଆ ଯୁଦ୍ଧ ଧାରା ପ୍ରବର୍ତ୍ତିତ ହୋଇ ସାରିଥିଲା । ଦିନ ଦ୍ୱିପହରରେ ଇଂରେଜ ସୈନ୍ୟଙ୍କୁ ଆଟାକ୍ କରାଯିବ । ଘରେ ବାହାରେ ଅବା ବଡ ବଜାରରେ । ଭୟ ନାହିଁ, ପରବାୟ ନାହିଁ । ସଚେତ‌ଅବା ମୃତ୍ୟୁ ସେମାନଙ୍କର ଲକ୍ଷ୍ୟ ।

ଆଗେଇ ଆସିଥିଲେ ସୋନାଖାନ୍‌ର ପ୍ରଖ୍ୟାତ ଜମିଦାର ଗୋବିନ୍ଦ ସିଂହ । ବାପ୍ ସେ ବେଟା ଜ୍ୟାଦା । ଲେଫଟନାଣ୍ଟ ଲୁସି ସ୍ମିଥ୍ ତାଙ୍କ ବାପାଙ୍କୁ ଫାଶି ଦେଇଥିଲେ । ଏଥିପାଇଁ ଦେଓରି ଜମିଦାର ବିଶ୍ୱାସ ଘାତକତା

Digitized by srujanika@gmail.com

ମଧ୍ୟ କରିଥିଲେ । ମହାରାଜା ସାଏ ନାଗଫାଶ ରଚନା କରି ନାଗପୁରଣଙ୍କୁ ଫାଶି ଚଢ଼ାଇଥିଲେ । ଗୋବନ୍ଦଙ୍କ ରକ୍ତ ଟକ୍ ମକ୍ ଫୁଟୁଥିଲା । ପିତୃ ହତ୍ୟାର ପ୍ରତିଶୋଧ ନେବାର୍ ଦରକାର । ବିଦ୍ରୋହ ହେତୁ ନିଜ ଜମିଦାରୀ ଖଣ୍ଡିକ ମଧ୍ୟ ନିଲାମ ଉଠିଗଲା । ମହାରାଜଙ୍କ ସାଏଙ୍କ ଦମାକ୍ ବଢ଼ିଗଲା । ଘର ଚିହ୍ନି କୁମ୍ଭୀର ହେଲେ ପରିଣତ ଭୟାଭୟ ହୁଏ ।

କୁଞ୍ଜଲ ସିଂହଙ୍କ ଝିଅଙ୍କୁ ବାହାହେଲେ ଦେଶ ପ୍ରେମୀ ଗୋବନ୍ଦ । ଅବିରତ ମନରେ ଥାଏ ପ୍ରତିଶୋଧର ନିଆଁ । ମହାବୀର ସୁରେନ୍ଦ୍ରଙ୍କ ସହିତ ଯୋଗସୂତ୍ର ରକ୍ଷା କରାଯାଇଥାଏ । ପାଞ୍ଚଶହ ସୈନ୍ୟଙ୍କୁ ପ୍ରସ୍ତୁତ କରାଗଲା ।

ସେଦିନ ଥାଏ ୧୮୬୦ ଜୁଲାଇ ଷୋଳ । ଦିନ ଦିପହରରୁ ଟିକେ ଗଡ଼ି ଯାଇଥାଏ । କମ୍ପାନୀ ସରକାର ହାତରୁ ପ୍ରଚୁର ଲାଞ୍ଚ ଖାଇ ଦେଓଗ ଜମିଦାର ମହାରାଜା ସାଏ ମସଗୁଲ ହୋଇ ପଡ଼ିଥିଲେ । ଧରାକୁ ସରା ମଣୁଥିଲେ । ହଠାତ୍ ଶଶୁର ଓ ଜ୍ୱାଇଁ ପାଞ୍ଚଶହ ବିଦ୍ରୋହୀଙ୍କୁ ଧରି ମହାରାଜା ସାଏଙ୍କ ଘରେ ପଶିଗଲେ । କଦାଟ ଖିରିକା ଭାଙ୍ଗି ଦେଲେ ଝିଅ ଜ୍ୱାଇଁଙ୍କୁ ଅପହରଣ କରିନେଲେ ।

ମହାବୀର ଗୋବନ୍ଦ ସିଂହ ଓ କୁଞ୍ଜଲ ସିଂହ ମାତୃହନ୍ତା ମହାରାଜା ସାଏଙ୍କୁ ହତ୍ୟା କରିଦେଇ ଖୁବ୍ ଜୋରରେ ହସି ଉଠିଲେ । ଭୂଙ୍ଗା ନୁଙ୍ଗୁରାର ହିସାବ ନିକାଶ କରିଦେଇ ଦେଶପ୍ରେମୀ ଗୋବନ୍ଦ ସିଂହ ଖୁରିଣ୍ଡିକୁ ଶେଷ ପ୍ରଣତ ଜଣାଇ ଫେରାର ହୋଇଗଲେ ଖଡ଼ିଆଳ ଅଞ୍ଚଳକୁ । ଆଜଯାଏ ତାଙ୍କ ପରିଚୟ ସେଇ ଅନ୍ଧାର ଭିତରେହିଁ ରହିଯାଇଛି । ହେ କିମ୍ବଦନ୍ତି ଶହୀଦ୍ ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବରେ ଆପଣଙ୍କୁ କୋଟି କୋଟି ପ୍ରଣାମ ।

* ବିପ୍ଳବୀ ଗୁଡ଼ି ଖୁଣ୍ଟିଆ :

ସେଦିନ ପୁରୀଠାରେ ଥିବା ମିଶନାରି ହାକିମ ପାଖକୁ ଗୁଡ଼ି ଖୁଣ୍ଟିଆ ଯାଇଥିଲେ ଭତ୍ତା ଟଙ୍କା ଆଣିବା ଲାଗି । ହାକିମ ନଥିବାରୁ ତାଙ୍କ ପିଅନ ଟିକେ ଚଢ଼ା ଗଳାରେ କହିଦେଲା - ଅପେକ୍ଷା କର । ସାହେବ ଆସିଲେ ତୁମ ଭତ୍ତା ଟଙ୍କା ମିଳିବ ।

Digitized by srujanika@gmail.com

ସଚେ ଅବା ସୃଷ୍ଟିଙ୍କ ରକ୍ତରେ ନିଆଁ ଲଗିଗଲା । ଫିରଙ୍ଗି ପିଅନର କଥା ତାଙ୍କ ଦେହରେ ହୁଣ୍ଡା ଚଲାଇଦେଲା । ସିଂହ ଭଳି ଗର୍ଜନ କରି ସୃଷ୍ଟି କହିଲେ-କି ସାହେବ ଦେଖାଉଛୁ ମତେ ? ଏଇ ହାତରେ କେତେ ସାହେବଙ୍କର ଗାଲ ସେକ ଦେଇଛୁ ଜାଣୁ ? ଦେଖିବୁ ଏଇଲେ ? ମୁଷ୍ଟି ନସକାଳ ପରି ତୋ ଗାଲ ସେକଦେବ ।

ପିଅନ ଚମକି ପଡ଼ିଲା । ଗୁମ ମାରି ମନେ ମନେ ଭାବୁଥିଲା-କି ସିଂହଅଛି ଲୋକ ହଜୁରୀ ଆପଣେ ? ହାତ ମଳି ମଳି ପିଅନ ଚୁପ୍ ରହିଲା ସିନା ସୃଷ୍ଟିଙ୍କ ନରସିଂହ ରୂପ ଦେଖି ଆଉ ପଦେ କହିଲା ନାହିଁ ।

୧୮୨୭ କାର୍ତ୍ତିକ ମାସ । ପୁରୀ ହରଚଣ୍ଡି ସାହିର ଭୀମସେନ ହଜୁରୀଙ୍କ ଘରେ ପୁଅ ଟିଏ ଜନ୍ମ ନେଲା । ସେତେବେଳେ ଭୀମସେନ ବଡଠାକୁରଙ୍କ କପାଳରେ ଚନ୍ଦନ ଟିପା ଦେଉଥିଲେ । ପୁଅ ହେବା ଖବର ଶୁଣି କହିଲେ ହେ ପ୍ରଭୁ ! ମୋ ଚନ୍ଦନ ତୁମକୁ ଲାଗିଲା । ସେଦିନ ସେଇ ଚନ୍ଦନ ଲୋକ ଘରର ରକ୍ତ ଚନ୍ଦନ ହୋଇ ମହକିଲା ।

ଚନ୍ଦନଙ୍କର ଅନ୍ୟତମ ନାମ ଥିଲା - ସୃଷ୍ଟି ଖୁଣ୍ଟିଆ । ମହାପ୍ରସାଦ ବଜାରଙ୍କ ଠାରୁ ଡାଲି ବେସର ଜୋର ଜବରଦସ୍ତ ଆଣି ସୃଷ୍ଟି ଥିଲେ । ମହା-ପ୍ରସାଦ ସୃଷ୍ଟି ସୃଷ୍ଟି ସେ ଇଂରେଜଙ୍କ ପିସାଙ୍କ ପଣ ପରଖିଦେଲେ । ବାପା ଭୀମସେନ ହଜୁରୀ ଉତ୍ତର ଭାରତକୁ ଯାତ୍ରୀ ବ୍ୟବସାୟରେ ଯାଉଥିଲେ । ଚନ୍ଦନଙ୍କୁ ମଧ୍ୟ ସାଙ୍ଗରେ ନେଉଥିଲେ । ସୃଷ୍ଟି ହିନ୍ଦୀ ଶିଖିଲେ । ସ୍ୱାଧୀନତାକୁ ଭଲ ପାଇଲେ । ଇଂରେଜକୁ ଘୃଣାକଲେ ।

ଯୁବ ବୟସରେ ବଡ଼ ଠାକୁରଙ୍କର କାଠିଆ ହେଲେ । ନାଗାଘରେ କୁସ୍ତି କସରତ କଲେ । ପୁରୀର ନାଗାଘର, ସାଙ୍ଗ, ଭାଙ୍ଗ ଢଙ୍ଗରେ ବସିଲା-ବେଳେ ଠିକ୍ କରାଗଲା - ଫିରଙ୍ଗି ମାନଙ୍କୁ ଭଲରକମ କୁଟଣଟାଏ ଦେବ । ଶ୍ରେଣିକ ଯାହାହେବ ଦେଖାଯିବ । ସେଥିପାଇଁ ବଡଠାକୁରଙ୍କ ପାଖରୁ ଅନୁମତି ମଗାହେଲା । ସୃଷ୍ଟିଙ୍କ କଵିତାରେ ସେହି ଦିବ୍ୟ ପଂକ୍ତିଟି ଫୁଟି ଉଠିଲା ।

"ଧଣ୍ଡାମାନେ ବୁଢ଼ା ଦୁର୍ଦ୍ଦଶା ସ୍ମୃତି
ଚଣ୍ଡାଳ ଗାମୁଅଛୁ ସୃଷ୍ଟି ସୃଷ୍ଟି"।

Digitized by srujanika@gmail.com

୧୮୫୭ । ବୃଷି ଗୁଲିଗଲେ ଲକ୍ଷ୍ନୌ । ମହାରାଣୀ ଲକ୍ଷ୍ମୀବାଈଙ୍କ ଝାନ୍‌ସି ସେତେବେଳକୁ ଜଳୁଥାଏ । ତାତ୍ୟା ଟୋପେ, ନାନା ସାହେବ, ଲକ୍ଷ୍ମୀବାଈ ଓ ବୃଷି ଖୁଣ୍ଟିଆ ଫିରଙ୍ଗି ଶକ୍ତିର ମୁକାବିଲା କରି ଦେବାଲାଗି ରକ୍ତ ଶପଥ ନେଇଥିଲେ । ଝାନ୍‌ସିର ସପ୍ତଦଶ ବାଟାଲିୟନ୍ ଓ ଲକ୍ଷ୍ମୀବାଈଙ୍କ ସୈନ୍ୟ ବାହିନୀ ଉପରେ ବୃଷିଙ୍କର ଅତୁଟ ପ୍ରଭାବ ଥିଲା । ଝାନ୍‌ସି ବିଦ୍ରୋହର ଠିକଣା ବବରଣୀ ବୃଷି ନିଜ ସାନଭାଇ କପଳଙ୍କ ପାଖକୁ ଲେଖି ପଠାଉଥିଲେ ।

୧୮୫୮ । ଜୁନ ତିରିଶ ତାରିଖରେ କଟକ କମିଶନର ପୁରୀ କଲେକ୍ଟରଙ୍କୁ ଲେଖିଥିଲେ - ବୃଷି ଜଣେ ସନ୍ଦେହଜନକ ବିଦ୍ରୋହୀ ତାଙ୍କୁ ଯଥାସମ୍ଭବ ଆରେଷ୍ଟ କର । ତାପରେ ବିପ୍ଳବୀ ବୃଷି ଖୁଣ୍ଟିଆଙ୍କୁ ଗିରଫ କରାଗଲା । ପୁରୀ ଠାରେ ଥିବା ସମସ୍ତ ଭୂ ସମ୍ପତ୍ତି ବାଜ୍ୟାପ୍ତ କରାଗଲା । ପରେ କମିଶନରଙ୍କ ନିର୍ଦ୍ଦେଶ ମତେ ତାଙ୍କ ସମ୍ପତ୍ତି ମଧ୍ୟ ତାଙ୍କୁ ଫେରସ୍ତ କରାଗଲା ।

ହଠାତ୍ ଗୁଜବ ପ୍ରସାରିତ ହେଲା - ବୃଷି ମୃତ । ଓଡ଼ିଶାବାସୀ ପ୍ରାଣପ୍ରିୟ ବିଦ୍ରୋହୀଙ୍କ ମୃତ୍ୟୁରେ ହତବାକ୍ ହୋଇପଡ଼ିଲେ । କିନ୍ତୁ କିଛି ଦିନ ପରେ ବୃଷି ପୁରୀ ଫେରିଆସିଥିଲେ । ପତ୍ନୀ ସୁନ୍ଦରମଣିଙ୍କୁ କେହି ଜଣେ ପରିହାସରେ କହିଲା — ନଈରେ ବାଳିଆ ଚରୁଥିଲା କଜଳ ମୁଦର ନାଆଲେ ନାକ ପୁଣି ବୃଷିଆ ନେଉଥିଲା ।

ବୃଷି ଆସିଲେ । ମାଆ କୋଳକୁ ପୁଅ ଆସିଲା । ଶେଷ ଜୀବନ ଶ୍ରୀ ଜଗନ୍ନାଥଙ୍କ ସେବା ପୂଜାରେ ବିତାଇ ବୃଷି ଖୁଣ୍ଟିଆ ୧୮୭°ରେ ଇହଧାମ ତ୍ୟାଗ କଲେ ।

** ବିପ୍ଳବୀ ରାମକୃଷ୍ଣ ସାମନ୍ତ ସିଂହାର :

୧୮୫୭ ଅଗଷ୍ଟ । ଯାଜପୁର ଥାନା ଅଧିନସ୍ଥ ବାଲିଆ ଜମିଦାରୀରୁ ଭୃତଧ୍ଵନୀ ଶୁଭିଲା - କମ୍ପାନୀ ସରକାରକୁ କେହି ଖଜଣା ଦିଅନାହିଁ । ଜମିଦାର ରାମକୃଷ୍ଣ ସାମନ୍ତସିଂହାର ଆମ ମୁକ୍ତି ସଂଗ୍ରାମର ଅନନ୍ୟତମ ସଫଳ ନାୟକ ।

Digitized by srujanika@gmail.com

ନିଜର ଦୁଇ ବିଦ୍ରୋହୀ ସାଥି ଝାନବନ୍ଧୁ ଓ ଉପେନ୍ଦ୍ରଙ୍କୁ ଧରି ଗାଁ ଗାଁରେ ପ୍ରଚାର କଲେ ଖଜଣା ଦିଅନାହିଁ ।

ବାଲିଆ ଖବର ପହଞ୍ଚିଲା କଟକଠାରେ । ଫିରିଙ୍ଗି ଦପ୍ତର ହୁଲୁସ୍ଥୁଲ ହୋଇଗଲା । ଧାଁ ଦୌଡ଼ ଆରମ୍ଭ ହୋଇଗଲା । ଖବର ବୁଝିବାକୁ ଜଣେ ଦାରୋଗା ବାଲିଆ ଠାରେ ପହଞ୍ଚିଲା । ଜମିଦାରଙ୍କ ଘରୁ ଶାଣଦିଆ ଖଣ୍ଡା ଓ କେତୋଟା ଅଫୁଟା ବୋମା ମିଳିଲା । ଓଡ଼ିଶାର ଇଂରେଜ ମହଲରେ ପ୍ରଚଣ୍ଡ ବିସ୍ଫୋରଣ ହେଲା । ବିପ୍ଳବୀ ରାମକୃଷ୍ଣଙ୍କୁ ଗ୍ରେପ୍ତାର୍ କରାଗଲା । ବିଚାର ମଧ୍ୟ ଚାଲିଲା ।

ଗୋରା ଜଜ୍ ରାମକୃଷ୍ଣଙ୍କୁ ପଚାରିଲେ - ତୁମ ଘରେ କାହିଁକି ମାରଣାସ୍ତ୍ର ରଖିଥିଲ ?

ରାମକୃଷ୍ଣଙ୍କ ମୁହଁରୁ ଶୁଭିଲା - ତୁମରି ପ୍ରୀତିଲାଗି ।

ଚମକି ପଡ଼ିଲେ ଗୋରା ଜଜ୍ - ମୁହଁ ଶେତା ପଡ଼ିଗଲା । ଛାତି ଧଡ଼୍ ପଡ଼୍ ହେଲା । ଓଠ ଗୃଟି ଗୃଟି କହିଲେ - କି ଡେଞ୍ଜରସ୍ ଓଡ଼ିଆ ଗୁଡାକ । ଦୁର୍ବଳତା ଘୋଡ଼ାଇବା ଲାଗି ଜଜ୍ ସାହେବ ଅପଚେଷ୍ଟା କରିଥିଲେ ମାତ୍ର କାଠ ଗଡାରେ ଠିଆ ହୋଇ ବିପ୍ଳବୀ ରାମକୃଷ୍ଣ ମୁରୁକି ମୁରୁକି ହସୁଥିଲେ ।

ଇତି ମଧ୍ୟରେ ବାଲିଆର ରୟତ ମାନେ କେତେଜଣ ଗୋରା କର୍ମଚାରୀଙ୍କୁ ...ଶ ଗଛରେ ବାନ୍ଧି ଝଣ୍ଡ୍ ମ୍ ଛେଚିଲେ । ଗୋରା ଲୋକ ଧରିନେଲେ ଟ୍ୟାକ୍ସ କଲେକ୍ଟରକୁ ମାଡ ଅର୍ଥ ଇଂରେଜ ସାମ୍ରାଜ୍ୟକୁ ମାଡ ।

ବିଚାରରେ ରାମକୃଷ୍ଣ ଓ ଝାନବନ୍ଧୁଙ୍କୁ ପାଞ୍ଚବର୍ଷ ସଜା ହେଲା । ତେର ଟଙ୍କାରେ ବିପ୍ଳବୀ ଜମିଦାର ରାମକୃଷ୍ଣ ସାମନ୍ତସିଂହାରଙ୍କ ବାଲିଆ ଜମିଦାରୀ ନିଲାମ କରାଗଲା । ପରବର୍ତ୍ତୀ ସମୟରେ ସୁନା ପିଲାପରି ସରକାର ନିଜ ଭୁଲ୍ ବୁଝିପାରି ତାଙ୍କୁ ସମସ୍ତ ସମ୍ପତ୍ତି ଫେରସ୍ତ କରିଦେଲେ ।

* ଶହୀଦ୍ ଜଗୁ ଦେୱାନ :

ସିଂ ଭୂମି ବା ସିଂହ ଭୂମି । ଜାମ ଶୋଲା ଠାରୁ ଜୟନ୍ତ ଗଡ଼ । ସୁବର୍ଣ୍ଣ ରେଖାଠାରୁ ବୈତରଣୀ । ସିଂହ ରଜାଙ୍କ ନାମ ଅନୁସାରେ ସିଂହଭୂମିର ଜନ୍ମ । ଆଜି କେତେକ କହୁଥାଆନ୍ତି ଆଦିବାସୀ ଠାକୁର ସିଂବୋଙ୍ଗାଙ୍କ

Digitized by srujanika@gmail.com

ନାରେ ସିଂ ଭୂମି ଜନ୍ମ । ସିଂ ଭୂମିର ଲୋକେ ପଖାଳ, ପାଚୁଆ, ବଡ଼, ଖୁଦୁଆ, ଉଖୁଡ଼ା, ମୁଢ଼ି ଖାଉଥାନ୍ତି । ରଜ, କୁଆଁର ପୂନେଇଁ, ବନ୍ଦେଵ ଓ ଖୁଦୁରୁକୁଣୀ ପାଳିଥାନ୍ତି । ଘର କାନ୍ଥରେ ଝୋଟି ପକାନ୍ତି । ଓଡ଼ିଆଣୀଙ୍କ ପରି ବେଣୀ ବାନ୍ଧନ୍ତି । ଭଗବତ ଟୁଙ୍ଗିରେ ଭାଗବତ ପଢ଼ିଥାନ୍ତି । ବାହାବେଦୀରେ ସଂକଳ୍ପ କରନ୍ତି – 'ଜମ୍ବୁଦ୍ୱୀପେ ଭରତଖଣ୍ଡେ ଉତ୍କଳଦେଶେ ··· ··· ···

୧୯୩୬ ମସିହାରେ ଛଅଟି ଜିଲ୍ଲାକୁ ନେଇ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ହେଲା । ୧୯୯୯ କୁ ସ୍ୱତନ୍ତ୍ର ଓଡ଼ିଶାକୁ ତେଷଠି ବର୍ଷ ପୂରିଗଲା । ଏହା ଭିତରେ ସ୍ୱତନ୍ତ୍ର ଓଡ଼ିଶାର ହୀରକ ଜୟନ୍ତୀ ଉତ୍ସବ ପାଳିତ ହୋଇ ସାରିଛି । କିନ୍ତୁ ସିଂ ଭୂମି ଷଢେଇ କଳା ଓ ଖରସୁଆଁ ବିହାରରୁ ଆସିନାହିଁ । ୧୯୩୬ ଉତ୍ସବର ଦିନୁ ସେ ଅଞ୍ଚଳ ବିହାରକୁ ଯାଇଛି ଯେ, ତାର ଖୋଜ ଖବର ନେବାକୁ ସତେ ଅବା କେହି କୁଆଡେ ନାହିଁ । ଖାଲି ବିହାର ନୁହେଁ ପଶ୍ଚିମବଙ୍ଗ; ମଧ୍ୟପ୍ରଦେଶ, ଆନ୍ଧ୍ର ପ୍ରଦେଶରେ ଆମର ଅନେକ ଅଞ୍ଚଳ ରହିଯାଇଛି । ମହାମେଘବାହନ କଳିଙ୍ଗାଧିପତି ଖାରବେଳଙ୍କ ରାଜ୍ୟ ଛାରଖାର୍ ହୋଇଛି । ସିଂଭୂମିର ଲୋକେ ଆମ ସାବତ ଭୂଇଁର ଭାଇ ତାଙ୍କୁ ନେଇ ଆଜ ଆମେ ଗର୍ବ କରୁଛୁ । କରିବା ଉଚିତ୍ ମଧ୍ୟ ।

ସିଂହର ଭୂଇଁ ଥିଲା – ସିଂହ ଭୂମି । ଅନେକ ବିପ୍ଳବୀ ସିଂହ ସେଠାରେ ମୁଣ୍ଡଟେକିଥିଲେ । ସେମାନଙ୍କ ଭିତରେ ଥିଲେ ଜଣେ ବିପ୍ଳବୀ ଓଡ଼ିଆ ସିଂହ ଜଗୁ ଦେୱାନ୍ ପୁରା ନାମ ଜଗବନ୍ଧୁ ପଟ୍ଟନାୟକ । ପୋଡ଼ାହାଟ ରାଜା ଅଚ୍ୟୁତ ସିଂହ ଏବଂ ଅର୍ଜ୍ଜୁନ ସିଂହଙ୍କ ଓଡ଼ିଆ ଦେୱାନ୍ ଜଗବନ୍ଧୁ ପଟ୍ଟନାୟକ ।

ଜଗବନ୍ଧୁଙ୍କ ରକ୍ତରଙ୍ଗା ସମର କାହାଣୀ ଗଳ୍ପ ଝର୍ଥର ରକ୍ତଭିଜା ଇତିହାସ । ୧୮୫୭ ର ସିପାହୀ ବିଦ୍ରୋହ ସମୟରେ ଜଗବନ୍ଧୁ ପଟ୍ଟନାୟକ ଥିଲେ ସିଂ ଭୂମିର ମୁଖ୍ୟ ପ୍ରଶାସକ । ତା ପୂର୍ବରୁ ତାଙ୍କର ପ୍ରେରଣାରେ ୧୮୩୦ରେ କୋଲ୍ହ ବିଦ୍ରୋହ ମୁଣ୍ଡ ଟେକିଥିଲା ।

୧୮୫୭ ମସିହା । ହଠାତ୍ ପୋଡ଼ାହାଟ ରାଜପ୍ରସାଦ ଭିତରୁ ଓଡ଼ିଆ ଦେୱାନ୍ ଜଗବନ୍ଧୁଙ୍କର ରଣ ହୁଙ୍କାର ଶୁଭିଲା – ମୋ ରାଜା ଫିରିଙ୍ଗି ପାଖେ ମୁଣ୍ଡ ନୋଇଁବ ନାହିଁ । ଠିକ୍ ସେପରି ୧୮୦୪ରେ ଖୋର୍ଦ୍ଧା ମାଟିରୁ ଜୟୀ-

Digitized by srujanika@gmail.com

ରାଜଗୁରୁଙ୍କ ରକ୍ତ ତତଲ ଯୁଦ୍ଧ ଦେଖିବ ଉତ୍କଳ ଶୁଣିଥିଲା । ଏମାନଙ୍କ ପଛରେ ଇଂରେଜ କମିଶନର ଲଫିଂଟନ, କ୍ୟାପ୍ଟେନ ବର୍କ, ଡାଲଟନ୍ ଓ କ୍ୟାପ୍ଟେନ ହେଲ୍ । ସମସ୍ତ ଉପରେ ନଜେ ନଜର ଓ୦ କାମ୍ବୁଡ଼ ନକାଇଲେ ।

ଜଗୁ ଦେୱାନ୍ ସେଦିନ ରାଜା ଅର୍ଜୁନ ସିଂହଙ୍କୁ ହାତ ଦେଇ କହିଲେ ମାଆକୁ ଚର ପାଖେ ବନ୍ଧା ଦେଇ ଯେଉଁ ପୁଅ ଖୁସି ହୁଏ ସେ ବଞ୍ଚିବା ଯାହା ମରିବା ସେଇଆ ।

କମ୍ପି ଉଠିଲେ ରଜା ଅର୍ଜୁନ ସିଂହ । କମ୍ପିତ କଣ୍ଠରେ କହିଲେ-ନା ଦେୱାନ୍ ଆପଣେ ! ଏ ଦେହରେ ଶେଷ ରକ୍ତବନ୍ଦୁ ଥିବା ଯାଏ ଫିରଙ୍ଗି ପାଖେ ମୁଁ ମୁଣ୍ଡ ନୁଆଁଇବି ନାହିଁ । କେବଳ ଜଗୁଦେୱାନ୍‌ଙ୍କ କଥାରେ ହିଁ ରାଜା ଅର୍ଜୁନ ସିଂହ ବିଦ୍ରୋହ ମଶାଲ ଜାଳିଦେଲେ । ନିଜ ଶଶୁର ମୟୂରଭଞ୍ଜ ରାଜାଙ୍କ ଆପୋସ୍ ପ୍ରସ୍ତାବକୁ ମଧ୍ୟ ଅଗ୍ରାହ୍ୟ କରିଦେଲେ ।

ଜଗୁ ଦେୱାନ ପ୍ରଥମରୁ ଜାଣିଥିଲେ ଫିରଙ୍ଗି ମାନେ ନାଗ ବିଛା । ସେମାନଙ୍କୁ ହସିଆର ରହିବାକୁ ପଡ଼ିବ । ସିଂ ଭୂମିର ଆଦିବାସୀ କନ୍ଧ ମାନେ ଜଗୁଙ୍କ ସହିତ ହାତ ମିଳାଇଲେ । ଖାଲ୍‌ଦା ଠାରେ ଗୁପ୍ତ ବନ୍ଧୁକ କାରଖାନା ମୁଣ୍ଡ ଟେକିଲା । ସମସ୍ତ ଆଦିବାସୀ ଖୁରିଭଉଣୀ ବିଦ୍ରୋହରେ ମାତିଗଲେ ।

କମିଶନର୍ ଲଫିଂଟନ୍ ସଶସ୍ତ୍ର ଫୌଜ ଧରି ପୋଡ଼ହାଟ ରାଜପ୍ରାସାଦ ଉପରେ ଆକ୍ରମଣ କଲା । ଜଗୁ ଦେୱାନ୍ ମଧ୍ୟ ନିଜର ସ୍ୱଦେଶୀ ସୈନ୍ୟଙ୍କୁ ନେଇ ଶତ୍ରୁ ସେନା ଉପରେ ତୋପାନ ଆକ୍ରମଣ ଆରମ୍ଭ କରିଦେଲେ । ଜଗୁଙ୍କ ଆକ୍ରମଣର ମୁକାବଲା କରି ନପାରି ଲଫିଂଟନ୍ ଅବଶେଷରେ ଯୁଦ୍ଧ କ୍ଷେତ୍ରରୁ ଚଂପଟ ଦେଲେ ।

୧୮୫୮ । ନୂଆବର୍ଷ । ସିଂ ଭୂମିର ଗୋଗ୍ରା ଜଙ୍ଗଲ । ଗୋଗ୍ରା ସେନାପତି ହେଲ୍ ନିଜର ବୃହଦାକାର ସୈନ୍ୟ ଦଳ ଶିବିର ପକାଇ ଥିଲା ହଠାତ୍ ଜଗୁଦେୱାନ୍ ମୁକ୍ତି ବାହିନୀ ଶତ୍ରୁ ଶିବିର ଉପରେ ଆକ୍ରମଣ କଲା । ଜଣେ ହେଲେ ଶତ୍ରୁ ସୈନ୍ୟ ଅକ୍ଷତ ନଥିଲେ ।

Digitized by srujanika@gmail.com

ସରକାରୀ ଟ୍ରେଜେରୀ ଲୁଟ୍ କରାଗଲା । ବ୍ରିଟିଶ ଅଫିସ୍ ଗୁଡ଼ିକରେ ହୈ-ଚୈ ହେଉଗଲା । ଜଗୁ ଦେୱାନ୍‌ଙ୍କ ବିଦ୍ରୋହ ଦମନ କରିବା ଲାଗି ଆସିଷ୍ଟାଣ୍ଟ କମିଶନର ବର୍କ ନିଯୁକ୍ତ ହେଲେ ।

ଅଚିରେ ବର୍କ ସାହେବ ରାଜା ଅର୍ଜୁନ ସିଂହଙ୍କୁ ସାକ୍ଷାତ କରିବା ଲାଗି ଡକାଇ ପଠାଇଲା । ଜଗୁଦେୱାନଙ୍କ ମୁହଁରୁ ପ୍ରତ୍ୟୁତ୍ତର ହେଲା – ମୋ ରାଜା ଫିରିଙ୍ଗି ଦପ୍ତରକୁ ଯିବେନାହିଁ । ବର୍କ ସାହେବର ମୁହଁ ଲାଜରେ କଳା ପଡ଼ିଗଲା । ଇଂରେଜ ପକ୍ଷର ପ୍ରଚଣ୍ଡ ଆକ୍ରମଣରେ ବିଦ୍ରୋହୀ ବାହିନୀ ଶିଥିଳ ହୋଇଗଲା । କିଛିଦିନ ପରେ ବିଦ୍ରୋହୀ ଦେୱାନ ଜଗୁ ଟ୍ରେଜେରୀରୁ ଲୁଣ୍ଠନ କରାଯାଇଥିବା ସରକାରୀ ଅର୍ଥ ଓ ବନ୍ଦୀ ଥିବା ସରକାରୀ ସୈନ୍ୟ ଧରି କମିଶନର ଡାଲ୍‌ଟନ ପାଖରେ ହାଜର ହେଲେ । କିନ୍ତୁ ଚତୁର ଡାଲ୍‌ଟନ ସେଦିନ ଜଗବନ୍ଧୁଙ୍କୁ ପରାମର୍ଶ ଦେଲା – ଏ ସବୁ ତୁମେ ଆସିଷ୍ଟାଣ୍ଟ କମିଶନର ବର୍କ ସାହେବଙ୍କ ନିକଟରେ ଜମା ଦିଅ । ସେ ତୁମର ହିତାକାଂକ୍ଷୀ ।

ସରଳମନା ଜଗବନ୍ଧୁ ପଟ୍ଟନାୟକ ନିରସ୍ତ୍ର ହୋଇ ବର୍କଙ୍କୁ ସାକ୍ଷାତ କଲେ । ଲୁଣ୍ଠିତ ସରକାରୀ ଖଜଣା ଓ ସୈନ୍ୟ ଫେରାଇ ଦେବା ପରେ ପରେ ତାଙ୍କୁ ସେହି ଅଫିସ୍ ଭିତରେ ସୈନ୍ୟ ସହାୟତାରେ ଗିରଫ କରାଗଲା । ବିଦ୍ରୋହୀ ବାହିନୀର ଚେପ୍ଟାଳଣି ଜଣଙ୍କୁ ମଧ୍ୟ ଅଟକ ରଖାଗଲା ।

ଖବର ରଟିଲା । ମହାରାଣୀଙ୍କ ଶାସନ ବିରୁଦ୍ଧରେ ବିଦ୍ରୋହ କରିଥିବା ନେତୃ ସମସ୍ତଙ୍କୁ ଫାଶି ଦିଆଗଲା । ଝାଲ୍‌ଦା ଠାରେ ଥିବା ବନ୍ଧୁକ କାରଖାନାକୁ ମଧ୍ୟ ଜବତ୍ କରାଗଲା ।

ଚନ୍ଦ୍ରଧରପୁର ରାଜବାଟି । ରାଜବାଟି ଆଗରେ ବିରାଟ ଗଛ । ସେହି ଗଛ ଡାଳରେ ଫାଶି ଦିଆଗଲା ଓଡ଼ିଶା ମାଟିର ଅମର ସନ୍ତାନ ଦେୱାନ ଜଗବନ୍ଧୁ ପଟ୍ଟନାୟକଙ୍କୁ । ଗର୍ବୋନ୍ନତ ମୁଣ୍ଡ ତଳକୁ ଝୁଲି ପଡ଼ିଲା । ଗୋଡ଼ ଉପର ଡାଳରେ ବନ୍ଧା ହୋଇଥିଲା । ଶବ ତଳେ ନିଆଁ ଜଳା ହେଲା । ଇଂରେଜ ପ୍ରଶାସକ ବର୍କ ସେଦିନ ଆକାଶ ଫଟା ହସ ହସି ହସି କହିଲେ-ଦେ ଜଗବନ୍ଧୁ : ତମ୍ଭମାନ ସାଙ୍ଗେ ଲଢ଼ି ମୁଁ ଭୁଲ କରିଛି ।

Digitized by srujanika@gmail.com

ହସି ଉଠିଲେ ବିପ୍ଳବୀ ଜଗବନ୍ଧୁ । ଖାର୍ ମୁହଁକୁ ଚେଙ୍ଗାଏ ଛେପ ପକାଇଦେଇ କହିଲେ - ଶୁଣ୍ ନିର୍ଲଜ ଏ ପିଣ୍ଡରେ ଶେଷ ରକ୍ତ ବିନ୍ଦୁ ଥିବା ଯାଏ ସେକଥା କହି ପାରିବ ନାହିଁ । ଜୟ ମା ଭବାନୀ - ଜୟ ମା ଜନନୀ ।

ଫାଶି ଦଉଡ଼ିରେ ଜଗୁ ଦେବାନ୍ ନିଃଶେଷ ହୋଇଗଲେ । ଓଡ଼ିଶାର ପ୍ରଥମ ଜୟୀରାଜଗୁରୁ ଶହୀଦ୍ ହେଲେ । ମରି ମଧ୍ୟ ଅମର ମଣିଷ ହେଲେ ଅମର ସହୀଦ୍ ଜଗୁ ଦେବାନ ଜିନ୍ଦାବାଦ୍... ...ଜିନ୍ଦାବାଦ୍ ।

❊ ଶହୀଦ୍ ରତ୍ନା ନାୟକ :

ରତ୍ନା ନାୟକ । ଉତ୍କଳର ମୁକ୍ତି ଲଢ଼େଇର ଦାବେଦାର୍ । ମାଟି ମାଆର ମେଣ୍ଟିହା (ଖାଣ୍ଡକଣ୍ଠା) । ମୁକ୍ତି ସଂଗ୍ରାମର ଦଶାଶ୍ୱ । ଜନ୍ମ ହୋଇଥିଲେ ବମ୍ବା-ପାଳ ଗାଁରେ । ପିଲାଦିନୁ ଶିଖିଥିଲେ ନିଆଁ ସାଙ୍ଗେ ଖେଳିବା । କେନ୍ଦୁଝର ରାଜ୍ୟରେ ହୁକାପିଠା ଶାସନ ବିରୁଦ୍ଧରେ ସ୍ୱରେଉଜନ କରି ୧୮୪୮ ମସିହାରେ ଛନବାନ ଜେଲ୍ ଭୋଗିଥିଲେ ।

୧୮୬୭-୬୭ ପୁଣି ଥରେ ରତ୍ନାଙ୍କ ମୁହଁରୁ ଶୁଭିଲା - ସାହେବର ପୁଅ ଆମ ରାଇଜରେ ରଜା ହେବ ? ଆମେ ତାକୁ ସଲାମ ପକାଇବା ?
ମିଳିତ କଣ୍ଠରୁ ଶୁଭିଲା - ନା - ନା - ନା ।

ତତ୍କାଳୀନ କେନ୍ଦୁଝର ଥିଲା ଗୋଟିଏ ଦେଶୀୟ ରାଜ୍ୟ । ରାଜ ରାଜୁଡ଼ାଙ୍କର ହୁକାପିଠା ଶାସନ । ଫିରିଙ୍ଗି ସାହେବଙ୍କର ଘଣ୍ଟ ଘୋଡ଼ିଆ ନୀତି । ନିରୀହ ଆଦିବାସୀ ଦୁଇ ପଟୁ ଅତ୍ୟାଚାରର ସବୁ ଦରମଲା ହୋଇ-ଯାଇଥିଲେ । ତଥାପି ବେଠି, ଭେଟି ଓ ନଜରାନାରୁ ନିସ୍ତାର ନାହିଁ ।

ଏହି ସମୟରେ କେନ୍ଦୁଝର ମହାରାଜା ଗଦାଧର ଭଞ୍ଜଙ୍କ ଦେହାନ୍ତ ହୁଏ । ଓଡ଼ିଶାର ମୁଖ୍ୟ ଇଂରେଜ ପ୍ରଶାସକ ଟି. ଇ. ରେଭେନ୍‌ସା କହିଲେ ଫୁଲବାଇ ରାଣୀଙ୍କ ପୁଅ ଧନୁର୍ଜୟ ଭଞ୍ଜ ରାଜା ହେବେ । କିନ୍ତୁ ଆଦିବାସୀ ମାନେ ତାଙ୍କୁ ରଜା ରୂପେ ମାନିବାକୁ ପ୍ରସ୍ତୁତ ନଥିଲେ । କାରଣ ଫୁଲବାଇ ରାଣୀ ଥିଲେ ଅବୈଧ । ତାଙ୍କ ସନ୍ତାନଙ୍କୁ ମଧ୍ୟ ଅବୈଧ ସନ୍ତାନ ଦୃଷ୍ଟିରେ ଦେଖାଯାଉଥିଲା । ସେଥିପାଇଁ ଆଦିବାସୀ ଭାଇ ଭଉଣୀଙ୍କ ମନ ବଦଳେଇ

Digitized by srujanika@gmail.com

ଉଠିଲା । ଅନ୍ୟାୟ ଅତ୍ୟାଚାରରେ ଛାଇ ସେମାନଙ୍କ ପ୍ରାଣ ମାଡ଼େ ନାହିଁ । କଟକ କମିଶନର ରେଭେନ୍‌ସା କହି ଧଇଲେ ଧନୁର୍ଜୟ ରାଜା ହେବେ । ଓଡ଼ିଶାର ଗୋଟିଏ ଛୋଟ ଦେଶୀୟ ରାଜ୍ୟ କେନ୍ଦୁଝରର ରାଜଗାଦି ଲାଗି ମହାମାନ୍ୟ କମିଶନରଙ୍କ ମୁଣ୍ଡ ଖେଳାଇବା କି ଦରକାର ଥିଲା ତାହା ତାଙ୍କୁ ହିଁ ଜଣା ।

ମାଟି ମାଆର ପ୍ରକୃତ ସନ୍ତାନ ଏ ଅନ୍ୟାୟକୁ ବରଦାସ୍ତ କଲେ ନାହିଁ । ନନ୍ଦାନାୟକଙ୍କ ମୁହଁରୁ ରକ୍ତ ତାତଲି ଫୁଟାର ଶୁଭିଲା - ସାହେବର ପୁଅ ରାଜା ହେବ ?

ମିଳିତ କଣ୍ଠରୁ ଶୁଭିଲା ନା - ନା - ନା ।

ନାଗେଶ୍ୱର ଘାଟି ହେଲା ବିଦ୍ରୋହୀଙ୍କ ଆଡ୍ଡା ସ୍ଥଳୀ । ଘୁଲି ସାହେବ ଏହି ଏଇ ଘାଟି ଆକ୍ରମଣ କଲେ । ଅନେକ ଦେଶ ପ୍ରେମୀ ହତାହତ ହେଲେ । ସେପଟେ କୁସୁମ ଘାଟିରେ ଅଗଣିତ ଶତ୍ରୁ ସୈନ୍ୟ ହଣା ଖାଇଲେ । ରାଜା ଧନୁର୍ଜୟ ପ୍ରାଣଭୟରେ ଇଂରେଜ ଶିବିରରେ ଲୁଚି ରହିଲେ । ସିଂ ଭୂମିର ଡେପୁଟି କମିଶନର ହେଜ୍ ରତ୍ନା ମେଳି ବନ୍ଦ କରିବା ଲାଗି ନିଯୁକ୍ତ ହେଲେ ।

ରତ୍ନାଙ୍କ ସହିତ ମିଶିଗଲେ ନନ୍ଦ ନାୟକ, ନନ୍ଦ ପ୍ରଧାନ, ବାବୁ ନାୟକ, ଦାଶରଥି କୁଅଁର, ଚନ୍ଦ୍ରା ନାୟକ ଓ ପଦୁ ନାୟକ ।

୧୮୬୮ ଅପ୍ରେଲ୍ ଏକୋଇଶି । ବିଦ୍ରୋହୀ ଭୂୟାଁ । ଧନୁ, ଖଇ, ଟାଙ୍ଗି, ବର୍ଚ୍ଛା, କଅଁ । ଧରି ଗଡ ଆକ୍ରମଣ କଲେ । ଅତ୍ୟାଚାରୀ ଦେବାନ୍ ନନ୍ଦ ବସ୍ତି ଆକୁ ହତ୍ୟା କରାଗଲା । ରାଜା ଧନୁର୍ଜୟଙ୍କର ଶହେଜଣ କର୍ମଚାରୀଙ୍କୁ ଅପହରଣ କରାଗଲା । ରତ୍ନାମେଳି ଭୟଙ୍କର ରୂପ ନେଇ ଦୋହଲି ଉଠିଲା ।

ମାନ୍ଦ୍ରାଜ୍ ଇନ୍‌ଫାଣ୍ଟ୍ରି ଧରି କମିଶନର ଟି.ଇ ରେଭେନ୍‌ସା ଜୁଲାଇ ସାତ ତାରିଖ ଦିନ କେନ୍ଦୁଝର ଠାରେ ପହଞ୍ଚିଲେ । ଡାଲଟନ ଓ ମହେନ୍ସ୍ ସାହେବ ମଧ୍ୟ ଆଗରୁ ସେଠାରେ ଡେରା ପକାଇ ରହିଥିଲେ । ସିଂ ଭୂମି ଏସ୍. ପି ଶ୍ରେଠୀ ସାହେବ ମଧ୍ୟ ଧନ୍ୱେ ସୈନ୍ୟ ଆଣି କେନ୍ଦୁଝର ଠାରେ ପହଞ୍ଚିଲେ । ଗୁଇଁବସାରୁ ସେନାଧକ୍ଷ ଗାଗାହାମ୍ ସୈନ୍ୟ ଆଣି କେନ୍ଦୁଝର ଗଡରେ ହାଜର ହେଲେ । ଛୋଟ ନାଗପୁର ମାଳ ଅଞ୍ଚଳରୁ ହଣ୍ଟର ସାହେବ ସୈନ୍ୟ ଆଣି ଧାଇଁ ଆସିଲେ । କିନ୍ତୁ ଭୂୟାଁ । ମାନଙ୍କ ଅଜେୟ ଶକ୍ତି ଦେଖି

Digitized by srujanika@gmail.com

ସମସ୍ତେ ଭକୁଆ ପାଲଟି ଗଲେ । ରତ୍ନା ନାୟକଙ୍କ ରକ୍ତାକ୍ତ ବିଦ୍ରୋହ ଦମନ ଲାଗି କେନ୍ଦୁଝର ଗଡ଼ ସୈନ୍ୟ ଛାଉଣୀ ହୋଇଗଲା । ପଡ଼ୋଶୀ ରାଜା ମାନେ ମଧ୍ୟ ଇଂରେଜଙ୍କୁ ଖୋଲା ଖୋଲି ସାହାଯ୍ୟ ଦେଲେ ।

ମେଳିଆ ସର୍ଦ୍ଦାର ରତ୍ନା ନାୟକ । ଭକ୍ତ ତୀର୍ଥର ରତ୍ନର ନାୟକ । ଅଗଷ୍ଟ ପନ୍ଦର ତାରିଖ ଦିନ ପୋଡ଼ାହାଟ (ସିଂଭୂମି) ସୈନ୍ୟଙ୍କ ହାତରେ ଧରା ପଡ଼ିଲେ । ତାଙ୍କ ସହିତ ଧରାପଡ଼ିଲେ ନନ୍ଦ ପ୍ରଧାନ । ଇମାଇ କୋଲ୍ହ ବନ୍ଧୁକ ମୂନରେ ରତ୍ନାଙ୍କ ବିଦ୍ରୋହ ଦମନ କରାଗଲା । ସଶସ୍ତ୍ର ଜଗୁଆଳି ମଝିରେ ରତ୍ନାଙ୍କୁ କଟକ ଅଣାଗଲା ।

ଓଡ଼ିଶାର କମିଶନର ଟି. ଇ ରେଭେନ୍‌ସା ନିଜେ ବିଦ୍ରୋହୀ ମାନଙ୍କର ବିଚାର କଲେ । ଅତ୍ୟାଚାରୀ ଦେବାନ୍ ନନ୍ଦ ବସ୍ତିଆ ଓ ଅଗଣି ଜଣ ଗୋରା କର୍ମଚାରୀଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଅମର ବିପ୍ଳବୀ ରତ୍ନାଙ୍କ ସମେତ ଚାରି ଜଣଙ୍କୁ ଫାଶି ହୁକୁମ୍ ମିଳିଲା । ସତେଇଶି ଜଣଙ୍କୁ ଦ୍ୱୀପାନ୍ତର ଦଣ୍ଡରେ ଦଣ୍ଡିତ କରାଗଲା । ଆଉ ଚଉଅଶି ଜଣଙ୍କୁ ଜେଲରେ ରଖାଗଲା ।

୧୮୬୮ ନଭେମ୍ବର ଅଠେଇଶି । ସୋମବାର । କେନ୍ଦୁଝର ରାଜବାଟି ଆଗରେ ଭକ୍ତ ତୀର୍ଥର ରତ୍ନାକର ରତ୍ନା ନାୟକ ଫାଶି ପାଇଲେ । ଫାଶି ମଞ୍ଚରେ ଠିଆ ହୋଇ ରତ୍ନା କହିଲେ - ତୁମେ ଆଜି ଓଡ଼ିଶାର ଜଣେ ରତ୍ନା ନାୟକଙ୍କୁ ଫାଶି ଦେଉଛ । ମାତ୍ର ତାର ରକ୍ତରୁ ହଜାର ହଜାର ରତ୍ନା ଏ ମାଟିରେ ଜନ୍ମ ନେଇ ବିଦେଶୀ ବେପାରୀଙ୍କୁ ଗୋଡ଼େଇ ଗୋଡ଼େଇ ପିଟିବେ । ସେଦିନ ସ୍ୱର୍ଗରେ ଥାଇ ମୁଁ ହସି ହସି କହୁଥିବି - ସାହେବ ପୁଅକୁ ସାଲାମ ଦିଅନା । ରତ୍ନା ନାୟକଙ୍କ ବାଣୀ ଆଜି ମଧ୍ୟ ଆମ ରକ୍ତରେ ଚମକ ସୃଷ୍ଟି କରୁଛି । ଧନ୍ୟ ରତ୍ନା ! ଧନ୍ୟ ତୁମ ବୀରତ୍ୱ ।

*** ରାମା ଦୋରା :**

୧୮୮୦ । ଭକ୍ତ ତୀର୍ଥର ରକ୍ତାକ୍ତ ସମ୍ଭାରର । ଓଡ଼ିଶାର ଦକ୍ଷିଣ ସୀମାନ୍ତର ଜାଗାଟିଏ । ନାଁ । ତାର ମୋଟୁ । ଯେଉଁଠାରେ ଶବରୀ, ସିଲେରୁ ନଦୀ କୁଳୁ କୁଳୁ ହୋଇ ବହିଯାଉଛନ୍ତି । ସେଇଠାରେ ଅନନ୍ତ ଆଦିବାସୀ କୋୟା ଜାତିର ଲୋକ । ମୁକ୍ତି ପିପାସୁ ବନବାସୀ ।

Digitized by srujanika@gmail.com

ଉତ୍ପୀଡ଼ନ, ବାଧା ବନ୍ଧନ ଜାଣିନାହାନ୍ତି । ସାହେବ ପଟୁଆର ସହି ପାରିଲେ ନାହିଁ । ପୋଲିସ୍‌ର ନାଲି ଆଖି, ଲମ୍ବା ନଳ ବନ୍ଧୁକ ଗୁଳିକୁ ନିଃଖାତିର୍ କଲେ । ସମସ୍ତେ କହିଲେ ଆମେ ସ୍ୱାଧୀନ ଥିଲୁ ରହିଛୁ ରହିବୁ ।

ସେଦିନ କୋୟା ନେତା ତାମାଦୋରା ଜାତି ଭାଇଙ୍କୁ ପଚାରିଲେ ଶୁଣିପାରୁଛ ମା'ଆର ଡାକ ? ଶୁଣ ସନ୍ଦେଶ । ଶହଶହ ଶିକୁଳିରେ ଆମକୁ ବାନ୍ଧିଛନ୍ତି ସାତ ସମୁଦ୍ର ସେପାରିରୁ ଫିରିଙ୍ଗି ଆସି ଆମକୁ ଶାସନ କରୁଛି । ତୁମେ କଣ ତା ସହିବ ଲଢ଼ିବ ନାହିଁ ? ତୁମେ କଣ ଏତେ ଭୀରୁ ?

ତାପରେ ତାମା କହିଲେ - ଦେଇ ଦେଖ ! ସକାଳର ନାଲି ସୂର୍ଯ୍ୟ ଆମକୁ ଡାକି ଠାରି କହୁଛି । ଆମେ ଏକାଠି ହେବା, ମେଳି କରିବା । ମିଳିମିଶି ରକ୍ତରେ ଧରଣୀ ମାଆକୁ ଅର୍ଘ୍ୟ ଦେବା, ମାଆ ଶୃଙ୍ଖଳ ଶତ୍ରୁର ଲାଲ୍ ତନ୍ଦ୍ର ଚନ୍ଦ୍ର ଚକ୍ର । ଭୁଲ ହେଳା କରନାହିଁ । ଆଗେଇ ଚାଲ - ଆଗେଇ ଚାଲ - ଫିରିଙ୍ଗି ସରକାରର ଅଫିସ ପୋଡ଼ି ଜାଳି ଛାରଖାର କରିଦିଅ । ମିଳିତ କଣ୍ଠରୁ ଶୁଭିଲା—

ମାଲକାନାଗିରି ଆମ ରାଇଜ

ତାମାଦୋରା ଆମ ରଜା ।

ମାନାଙ୍କଠୁ ମଧ୍ୟ ପ୍ରତିଧ୍ୱନିତ ହେଲା - ମାଲକାନାଗିରି ଆମ ରାଇଜ, ତାମ ଦୋରା ଆମ ରଜା । ବହୁତ କୋୟା ଫୌଜ କୁରାଢ଼ୀ, ଟାଙ୍ଗି ଫାର୍ଶା, ଧନୁଶର, ନଅଁ ହୁଳା ଧରି ଆଗେଇ ଚାଲିଲେ ପଡ଼ିଆ ଥାନା ଦଖଲ କଲେ । ଛଅ ଜଣ ପୋଲିସ ବାଧା ଦେବାରୁ ହଣା ଖାଇଲେ ।

ମାଛକୁଣ୍ଡ ନଈ ପାର ହୋଇ ବିଦ୍ରୋହୀ କୋୟା ମାନେ ଚାଲିଲେ ଆଗକୁ ଆଗକୁ । ସେମାନଙ୍କର ପ୍ରଧାନ ଲକ୍ଷ୍ୟ ସ୍ଥଳ - ମାଲକାନାଗିରି ଥାନା । ବୋଧ ହୁଏ ଆଗରୁ ବିଦ୍ରୋହର ସମ୍ବାଦ ପାଇ ଥାନାରେ କେହି ନଥିଲେ । ତାମାଦୋରା ଥାନା ଉପରେ ତିରଙ୍ଗା ଉଡ଼ାଇ ଦେଲେ । ତାପରେ ତାମା ବିଦ୍ରୋହୀ ସାଥୀମାନଙ୍କୁ କହିଲେ - ଭାଇମାନେ ! ଆମେ ଆଜି ସ୍ୱାଧୀନ । ଦେଖୁ ବନ୍ଧୀ ଦେଖ ଶହଶହ ଶିକୁଳିରୁ ଆମକୁ ଜାତି ବଳିର ବନ୍ଧେଇ ଜଣାଉଛନ୍ତି । କାଲି ସକାଳୁ ଆମକୁ ମୋଟୁ ଥାନା ଅଧିକାର କରିବାକୁ ହେବ ।

Digitized by srujanika@gmail.com

ବିଦ୍ରୋହୀ ଆଦିବାସୀ ମୋଟୁ ଥାନା ଅଧିକାର କରିବା ପୂର୍ବରୁ ତାମାଦୋରାଙ୍କ ମେଳି ଖବର ପହଞ୍ଚିଲା ଇଂରେଜ ସେନାଧକ୍ଷ କର୍ଣ୍ଣେଲ ମ୍ୟାକ୍ଓ୍ବାର୍ଡଙ୍କ କାନରେ । ଚମକି ପଡିଲା ଇଂରେଜ ସେନାପତି । ଓଠ ଦାଇଁଟା ଥରି ଉଠିଲା ।

ବଣୁଆ ଲୋକର ଏତେ ସାହସ ?

ଆଖିରେ ବାଇନାକୁଲର ଦେଇ ବହୁ ଦୂରକୁ ଚାହିଁଲା ମ୍ୟାକ୍ଓ୍ବାର୍ଡ । କଳା ମଚ ମଚ ଅସଂଖ୍ୟ ଲୋକ ହାତରେ ତିରଙ୍ଗା ଧରି ଆଗେଇ ଆସୁଛନ୍ତି ମୋଟୁ ଥାନା ଆଡ଼କୁ । ଅଳ୍ପ ସମୟ ଭିତରେ ମୋଟୁ ଥାନା ମେଳିଆଙ୍କ କବ୍ଜାକୁ ଚାଲି ଯିବ । ଡେରି କରିବା ଠିକ୍ ନୁହେଁ । ସୈନ୍ୟ ବାହିନୀକୁ ଆଦେଶ ଦେଲା ଫାୟାର ! ଡେଉ ଡେଉକା ପାହାଡ଼ରୁ ପ୍ରତିଧ୍ୱନିତ ହେଲା ଫାୟାର ।

କୋୟା ବିଦ୍ରୋହୀ ଅସ୍ତ୍ରର ଜବାବ୍ ଅସ୍ତ୍ରରେ ଦେଲେ । ଧନୁ ସାହାଯ୍ୟରେ ଶତ୍ରୁ ସୈନ୍ୟ ଉପରକୁ ଅବିଶ୍ରାନ୍ତ ତୀର ବର୍ଷା କଲେ । ଶବରୀ ଓ ଶିଲେରୁର ପାଣି ରକ୍ତ ରଞ୍ଜିତ ହେଲା । ବିଦ୍ରୋହୀ ସେନାପତି ତାମାଦୋରା ଘୋଡା ଉପରେ ବସି କର୍ଣ୍ଣେଲ ମ୍ୟାକଓ୍ବାର୍ଡ଼ଙ୍କୁ ନିଶାନ୍ କଲେ । ହଠାତ୍ ଶତ୍ରୁ ପକ୍ଷରୁ ଗୋଟାଏ ଗୁଳି ତାଙ୍କ ହାତରେ ଲାଗିଲା । ଧନୁତୀର ଧରି ତାମାଦୋରା ତଳକୁ ଖସି ପଡିଲେ ।

ବଣୁଆ ହସ ହସି ମ୍ୟାକଓ୍ବାର୍ଡ ତାମାଙ୍କୁ କହିଲା - କହ ତାମା ଇଂରେଜ ତୋର ରଜା ।

ମାଟି ଉପରେ ପଡ଼ିରହିଥିଲେ ମାଟି ମାଆର ପ୍ରକୃତ ସନ୍ତାନ ତାମାଦୋରା ମ୍ଳାନ ହସି କହିଲେ - ଜୀଇଥିବା ଯାଏ ଏକଥା କହିପାରିବି ନାହିଁ ସାହେବ୍ । ମାଲକାନାଗିରି ଆମ ରାଇଜ ଆମେ ହିଁ ତାର ରଜା । ଗୁଡୁମ୍—ଗୁଡୁମ୍

ଇଂରେଜ ସେନାପତି ମ୍ୟାକଓ୍ବାର୍ଡ଼ ହାତରେ ଶକ୍ତିଶାଳୀ ରିଭଲଭର୍ ଗର୍ଜି ଉଠିଲା । ଦେଶ ପ୍ରେମୀ ତାମା ଧରଣୀ ମାଆ କୋଳରେ ଢଳି ପଡ଼ିଲେ । ଇତିହାସର ଅମର ସାକ୍ଷୀ ତାମାଦୋରା । ସେହି ଅମର ଶହୀଦଙ୍କ ସ୍ମୃତି-ଚାରଣ କରି ଆଜି ମଧ୍ୟ ମାଲକାନାଗିରିରୁ ପ୍ରତିଧ୍ୱନିତ ହେଉଛି ମାଲକାନାଗିରି ଆମ ରାଇଜ, ଆମେ ହିଁ ତାର ରଜା ।

Digitized by srujanika@gmail.com

✵ ବିପ୍ଲବୀ କମଲ୍ ମାଝି :

୧୮୮୨ ଖ୍ରୀଷ୍ଟାବ୍ଦ । ଆକାଶରେ ସୂର୍ଯ୍ୟ ଦେବତାଙ୍କ ତାମ୍ରବର୍ଣ୍ଣିମା । କଳାହାଣ୍ଡିରେ ଆରମ୍ଭ ହେଲା ଭୟାନ୍ତ ଗଣ ବିଦ୍ରୋହ । ବିପ୍ଲବୀ କମଲ୍ ମାଝି ଥିଲେ ବିଦ୍ରୋହୀ ମୁଖ୍ୟ । ରାଣୀ ଆଶାକୁମାରୀଙ୍କ ରାଜୁତି ଚାଲିଥାଏ । ରାଜା ଉଦିତ୍ ପ୍ରତାପଙ୍କ ମୃତ୍ୟୁ ପରେ ଅରାଜକତା ବ୍ୟାପିଯାଇ ଥାଏ । ଇଂରେଜ ମାନେ ଆଦିବାସୀଙ୍କ ଉପରେ ଅମାନୁଷିକ ଅତ୍ୟାଚାର କରୁଥାଆନ୍ତି । ଆଦିବାସୀଙ୍କର ମନ ଅଶାନ୍ତ ହୋଇଗଲା । ଅଶାନ୍ତ ଆକ୍ରୋଶର ନିଆଁ ଜଳିଲା । ନିଜ ରାଜା ଓ ଇଂରେଜ ରାଜା ଉପରେ ତାତି ଉଠିଲେ ମାଟି ମାଆର ପ୍ରକୃତ ସନ୍ତାନ । ଅତ୍ୟାଚାରୀଙ୍କ ରକ୍ତରେ ତର୍ପଣ କରିବା ଲାଗି ସମସ୍ତେ ମାତି ଉଠିଲେ ।

ବିଦ୍ରୋହର ମୁଖ୍ୟ ଘାଟି - ବଲଉଦାର ଘୁରୁ ଗାଁ । ବିଦ୍ରୋହର ସଙ୍କେତ ଥିଲା-ଗଣ୍ଡି ତକା ଦଉଡ଼ି, ବଙ୍କା ଶର ଓ ମହୁଆ ଗଛଡାଳ । କନ୍ଧ ମେଳିଆଙ୍କ ସହିତ ହାତ ମିଳାଇଲେ କୁଟିଆ କନ୍ଧ ମାନେ । ଆହାର ମୁହଁରେ ଯିଏ ପ୍ରହାର ଦେଇଛି ତାକୁ ପ୍ରହାର ଦେବାକୁ ହେବ ।

କମିଶନର ଫ୍ରେଡରିକ୍ ବେଲ ବିଦ୍ରୋହ ଖବର ପାଇ କଳାହାଣ୍ଡିରେ ପହଞ୍ଚିଲେ । ପୋଲିସ୍ ଡି. ଏସ୍. ପି ଷ୍ଟ୍ରେଞ୍ଜର ଗ୍ରାଣ୍ଟ ମଧ୍ୟ ଆସିଲେ । ବସ୍ତୁତ ଗଞ୍ଜାମ ଓ ସମ୍ବଲପୁରଠାରୁ ଅଧିକ ଇଂରେଜ ସୈନ୍ୟ ମଗା ହେଲେ । ଊଣେଇଶି ଜଣ ବିଦ୍ରୋହୀଙ୍କୁ ଗୁଳି କରି ହତ୍ୟା କରାଗଲା । ସାତଜଣ ବିଦ୍ରୋହୀ ନେତା ଧରାପଡ଼ି ଫାଶି ପାଇଲେ ।

ଏହି ଗଣ ବିଦ୍ରୋହ ମୁଖ୍ୟତଃ କୃଷି ଭିତ୍ତିକ ଥିଲେ ମଧ୍ୟ ଇଂରେଜ କୁ-ଶାସନ ବିରୁଦ୍ଧରେ ହୋଇଥିଲା ।

✵ ବିପ୍ଲବୀ ଧରଣୀ ଧର :

୧୮୬୮ କେନ୍ଦୁଝରରେ ବିଦ୍ରୋହୀ ରତ୍ନା-ନାୟକ ଫାଶି ପାଇବା ପରେ ଫୁଲବାସୀ ରାଣୀଙ୍କ ପୁଅ ରାଜା ଧନୁର୍ଜୟ ନାରାୟଣ ଭଞ୍ଜ ବାଇଶି ବର୍ଷ ନିରୁପଦ୍ରବ ରାଜୁତି କରିଥିଲେ । କିନ୍ତୁ କିଏ ଜାଣିଥିଲା ପୃଥିବୀରେ ସୁପ୍ତ ଆଗ୍ନେୟ-

Digitized by srujanika@gmail.com

ଶୀଘ୍ର ସନ୍ଧିସ୍ଥ ହୋଇପିବ । ରାଜା ଧନୁର୍ଜୟ ଫୁଲବାଣୀ ରାଣୀ ଥିବାରୁ ତାଙ୍କ ପ୍ରତି ପ୍ରଜାଙ୍କର ବିଶେଷ ଭକ୍ତିଭାବ ନଥିଲା । ଇଂରେଜ ସାହାଯ୍ୟ ସହଯୋଗରେ ରାଜ୍ୟ ଶାସନ ଚାଲୁଥିଲା । ଏଥିପାଇଁ କେନ୍ଦୁଝରର ଆଦିବାସୀ ଭୂୟାଁ ମାନଙ୍କ ମନରେ ବିଦ୍ରୋହ ନିଆଁ ଜଳିଲା ।

ସେତେବେଳେ ଗଡ଼ଜାତ ରାଜ୍ୟ ଗୁଡ଼ିକରେ ବେଠି, ଭେଟି, ନଜରାନା ପ୍ରଭୃତି ଅନ୍ଧାକାନୁନ୍ ଚାଲିଥିଲା । ଗଡ଼ଜାତ ରାଜା ମାନେ ଖାଲି ନେବା କଥା ଜାଣିଥିଲେ । ଦେବା କଥା ଜାଣିନଥିଲେ । ସେମାନେ ଥିଲେ ସୁଖରେ ସାଥି ଦୁଃଖର ନୁହେଁ ।

୧୮୯୧ ରେ ଆରମ୍ଭ ହେଲା ପ୍ରଖ୍ୟାତ ଧରଣୀ ମେଳି । ଲୁହ ଲୁହ ଭରା ବେଠି ପ୍ରଥାରୁ ହିଁ ମେଳି ଆରମ୍ଭ ହେଲା । ରାଜା ଧନୁର୍ଜୟ ମାଛ କାଦଣା ନାମକ ଗୋଟିଏ ଜୋର ଖୋଳାଇବାକୁ ଚିନ୍ତା କରିଥିଲେ । କିନ୍ତୁ ମାଛ କାଦଣା ନାଳ ଖୋଳିବାକୁ ଯାଇ ରାଜା ଧନୁର୍ଜୟ ମଣିଷ ମାନଙ୍କୁ କନ୍ଦାଇଲେ ।

କେନ୍ଦୁଝରର ଉତ୍ତର ଦିଗରେ ଗୋଟିଏ ଜୋର ବା ଛୋଟ ନାଳ ଥାଏ । ଏହା ବୈତରଣୀ ନଦୀରେ ପଡ଼ିଥାଏ । ଯଦି ଏହି ନାଳରୁ ଗୋଟିଏ ନାହାର ଖୋଳାଯାଇଥାନ୍ତା ତେବେ ରାଜ୍ୟରେ ଜଳସେଚନର ସୁବିଧା ହୋଇଥାନ୍ତା । ଏହି ନାହାର ଖୋଳାଇବା ଲାଗି ଅନ୍ୟୂନ ଦଶହଜାର ଟଙ୍କା ଖର୍ଚ୍ଚ ହେବ ବୋଲି ଆସିଷ୍ଟାଣ୍ଟ ମ୍ୟାନେଜର ବାବୁ ବଚ୍ଛାନନ୍ଦ ଦାସ ଅଟକଳ କଲେ । କିନ୍ତୁ ରଜା ହୁକୁମ୍ ଦେଲେ ରାଜ କୋଷରୁ ଟଙ୍କାଏ ମଧ୍ୟ ଖର୍ଚ୍ଚ ହେବ ନାହିଁ କିନ୍ତୁ ନାହର ଖୋଳା ହେବ । ଆଖିରେ ପଡ଼ିଲେ ସହଣିକ ମଣିଷ ମାନେ । ଭୂୟାଁ, କାଥୁଡ଼ି, କୁଡ଼ମୀ ଆଦିବାସୀ । ବେଠିରେ ମାଛ କାଦଣା ଖୋଳା ହେଲା । ମାଛ ନ କାନ୍ଦି ମଣିଷ କାନ୍ଦିଲେ । ରକ୍ତ ନିଗାଡ଼ି ରକ୍ତ ଶୂନ୍ୟ ହେଲେ । କଙ୍କାଳ ପାଲଟିଲେ । ଧରଣୀଙ୍କ ଆହ୍ୱାନରେ ସେହି କଙ୍କାଳ ମାନେ ଆର୍ତ୍ତନାଦ କଲେ ୧୮୯୧ ମସିହାରେ ।

ଧରଣୀଙ୍କ ପ୍ରାଥମିକ ଜୀବନ ଏବେ ମଧ୍ୟ ରହସ୍ୟାବୃତ କିନ୍ତୁ ସେ କାଣ୍ଡି-ଜବଡ ଦଣ୍ଡପାଟର କୁମୁମିତା ଗାଁରେ ଜନ୍ମ ହୋଇଥିଲେ ୧୮୬୪ ମେ ପାଞ୍ଚ ତାରିଖ ଦିନ । ପିଲା ଦିନୁ ବହୁ କଷ୍ଟରେ ପାଠ ପଢ଼ିଥିଲେ । ରାଜା ଧନୁର୍ଜୟ

Digitized by srujanika@gmail.com

ଆଖି ପଡ଼ିଲା ଧରଣୀଙ୍କ ଉପରେ । ରାଜ କୋଷରୁ ଟଙ୍କା ଖର୍ଚ୍ଚ କରି କଟକର କେନ୍ଦୁଝର ବସାରେ ରଖାଇ ଧରଣୀଙ୍କୁ ସର୍ଭେ ସ୍କୁଲ ପଢ଼ାଇଲେ । ପରେ ମୟୂରଭଞ୍ଜ ରାଜାଙ୍କ ଅଧୀନରେ ଧରଣୀ ଚାକିରି ମଧ୍ୟ ପାଇଥିଲେ । କିନ୍ତୁ ଚାକିରି ଛାଡ଼ିଦେଲେ ।

ମାତ୍ର ଭାବନା ଯୋର ଖୋରାକ ହେଲା । ବ୍ରହ୍ମ ଉପାସକଙ୍କ ଆନନ୍ଦ ମଣିଷ ଉଚ୍ଚ ଶାବକରେ ଜନା ମୁଗ୍ଧ ହୋଇ ରହିଥିଲେ । ଜନା ଆଖିରୁ ଧାରା ଲୁହ ଝରାଉଥିଲେ । ଠିକ୍ ସେତେବେଳେ ଧରଣୀଙ୍କ ବିପ୍ଳବର ଆହ୍ୱାନ ଓଁକାରମ୍ ଶୁଣାଗଲା । ରାଜା କଥା କେହି ଶୁଣ ନାହିଁ - ମାନ ନାହିଁ

ସୁପ୍ତ ସିଂହ ଜାଗ୍ରତ ହେଲା । ଧରଣୀ ଇନ୍ଦ୍ର ଛଟ ପାହାଡ଼ ଉପରୁ ଡାକରା ଦେଲେ । ଏ ରାଜ୍ୟ ଆମର - ଏ ବଣ ପାହାଡ଼ ଆମର । ଫିରିଙ୍ଗି କିଏ ? ତାଙ୍କ ଡାକରାରେ କେନ୍ଦୁଝର, ବଣାଇ, ସିଂଭୂମି ଅଞ୍ଚଳର ଶତମାନ କୋଲ୍ହ, ଭୂୟାଁ ଆଦିବାସୀ ମୁକ୍ତି ସଂଗ୍ରାମରେ ଅବତୀର୍ଣ୍ଣ ହେଲେ । କିଏ ଜାଣିଥିଲା ଜଣେ କୃଷକ ଦମ୍ପତି ଲକ୍ଷ୍ମଣ ନାୟକ ଓ ବାଇଗଣୀ ଦେଈଙ୍କ ଘରେ ଜନ୍ମିଥିବା ଧରଣୀଧର ଧରଣୀକୁ ରକ୍ଷା ଲାଗି ଇଂରେଜ ସାମ୍ରାଜ୍ୟକୁ ଧମକାଇ ଦେବେ ।

ଧରଣୀଧର ପାଉଁଆଁ ଗାଁରେ ପଞ୍ଚାୟତ ଡକାଇଲେ । ଏ ଖବର ପାଇବା ମାତ୍ରେ ରାଜା ଧନୁର୍ଜୟ, ମ୍ୟାନେଜର ସଚ୍ଚିଦାନନ୍ଦ ଦାସ କନେଷ୍ଟ-ବଲ୍ ନାରାୟଣ ଯୋଇ ପାଉଁଆଁଠାରେ ପହଞ୍ଚିଲେ । କେତେଜଣ ବିଦ୍ରୋହୀଙ୍କୁ ସେଠାରୁ ଗିରଫ କରାଗଲା । କିନ୍ତୁ ଧରଣୀଧର ସେଠାରୁ ଫେରାର୍ ହୋଇଗଲେ ।

ଟମକପୁର, ଯୋଡ଼ା, ଗମ୍ଭିଳା, ରାଇସୁଆଁ, ନୟାକୋଟ, ତେଲକୋଇ, ବାଂଶପାଳର ଆଦିବାସୀ ମାନେ ଧରଣୀଙ୍କୁ କେନ୍ଦୁଝରର ନୂଆ ରଜା ବାଛିଲେ । ଲୋକଙ୍କରେ କଣ୍ଠଫୁଲ ମାଳ ଲମ୍ବାଇ ଦେଲେ । ଧରଣୀଙ୍କ ନୂଆ ରାଜଧାନୀ ହେଲା ରାଇସୁଆଁ । ସେ ଜନକୁ ମହାରାଣୀଙ୍କ ଦୂତ ରୂପେ ପରିଚୟ ଦେଇଥିଲେ । ଗୋଟିଏ ବିରାଟ ପଥର ଉପରେ ବସି ବିଦ୍ରୋହ କାର୍ଯ୍ୟ ପରିଚାଳନା କରୁଥିଲେ ।

Digitized by srujanika@gmail.com

ପ୍ରତ୍ୟେକ୍ଷ ଓ ପରୋକ୍ଷରେ ବହୁ ସରକାରୀ କର୍ମଚାରୀ ଧରଣୀଙ୍କୁ ସମର୍ଥନ ଦେଉଥିଲେ । ବିଦ୍ରୋହର ସୁପରିଚାଳନା ଲାଗି ଗୁଞ୍ଜ ନାୟକ, ଜାଳଆ ନାୟକ, ରଘୁ ଦେହୁରୀ ପ୍ରଭୃତି ଚେଉଁଟଣ ସେନାପତି ନିଯୁକ୍ତ ଥାଇଲେ । କୋଡ଼ିଏ ହଜାର ମୁକ୍ତି ପିପାସୁ ନର ନାରୀ ରେ-ରେ କାର ଚିତ୍କାର କରି ରାଜ ଉଆସ ଉପରେ ଆକ୍ରମଣ କଲେ । ରାଜା ଧନୁର୍ଜୟ ଗୁପ୍ତ ରାସ୍ତା ଦେଇ ରାଜ ପ୍ରସାଦରୁ ଖସିଗଲେ । ବିଦ୍ରୋହୀ ମାନଙ୍କୁ ଧରଣୀ ହୁକୁମ୍ ଦେଲେ କାହାକୁ ହତ୍ୟା କରାଯିବ ନାହିଁ । ଶିଶୁ ଓ ନାରୀ ମାନଙ୍କର ସୁରକ୍ଷା କରାଯିବ ।

ରାଜା ଧନୁର୍ଜୟ କମିଶନର ଟଏନବୀଙ୍କ ସାହାଯ୍ୟ ନେଉଥିଲେ । ଟଏନବୀ ମଧ୍ୟ ସାମରିକ ସାହାଯ୍ୟ ଲାଗି ବେଙ୍ଗଲ ଗଭର୍ଣ୍ଣର୍‌ଙ୍କୁ ଲେଖିଲେ । ଗୁଳିବସା ଠାରେ ଅବସ୍ଥିତ ଡେପୁଟି କମିଶନର ଡାଉସନ୍ କେନ୍ଦୁଝର ଆସିଲେ । ବିଦ୍ରୋହ ଦମନ ଲାଗି ଢେଙ୍କାନାଳ ଓ ମୟୂରଭଞ୍ଜ ରାଜାଙ୍କ ସାହାଯ୍ୟ ନିଆଗଲା ।

ମେ ପନ୍ଦର ତାରିଖ । ଦେଓ୍ୱାନ ଫକୀର ମୋହନଙ୍କୁ ବସନ୍ତପୁର ଘାଟିରେ ବିଦ୍ରୋହୀ ମାନେ କାବୁ କରିନେଲେ ଓ ହତ୍ୟା କରିବା ଧମକ୍ ଦିଆଗଲା । କିନ୍ତୁ ସୂଚତୁର ଦେଓ୍ୱାନ ଫକୀର ମୋହନ ପାନ ଗୁଆ ଖାଇବା ଆଳ ଦେଖାଇ ଚିଠି ଦ୍ୱାରା ସୈନ୍ୟ ବାହିନୀ ମଗାଇ ପଠାଇଲେ ଓ ଧରଣୀଙ୍କୁ ସେଇଠାରେ ଆରେଷ୍ଟ କରାଗଲା । କଟକ, ବାଲେଶ୍ୱର, ଭାଗଲପୁର, ଦୁମ୍କା ରାଞ୍ଚି ଓ ଗୁଳିବସାରୁ ସଶସ୍ତ୍ର ସୈନ୍ୟ ବାହିନୀ ମଗାହେଲା । ଡେପୁଟି କମିଶନର ଡାଉସନ୍, ପୋଲିସ୍ ଏସ. ଆଇ ଶଶିଭୂଷଣ ରାୟ, ବାଲେଶ୍ୱରର ପୋଲିସ୍ ଏସ. ପି ଡସନ୍ କନେଷ୍ଟବଲ ଭଗବାନ ଷେଣ୍ଢ ରାଇସୁଆଁର ଉତ୍ତର ଘଟ ଘେରାଉ କଲେ । ଅବିରତ ଗୁଳି ବର୍ଷଣ ହେଲା । ବିଦ୍ରୋହୀ ମାନଙ୍କୁ ଗିରଫ କରାଗଲା ।

ବିଚାର ପରେ ଧରଣୀଙ୍କୁ ପାଞ୍ଚ ବର୍ଷ ସଜା ହେଲା । ୧୮୯୯ରେ ତାଙ୍କୁ ଖଲାସ କରାଗଲା । ବିପ୍ଳବୀ ଧରଣୀଧରଙ୍କ ଜୀବନ ରାସ୍ତା ବଦଳି ଗଲା । ସେ ରୂପାନ୍ତରିତ ହେଲେ ବୈରାଗୀ ଧରଣୀଧରରେ । କେନ୍ଦୁଝରରୁ ପୁରୀ ଓ ତାପରେ ଆଳିଠାରେ ରହି ସନ୍ନ୍ୟାସୀ ଧରଣୀଧର ୧୯୩୪ ମସିହାରେ ଦେହ ତ୍ୟାଗ କଲେ ।

Digitized by srujanika@gmail.com

❋ ଶହୀଦ୍ ବୀର୍ସା ମୁଣ୍ଡା :

ମୁଁ ଯେ ଧରଣୀର ପିତା – ପୃଥିବୀ ମୋ ମାତା, ମୃତ୍ୟୁ ମୋର ନାହିଁ
ଏଇ ମୋ ଦେଶର ପ୍ରତି ଧୂଳିକଣା, ମୋ ରକ୍ତ ଉଠିବ ଗରଜି ।

ଏ ଥିଲା ବୀର୍ସା ମୁଣ୍ଡା ତଥା ବୀର୍ସା ଭଗବାନଙ୍କର ରକ୍ତରଞ୍ଜିତ ଆହ୍ୱାନ । ସିଂଭୂମିର ଶହୀଦ୍ ବୀର୍ସା ମୁଣ୍ଡା । ୧୯୪୭ ଡିସେମ୍ବର ଯାଏ ସିଂଭୂମି ଓଡ଼ିଶା ମଧ୍ୟରେ ମିଶି ରହିଥିଲା । ବିହାରର ଓଡ଼ିଶାର ସୀମାନ୍ତ ଅଞ୍ଚଳ ଗୁଡ଼ିକ ହେଲା ସିଂଭୂମି ଓଚଉଦାଟ, ସୁନ୍ଦରଗଡ଼ ଓ ରାଞ୍ଚି । ଉକ୍ତାଞ୍ଚଳ ବିଂଶ ଶତାବ୍ଦୀର ଆଦ୍ୟଭାଗରେ ବୀର୍ସାଙ୍କ ଭୂଇଁରୁ ଶୁଭିଲା ବିଦ୍ରୋହର ଆହ୍ୱାନ ଓ ଜୟରାମ୍ । ମଧ୍ୟଯୁଗୀୟ ଶୋଷଣ ଲୋପ ହେଉ । ଆମ ଶାସନ ପ୍ରତିଷ୍ଠିତ ହେଉ ।

ରାଞ୍ଚିଠାରୁ ପଇଁତିରିଶି କି. ମି. ଦୂର ଛୋଟ ନାଗପୁରର ଉଲିହାତୁ ଗାଁରେ ଜନ୍ମିଥିଲେ ବୀର୍ସା ମୁଣ୍ଡା, ବୀର୍ସା ଭଗବାନ୍, ଧରତି ଆବା । ବାପା ସୁଗନା ମୁଣ୍ଡା ମାଆ କରମି ହାତୁ । ମୁଣ୍ଡା ଆଦିବାସୀ । ପିଲାଦିନୁ ବୀର୍ସା ଭଗବତ୍ ତପସ୍ୱୀ ଥିଲେ ।

ବାଲ୍ୟ ଗୁରୁ ଜୟପାଲଙ୍କ ଠାରୁ ଅ. ଆ. କ. ଖ ଶିଖିବା ପରେ ବୁର୍ଜୁ ଠାରେ ଥିବା ଇଂରେଜ ସ୍କୁଲ୍‌ରେ ନାଁ ଲେଖା ହେଲା । ସ୍କୁଲ୍‌ର ଡାକ୍ତରଠୁ ତଳଟା ଯାଏ ସମସ୍ତେ ଗୋରା ସାହେବ । ସବୁ ସାହେବଙ୍କ ଟୋପି ଏକାପରି ।

ଥରେ ସହପାଠୀ ମାନେ ନିଜ କାନ୍ଧରେ ଜୁଆଳି ଲଗାଇ ବଳଦ ହୋଇ ସ୍କୁଲ୍ ଜମି ଚଷୁଥିଲେ । କଅଁଳିଆ ମଣିଷ ବୋଝ ବୁହା ବଳଦ ପାଲଟି ଗଲେ । ବୀର୍ସାଙ୍କ ଆଖିରେ ପଡ଼ିଲା ଏହି ଅମାନୁଷିକ ଅତ୍ୟାଚାର । ଜବରଦସ୍ତ ହଳ ଜୁଆଳି ନେଇ ସ୍କୁଲ୍ ପୋଖରୀ ଭିତରକୁ ଫିଙ୍ଗି ଦେଲେ । ଯେଉଁ ଗୋରା ଶିକ୍ଷକ ଏ କାର୍ଯ୍ୟ ସମ୍ପାଦନ କରୁଥିଲେ ସାଙ୍ଗେସାଙ୍ଗେ ପ୍ରଧାନ ଶିକ୍ଷକଙ୍କୁ ରିପୋର୍ଟ କଲେ । ରାଗରେ ନାଲି ହୋଇଗଲେ ହେଡ୍‌ମାଷ୍ଟ୍ର । ରାତସାରା ବୀର୍ସାଙ୍କୁ ବେତ ପାହାରରେ ସହିବାକୁ ପଡ଼ିଥିଲା । ସ୍କୁଲ୍ ଛଡ଼ା ଖାଇଲେ, ପାଠପଢ଼ା ବନ୍ଦ ହେଲା । ତାପରେ ବନ୍ଦଗାଁ ଜମିଦାର ଠାକୁର ଜଗମୋହନ ସିଂହଙ୍କ ମୁନ୍‌ସି ଆନନ୍ଦ ପାଣ୍ଡେଙ୍କ ଘରେ ଚାକିରି କଲେ । ସେଠାରେ ମଧ୍ୟ ମଣିଷ ଉପରେ ମଣିଷର ଅତ୍ୟାଚାର ।

Digitized by srujanika@gmail.com

ଅଭାବୀ ସଂସାର । ବାପା ବୋଇ ସବୁବେଳେ ବୀର୍ସାଙ୍କୁ ଗାଳି ଗୁଲଜ କରୁଥିଲେ । ବେକାର କହିବାକୁ କହୁଥିଲେ । ଘରେ ଭାତ ନଥିବାବେଳେ ମଶାଣିରେ ପୋଡା ହୋଇଥିବା ଶବ ଦେହରୁ ସୁନା ଅଳଙ୍କାର ଆଣି ଉଦର ପୂରଣ କରିଥିଲେ । ଚୋରି କରିଥିଲେ, ସେଥିରେ ମଧ୍ୟ ଭୁଲ ହେଲେ ଗାଳି-ମାଡ ସହୁଥିଲେ । ସାରା ଜୀବନ ଦୁଃଖ - ଦୁଃଖ - ଦୁଃଖ । ଦୁଃଖର ଚରମ ଦୁଃଖ ଭିତରୁ ବୀର୍ସା ଶିଖିଲେ ଅନ୍ୟକୁ ସୁଖଦେବେ ଆନନ୍ଦ ଦେବେ । ତାହେଲେ ମଣିଷ ଜୀବନ ସାର୍ଥକ ହେବ ।

୧୮୯୪ ଅକ୍ଟୋବର ମହିନା । ବୀର୍ସା ମୁଣ୍ଡା କେତେଜଣ ଆଦିବାସୀ ଯୁବକଙ୍କୁ ଧରି ଅନ୍ୟାୟ ଜଙ୍ଗଲ ଆଇନ ବିରୁଦ୍ଧରେ ଚହଲ ପରି ସ୍ୱତନ୍ତ୍ରତା ଅର୍ଜନ କଲେ । ଅତ୍ୟାଚାରିତ ଆଦିବାସୀ ଭାଇ ଭଉଣୀଙ୍କ ଲାଗି ବୀର୍ସା ହେଲେ ଧରତି ଅବା (ଜଗତପିତା) ବା ବୀର୍ସା ଭଗବାନ । ବିଦ୍ରୋହୀ ସାଥି ମାନଙ୍କୁ କୁହାଗଲା ବୀର୍ସା ଦଳ । ସେମାନଙ୍କ ସଂଖ୍ୟା ଥିଲା-୫୮୧ ।

ହାତରେ କୁରାଢୀ, ହାତରେ ଧନୁଶର ମୁଣ୍ଡରେ ମୁକ୍ତି ସଂଗ୍ରାମର ରକ୍ତତୋ ଟୀକା । ହେଡ୍ କନେଷ୍ଟବଲ୍ ଧୁପୁନ୍ ସିଂ ବିଦ୍ରୋହୀଙ୍କ ଦ୍ୱାରା ହଣା ଖାଇଲା କନେଷ୍ଟବଲ ଗୁଲବ୍ ଖାଁ । ବିଷ ତୀର ମାଡରେ ମଲା । ଖୁଣ୍ଟି ଥାନା ବିଦ୍ରୋହୀଙ୍କ ଦ୍ୱାରା ଅଧିକୃତ ହେଲା । କନେଷ୍ଟବଲ ରାମ ନରାମ, ଜୟରାମ ଓ ବୁଦ୍ଧୁରାମ ବିଦ୍ରୋହୀଙ୍କ ହାତରେ ମଲେ । ଫିରିଙ୍ଗି ସରକାର ବିଚଳିତ ହୋଇ ପଡିଲା ।

ସେଦିନ ଥିଲା ଜାନୁୟାରୀ ନଅ ତାରିଖ । ଡୋମ୍ବାରୀ ପର୍ବତ ଉପରେ ବିଦ୍ରୋହୀ ବୀର୍ସାଇତଙ୍କୁ ବୀର୍ସା ଭାଷଣ ଦେଉଥିଲେ । ଇଂରେଜ ପକ୍ଷରୁ ଅତର୍କିତ ଗୁଳି ବର୍ଷଣ ହେଲା । ଡେପୁଟି କମିଶନର ଷ୍ଟ୍ରିଟ୍ ଫିଲ୍ଡ ସେଦିନ ଦୁଇହଜାର ନରନାରୀଙ୍କୁ ମାରି ପକାଇଲେ । ଡୋମ୍ବାରୀ ହୋଇଗଲା ରକ୍ତତୀର୍ଥ ।

୧୯୦୦ ଫେବ୍ରୁୟାରୀ ତିନି ତାରିଖରେ ବୀର୍ସା ଗିରଫ ହେଲେ । ତାଙ୍କ ଖାଦ୍ୟରେ ବିଷ ପ୍ରୟୋଗ କରାଗଲା । ବୀର୍ସା କ୍ଲାନ୍ତ ହେଲେ ଓ ରକ୍ତ ତୀର୍ଥର ଯାତ୍ରୀ ହୋଇଗଲେ । ଧନ୍ୟ ବୀର୍ସା ଧନ୍ୟ ତୁମ ବୀରତ୍ୱ । ଜୟହିନ୍ଦ୍ ! !

—❀—

Digitized by srujanika@gmail.com